ବର୍ଷ-୨୬, ସଂଖ୍ୟା-୮୮
ଭୁବନେଶ୍ୱର
୦୧, ଏପ୍ରିଲ, ୨୦୨୬ ବୁଧବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No.88
Bhubaneswar
01 April, , 2026 Wednesday
Page-08, Rs.: 2.00

ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



ବନ୍ଦେ ଉତ୍କଳ ଜନନୀ

# 'ଓଡିଶା ବ୍ୟୟମଞ୍ଜୁରୀ ବିଲ-୨୦୨୬' ଗୃହରେ ପାରିତ

ଭୁବନେଶ୍ୱର,୩୧।୩(ମହାଭାରତ): ବିରୋଧୀ ଦଳ ସଦସ୍ୟଙ୍କ କକ୍ଷତ୍ୟାଗ ମଧ୍ୟରେ 'ଓଡିଶା ବ୍ୟୟମଞ୍ଜୁରୀ ବିଲ-୨୦୨୬' ଗୃହରେ ପାରିତ ହୋଇଛି। ଏହାସହିତ ୨୦୨୬-୨୭ ଆର୍ଥିକ ବର୍ଷର ପ୍ରଥମ ଦିନରୁ ଅର୍ଥାତ୍ ଆସନ୍ତାକାଲିଠୁ ବଜେଟ୍ ଅର୍ଥ ଖର୍ଚ୍ଚ କରିବାକୁ ରାଜ୍ୟ ସରକାରଙ୍କୁ ବିଧାନସଭାରୁ ଅନୁମତି ମିଳିଛି। ଏହି ବ୍ୟୟମଞ୍ଜୁରୀ ବିଲ୍ ଆଲୋଚ଼ନାରେ ଭାଗ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚ଼ରଣ ମାଝୀ ବିରୋଧୀଙ୍କ ଉପରେ ବର୍ଷିଛନ୍ତି।

ବିଧାନସଭା ଭିତରେ ଓ ବାହାରେ ବିରୋଧୀ ଦଳର ଆଚ଼ରଣକୁ ତୀବ୍ର ସମାଲୋଚ଼ନା କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟବାସୀ ସବୁ ଦେଖୁଛନ୍ତି ଓ ଆଗାମୀ ନିର୍ବାଚ଼ନରେ ଲୋକେ ନିଶ୍ଚିତ ଏହାର ଉଚ଼ିତ୍ ଜବାବ ଦେବେ। ଗୋଟିଏପଟେ ସମୃଦ୍ଧ ଓଡିଶା ଗଠନ ପାଇଁ ସରକାରଙ୍କ ରୋଡମ୍ୟାପକୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଗୃହକୁ ଅବଗତ କରିଥିବାବେଳେ ଅନ୍ୟପଟେ ବିରୋଧୀଙ୍କ ନୈତିକତା ଓ କାର୍ଯ୍ୟଶୈଳୀକୁ ନେଇ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି।

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ବିଜେଡି ସରକାରଙ୍କୁ ଟାର୍ଗେଟ୍ କରି କହିଛନ୍ତି ଯେ, ସମୟ ଥିଲା ଯେତେବେଳେ ଅଫିସରମାନେ ହିଁ ସରକାରଙ୍କ ପାଇଁ ନିଷ୍ପତ୍ତି ନେଉଥିଲେ ।ଆଉ ଛୋଟ ଛୋଟ ଘଟଣାରେ ମନ୍ତ୍ରୀମାନଙ୍କୁ ବଳି ପକାଯାଉଥିଲା। ଅଫିସର ଯାହା ଚ଼ାହୁଁଥିଲେ ସେୟା ହେଉଥିଲା। ଏପରିକି ସେହି 'ବିଶେଷ ବାବୁ'ଙ୍କ ଦ୍ୱାରା ଆଜିବି ବିରୋଧୀ ଦଳ ପରିଚ଼ାଳିତ ହେଉଛି। ଏକଥା ତାଙ୍କ ଦଳର ବିଧାୟକମାନେ ଚ଼ର୍ଚ୍ଚା କରୁଛନ୍ତି।

ପରି, ମମିତା ମେହେର,ମାହାଙ୍ଗା ଡବଲ ହତ୍ୟାକାଣ୍ଡ ଓ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ହତ୍ୟା ଭଳି ସଙ୍ଗୀନ ଘଟଣା ସମୟରେ ବିରୋଧୀଙ୍କ ନୈତିକତା କୁଆଡ ? ଯାଇଥିଲା ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପ୍ରଶ୍ନ କରିଛନ୍ତି। କଟକ ଏସସିବି ମେଡିକାଲ ଅଗ୍ନିକାଣ୍ଡ ଘଟଣାରେ ବିରୋଧୀଙ୍କ ହୋ-ହାଲ୍ଲାକୁ ସମାଲୋଚ଼ନା କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପୂର୍ଣ୍ଣାଙ୍ଗ ରିପୋର୍ଟ ଆସିଲେ ହିଁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଓ ସେତେବେଳେ ଜଣାପଡିବ କିଏ ପ୍ରକୃତରେ ସବଳ।

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ବିଧାନସଭା ଭିତରେ ଓ ବାହାରେ ବିଜେଡି ଓ କଂଗ୍ରେସ ମଧ୍ୟରେ ବଢୁଥିବା ଘନିଷ୍ଠତାକୁ ନେଇ ମୁଖ୍ୟମନ୍ତ୍ରୀ



ଚ଼ିରାଚ଼ରିତ ଢଙ୍ଗରେ କଟାକ୍ଷ କରିଛନ୍ତି। ସେ କହିଛନ୍ତି ଯେ, ଗତକାଲି ପିଏମଜି ଠାରେ ଦୁଇ ଦଳ ଏକାଠି ହୋଇ ଯେଉଁ ଶକ୍ତି ପ୍ରଦର୍ଶନ କଲେ ତାହା ଗଣତନ୍ତ୍ର ପାଇଁ ଶୁଭ ସୂଚ଼ନା ବୋଲି ମୁଖ୍ୟମନ୍ତ୍ରୀ କହିବା ସହ ଯଦି ଏକାଠି ହେବା ପୂର୍ବରୁ ନିଜ ନିଜ ଦଳର ବିଧାୟକମାନଙ୍କୁ ବିଶ୍ୱାସକୁ ନେଇଥାନ୍ତେ ରାଜ୍ୟସଭା ନିର୍ବାଚ଼ନବେଳେ ଏକସଙ୍ଗେ ଏତେ ସଦସ୍ୟ ଦଳର ହାତ ଛାଡିନଥାନ୍ତେ ବୋଲି ସେ କହିଛନ୍ତି। ଆଖିରେ ଲୁହ ନଥାଇ କାନ୍ଦିବା ଶୋଭା ପାଉନି ବୋଲି ସେ କହିବା ସହ ଏସସିବି ଅଗ୍ନିକାଣ୍ଡ ଘଟଣାରେ ପୂର୍ଣ୍ଣାଙ୍ଗ ତଦନ୍ତ ରିପୋର୍ଟ ଆସିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସୂଚ଼ନା ଦେଇଛନ୍ତି। କିଏ କେତେ ସବଳ ସେତେବେଳେ ଜଣାପଡିଯିବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି।

ସେହିପରି ୨୦୨୬-୨୭ ଆର୍ଥିକ ବର୍ଷର ବଜେଟ୍ ସମ୍ପର୍କରେ ସୂଚ଼ନା ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ, ଏହି ବଜେଟ୍ କେବଳ ବାର୍ଷିକ ବଜେଟ ନୁହେଁ ବରଂ ସମୃଦ୍ଧ ଓଡିଶା ଗଠନ ପାଇଁ ଏକ ରୋଡମ୍ୟାପ୍। ୨୦୩୬ ସୁଦ୍ଧା ଓଡିଶାକୁ ୫୦୦ ବିଲିୟନ ଡଲାର ଓ ୨୦୪୭ ସୁଦ୍ଧା ୧.୫ ଟ୍ରିଲିୟନ ଡଲାରର ଅର୍ଥନୀତିରେ ପରିଣତ କରିବାର ଲକ୍ଷ୍ୟ ରଖାଯାଇଛି। ମହିଳାମାନଙ୍କ ବିକାଶ ପାଇଁ ବଜେଟରେ ୧ ଲକ୍ଷ ୨୨ ହଜାର ୭୬୪ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଥିବାବେଳେ କୃଷି କ୍ଷେତ୍ର ପାଇଁ ୪୨୪୯୨ କୋଟି ଟଙ୍କା ଆବଂଟନ ହୋଇଛି ।

ସେହିପରି ରାଜ୍ୟରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ଭିତ୍ତିଭୂମିର ବିକାଶ ପାଇଁ ଅନେକ ନୂଆ ଯୋଜନା ଯଥା 'ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ', 'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ' ଓ 'ଅଟଳ ଏକ୍ସପ୍ରେସୱେ' ଭଳି ମହତ୍ୱାକାଂକ୍ଷୀ ପ୍ରକଳ୍ପ ଉପରେ ସରକାର ଗୁରୁତ୍ୱ ଦେଉଥିବା ମୁଖ୍ୟମନ୍ତ୍ରୀ ସୂଚ଼ନା ଦେଇଛନ୍ତି। ସେହିପରି ରାଜ୍ୟରେ ପେଟ୍ରୋଲ, ଡିଜେଲ ବା ଗ୍ୟାସର କୌଣସି ସଙ୍କଟ ନାହିଁ ଓ ପର୍ଯ୍ୟାପ୍ତ ପରିମାଣର ଗଚ଼୍ଛିତ ଅଛି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ରାଜ୍ୟବାସୀଙ୍କୁ ଆଶ୍ୱସ୍ତ କରିଛନ୍ତି । ଗତ ୨୪ ବର୍ଷର ସୁଶାସନ ସମୟରେ ଓଡିଶାର ଚ଼ାଷୀଙ୍କ ଆୟ ଦେଶରେ ସବୁଠାରୁ ନିମ୍ନରେ ଥିବାବେଳେ ପୂର୍ବ ସରକାର କେବଳ ସ୍ଲୋଗାନରେ ଚ଼ାଷୀଙ୍କ ଆୟ ଦ୍ୱିଗୁଣିତ କରିବା କଥା କହୁଥିଲେ ବୋଲି ସେ କଟାକ୍ଷ କରିଛନ୍ତି ।

# ଭିଜିଲାନ୍ସ ଜାଲରେ ଓପିଏଚ୍‌ଡବ୍ଲୁସିର ଡେପୁଟୀ ମ୍ୟାନେଜର

ଭୁବନେଶ୍ୱର,୩୧।୩(ମହାଭାରତ): ଭିଜିଲାନ୍ସ ଜାଲରେ ପଡିଛନ୍ତି ଓଡିଶା ପୁଲିସ ହାଉସିଂ ଆଣ୍ଡ ୱେଲଫେୟାର କର୍ପୋରେସନ୍ (**ଓପିଏଚ୍‌ଡବ୍ଲୁସି**)ର ସମ୍ବଲପୁର ଡିଭିଜନ୍‌ର ଡେପୁଟୀ ମ୍ୟାନେଜର ବିଦ୍ୟୁତ ରଞ୍ଜନ ଭୋଳ। ସମ୍ବଲପୁର ରେଳ ଷ୍ଟେସନ ନିକଟରେ ଭିଜିଲାନ୍ସ ଟିମ୍ ତାଙ୍କୁ ଧରିବା ପରେ ତାଙ୍କଠାରୁ ୫ ଲକ୍ଷ ଟଙ୍କା ଜବତ କରାଯାଇଥିଲା। ଏହା ଲାଞ୍ଚ ଟଙ୍କା ବୋଲି ସନ୍ଦେହ କରାଯାଉଛି।



ଏହା ପରେ ଭିଜିଲାନ୍ସ ପକ୍ଷରୁ ସମ୍ବଲପୁର, ଭୁବନେଶ୍ୱର ଓ ଗଞ୍ଜାମର ଭଞ୍ଜନଗରରେ ଥିବା ତାଙ୍କର ଠିକଣାଗୁଡିକରେ ଭିଜିଲାନ୍ସ ପକ୍ଷରୁ ଚ଼ାଉ କରାଯାଇଥିଲା। ଏହି ଚ଼ାଉ ବେଳେ ତାଙ୍କର ଭୁବନେଶ୍ୱର ସ୍ଥିତ ବାସଭବନରୁ ଆଉ ନଗଦ ୫ ଲକ୍ଷ ଟଙ୍କା ମିଳିଥିଲା। କେବଳ ଏତିକି ନୁହେଁ, ଭୁବନେଶ୍ୱରର ଚ଼ନ୍ଦ୍ରଶେଖରପୁର ଅଞ୍ଚଳରେ ଥିବା ତାଙ୍କ ଭଉଣୀଙ୍କ ବାସଭବନରୁ ୭୦ଟି ୫୦୦ ଟଙ୍କିଆ ନୋଟ୍ ବିଡା ମିଳିଛି। ଏକ ଟିଣ ବାକ୍ସରେ ଏହି ଟଙ୍କା ରଖାଯାଇଥିଲା। ସୂଚ଼ନା ଅନୁଯାୟୀ, ଏହି ଚ଼ାଉ ବେଳେ ମୋଟ ୪୫ ଲକ୍ଷ ଟଙ୍କା ଜବତ କରାଯାଇଛି। ତେବେ ଗଣତି ଚ଼ାଲିଥିବା ଭିଜିଲାନ୍ସ ଏନେଇ ସ୍ପଷ୍ଟ କରି ନାହିଁ। ଡେପୁଟୀ ମ୍ୟାନେଜର ବିଦ୍ୟୁତ ରଞ୍ଜନ ଭୋଳ ବିପୁଳ ପରିମାଣରେ ଲାଞ୍ଚ ଅର୍ଥ ନେଇ ଯାଉଥିବା ସଂପର୍କରେ ଭିଜିଲାନ୍ସ ପାଖରେ ନିର୍ଦ୍ଦିଷ୍ଟ ସୂଚ଼ନା ରହିଥିଲା। ସେହି ସୂଚ଼ନା ଆଧାରରେ ଭିଜିଲାନ୍ସ ରେଡ୍ କରି ଶ୍ରୀ ଭୋଳଙ୍କୁ ସମ୍ବଲପୁର ରେଳ ଷ୍ଟେସନ ନିକଟରୁ ଧରିଥିଲା। ଭିଜିଲାନ୍ସ ପକ୍ଷରୁ ଚ଼ାଉ ଜାରି ରହିଛି। ଶ୍ରୀ ଭୋଳଙ୍କୁ ସମ୍ବଲପୁର ସ୍ଥିତ ଭିଜିଲାନ୍ସ କାର୍ଯ୍ୟାଳୟରେ ଅଟକ ରଖାଯାଇ ପଚ଼ରାଉଚ଼ରା କରାଯାଉଥିବା ଜଣାପଡିଛି।

# ଶୀତଳା ଅଷ୍ଟମୀ ମେଳାରେ ଦଳାଚକଟା, ୮ ମୃତ

ପାଟନା,୩୧।୩(ମହାଭାରତ): ବିହାରର ନାଳନ୍ଦା ଜିଲ୍ଲାର ମାଘରା ଗ୍ରାମରେ ଥିବା ମାତା ଶୀତଳାଷ୍ଟମୀ ମନ୍ଦିରରେ ମଙ୍ଗଳବାର ଦିନ ଏକ ବିଶାଳ ଭିଡ଼ ମଧ୍ୟରେ ଦଳାଚକଟା ଘଟି ୮ ଜଣ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଘଟିଥିବା ବେଳେ ୬ ରୁ ଅଧିକ ଆହତ ହୋଇଛନ୍ତି। ତଥାପି, ପ୍ରଶାସନ ପକ୍ଷରୁ ମୃତକଙ୍କ ସଂଖ୍ୟା ଆନୁଷ୍ଠାନିକ ଭାବରେ ନିଶ୍ଚିତ କରାଯାଇ ନାହିଁ। ଏହି ଘଟଣା ପରେ ମନ୍ଦିର ପରିସର ଏବଂ ହସ୍ପିଟାଲରେ ଉତେଜନା ପ୍ରକାଶ ପାଇଥିଲା। ଆହତମାନଙ୍କୁ ଚିକିତ୍ସା ପାଇଁ ତୁରନ୍ତ ମଡେଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସମସ୍ତ ମୃତକ ମହିଳା ବୋଲି ଜଣାପଡିଛି। ଏପର୍ଯ୍ୟନ୍ତ ମୃତକଙ୍କ ମଧ୍ୟରୁ ଦୁଇଜଣଙ୍କ ପରିଚୟ ମିଳିଛି । ସେମାନେ ହେଲେ ସକୁନ୍ତ ବିହାରର ବାସିନ୍ଦା ଦିନେଶ ରଜକଙ୍କ ପତ୍ନୀ ୫୦ ବର୍ଷୀୟା ରୀତା ଦେବୀ ଏବଂ ମଥୁରାପୁର (ନୁରସରାଇ) ନିବାସୀ କମଲେଶ ପ୍ରସାଦଙ୍କ ପତ୍ନୀ ୪୫ ବର୍ଷୀୟା ରେଖା ଦେବୀ।ଇତିମଧ୍ୟରେ, ମୁଖ୍ୟମନ୍ତ୍ରୀ ନୀତିଶ କୁମାର ଶୀତଳା ଦେବୀ ମନ୍ଦିରରେ ଦଳାଚକଟା ଘଟି ଶ୍ରଦ୍ଧାଳୁଙ୍କ ମୃତ୍ୟୁ ପାଇଁ ଗଭୀର ଶୋକ ପ୍ରକାଶ କରିଛନ୍ତି। ଦୁର୍ଘଟଣାରେ ଆହତଙ୍କ ଶୀଘ୍ର ଆରୋଗ୍ୟ ପାଇଁ ସେ ପ୍ରାର୍ଥନା କରିଛନ୍ତି। ମୁଖ୍ୟମନ୍ତ୍ରୀ ମୃତକଙ୍କ ପରିବାରକୁ ପ୍ରତ୍ୟେକଙ୍କୁ ୬ ଲକ୍ଷ ଟଙ୍କା ଲେଖାଏଁ ସହାୟତା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ସନ୍ତୁଗୋପାଳନ ହେଲେ ଅବକାରୀ ସଚ଼ିବ

ଭୁବନେଶ୍ୱର,୩୧।୩(ମହାଭାରତ): ରାଜ୍ୟ ସରକାର ଆଜି ଆଇଏଏସ୍ ଅଫିସରସ୍ତରରେ ଛୋଟଧରଣର ଅଦଳବଦଳ କରିଛନ୍ତି। ୧୯୯୯ ବ୍ୟାଚ଼ ଆଇଏଏସ୍ ଭାସ୍କରଜ୍ୟୋତି ଶର୍ମାଙ୍କୁ ଅବକାରୀ ସଚ଼ିବ ପଦରୁ ହଟାଇ ଦେଇ ଫୁଲଟାଇମ୍ ଜଙ୍ଗଲ ଓ ପରିବେଶ ବିଭାଗର ପ୍ରମୁଖ ସଚ଼ିବ ଭାବେ ଅବସ୍ଥାପିତ କରାଯାଇଛି। ଶ୍ରୀ ଶର୍ମା ଅତିରିକ୍ତ ଭାବେ ଓପିଟିସିଏଲ୍ ଅଧ୍ୟକ୍ଷ ଓ ପରିଚ଼ାଳନା ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ମଧ୍ୟ ତୁଲାଇବେ।

ସେହିପରି ରାଜ୍ୟ ମୁଖ୍ୟ ନିର୍ବାଚ଼ନ ଅଧିକାରୀ(ସିଇଓ) ୨୦୦୧ ବ୍ୟାଚ଼ର ଆଇଏଏସ୍ ଆର.ସନ୍ତୁଗୋପାଳନଙ୍କୁ ଅବକାରୀ ବିଭାଗର ପ୍ରମୁଖ ସଚ଼ିବ ଭାବେ ଅତିରିକ୍ତ ଦାୟିତ୍ୱ ନ୍ୟସ୍ତ ହୋଇଛି। ସେ ରାଜ୍ୟ ପାନୀୟ ନିଗମର ଅଧ୍ୟକ୍ଷ ଭାବେ ମଧ୍ୟ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ଶ୍ରୀ ସନ୍ତୁଗୋପାଳନ ଏହି ନୂଆ ଦାୟିତ୍ୱ ଗ୍ରହଣ କରିବା ପରେ ଶ୍ରୀ ଶର୍ମାଙ୍କୁ ଅବ୍ୟାହତି ମିଳିବ ।ନିର୍ବାଚ଼ନ ଆୟୋଗଙ୍କ ଅନୁମତି ମିଳିବା ପରେ ପ୍ରମୁଖ ସଚ଼ିବ ପାହ୍ୟାର ଆଇଏଏସ୍ ଶ୍ରୀ ସନ୍ତୁଗୋପାଳନଙ୍କୁ ରାଜ୍ୟ ସରକାର ସିଇଓ ସମେତ ଏହି ଅତିରିକ୍ତ ଦାୟିତ୍ୱ ନ୍ୟସ୍ତ କରିଛନ୍ତି। ଏପ୍ରିଲ ମାସରେ ରାଜ୍ୟରେ ମଦ ଦୋକାନଗୁଡିକର ଲଟେରୀ ପ୍ରକ୍ରିୟା ହେବ। ସେହିପରି ପର୍ଯ୍ୟଟନ ବିଭାଗର କମିଶନର ତଥା ସଚ଼ିବ ୨୦୦୭ ବ୍ୟାଚ଼ ଆଇଏଏସ୍ ବଲବନ୍ତ ସିଂହଙ୍କୁ ଓଡିଶା ରାଜ୍ୟ ରାଜପଥ ପ୍ରାଧିକରଣର ଅଧ୍ୟକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ମିଳିଛି । ପୂର୍ବରୁ ତାଙ୍କୁ ଏହି ପ୍ରାଧିକରଣର ପରିଚ଼ାଳନା ନିର୍ଦ୍ଦେଶକ ଭାବେ ମିଳିଥିବା ନିଯୁକ୍ତିକୁ ସରକାର ରଦ୍ଦ କରିଦେଇଛନ୍ତି । ଯଦିଓ ଏହି ପ୍ରାଧିକରଣ ଏପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇନାହିଁ। ଆଜି ଏହି ବଦଳି ସଂକ୍ରାନ୍ତରେ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି।

# ମାଓବାଦୀ ଆତ୍ମସମର୍ପଣ ଡେଡଲାଇନ୍ ଶେଷ

ଭୁବନେଶ୍ୱର,୩୧।୩(ମହାଭାରତ): ଓଡ଼ିଶାରେ ନକ୍ସଲ ଦମନ ସଫଳ । ରାଜ୍ୟରେ ପ୍ରାୟ ଆଉ ମାଓବାଦୀଙ୍କ ଭୟ ନାହିଁ । ମାଓମୁକ୍ତ ଭାରତ ଡେଡଲାଇନର ଶେଷ ଦିନରେ



ଏଭଳି କିଛି କହିଛନ୍ତି ଇଓଏ ସଂଜୀବ ପଣ୍ଡା । ନକ୍ସଲ ମୁକ୍ତ ଦେଶ ଘୋଷଣା ପରଠାରୁ ଓଡ଼ିଶାରେ ମୋଟ୍ ୧୫୬ଜଣ ମାଓବାଦୀ ଆତ୍ମସମର୍ପଣ କରିଥିବା ବେଳେ ପୁଲିସ ବିରୋଧରେ ଶସ୍ତ୍ର ଉଠାଇଥିବା ୨୭ଜଣ ମାଓବାଦୀଙ୍କୁ ନିହତ କରାଯାଇଛି ।ମାଓବାଦୀଙ୍କୁ ମାର୍ଚ୍ଚ ଶେଷ ସୁଦ୍ଧା ଆତ୍ମସମର୍ପଣ କରିବାକୁ କେନ୍ଦ୍ର ସରକାର ଡେଡଲାଇନ୍ ଦେଇଥିଲେ । ଏହା ପରଠାରୁ ଲଗାତାର ଭାବେ ମାଓବାଦୀମାନେ ପୁଲିସ ସାମ୍ନାରେ ଆତ୍ମସମର୍ପଣ କରୁଛନ୍ତି । ଆଜି ସୁଦ୍ଧା ୧୫୬ ମାଓବାଦୀ ଶସ୍ତ୍ର ଛାଡ଼ି ସମାଜର ମୁଖ୍ୟସ୍ରୋତରେ ସାମିଲ୍ ହୋଇଛନ୍ତି । ଅନ୍ୟପଟେ ସରକାରଙ୍କ ଘୋଷଣାକୁ ଖାତିର ନକରି ପୁଲିସ ବିରୋଧରେ ଶସ୍ତ୍ର ଉଠାଇ ଥିବା ୨୭ଜଣ ନକ୍ସଲଙ୍କୁ ସୁରକ୍ଷାବଳ ଏନକାଉଣ୍ଟର କରିଛି । ଏହାଛଡ଼ା ମାଓ ଦମନ ଅପରେସନରେ ୯ଜଣ ନକ୍ସଲଙ୍କୁ ଗିରଫ କରାଯାଇଛି ବୋଲି ଇଓଏ ସଂଜୀବ ପଣ୍ଡା ସୂଚ଼ନା ଦେଇଛନ୍ତି । ମୋଟ୍ ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ୍ର ମଧ୍ୟରୁ ୭୮ଜଣ ଓଡ଼ିଶା ହୋଇଥିବା ବେଳେ ୪୨ଜଣ ଛତିଶଗଡ଼ର ରହିଛନ୍ତି ।୨୦୨୫ରେ ଓଡ଼ିଶାର ୯ଟି ଜିଲ୍ଲା ମାଓବାଦୀ ପ୍ରଭାବିତ ଥିଲା। ଏଥିରୁ ବର୍ତ୍ତମାନ ୮ଟି ଜିଲ୍ଲା ସମ୍ପୂର୍ଣ୍ଣ ଭାବେ ମାଓବାଦୀ ମୁକ୍ତ ହୋଇସାରିଛି । ମାଓବାଦୀ ଅପରେସନରେ ୨୩୯ଜଣ ଯବାନ ଶହୀଦ ହୋଇଥିବା ବେଳେ ୫୯ଜଣ ସାଧାରଣ ନାଗରିକଙ୍କୁ ମାଓବାଦୀମାନେ ହତ୍ୟା କରିଛନ୍ତି । ଏପରିକି ଡେଡଲାଇନର ଶେଷ ଦିନରେ ଦୁଇଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି ବୋଲି ସଂଜୀବ ପଣ୍ଡା କହିଛନ୍ତି ।ସେ ଆହୁରି ମଧ୍ୟ କହିଛନ୍ତି, ମାଓବାଦୀ ଆତ୍ମସମର୍ପଣ ନେଇ ଥିବା ସମୟସୀମା ଶେଷ ହୋଇଛି । କାଲିଠାରୁ ଆଉ ଆତ୍ମସମର୍ପଣ ସୁଯୋଗ ମିଳିବ ନାହିଁ । ଯେଉଁ ହାତ ଗଣତି କେତେ ଜଣ ରହିଛନ୍ତି, ସେମାନଙ୍କୁ ନିପାତ କରାଯିବ । ବର୍ତ୍ତମାନ ଓଡ଼ିଶାରେ ମାଓ ରିକ୍ରୁଟମେଣ୍ଟ ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇଛି ।

## ଜିଲ୍ଲା ସଂସ୍କୃତି ପରିଷଦ, ଜଗତସିଂହପୁର

ଗୌରବୋଜ୍ଜ୍ୱଳ ଐତିହ୍ୟ, ସଂସ୍କୃତି, କଳା ଓ ପରମ୍ପରାର ପ୍ରତୀକ ଜଗତସିଂହପୁର ଜିଲ୍ଲା ମହୋତ୍ସବ, 'କଲ୍ଲୋଳ-୨୦୨୬' ଏପ୍ରିଲ ମାସ ୧ ତାରିଖରୁ ୫ ତାରିଖ ପର୍ଯ୍ୟନ୍ତ ୫ ଦିନ ବ୍ୟାପି ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ୍‌ଠାରେ ମହାସମାରୋହରେ ପାଳନ କରାଯାଇଅଛି। ପ୍ରତିଦିନ ସଂଧ୍ୟାରେ **ସାଧାରଣ ସଭା, ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ, ପଲ୍ଲୀଶ୍ରୀ ମେଳା, ମହିଳାମାନଙ୍କ ମଧ୍ୟରେ ପାରମ୍ପରିକ ପିଠା, ଝୋଟି, ହୁଳହୁଳି ପ୍ରତିଯୋଗିତା, ସୁସ୍ୱାଦୁ ଖାଦ୍ୟମେଳା** ଇତ୍ୟାଦି କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି। ଏହି କାର୍ଯ୍ୟକ୍ରମରେ ସାମିଲ ହେବା ପାଇଁ ଜଗତସିଂହପୁର ଜିଲ୍ଲା ସଂସ୍କୃତି ପରିଷଦ ଆପଣଙ୍କୁ ଅନୁରୋଧ କରୁଅଛି।

**ଶ୍ରୀଯୁକ୍ତ ଜେ.ସୋନାଲ, (ଭା.ପ୍ର.ସେ)**
ଜିଲ୍ଲାପାଳ -ତଥା-ଅଧ୍ୟକ୍ଷ ଜିଲ୍ଲା ସଂସ୍କୃତି ପରିଷଦ, ଜଗତସିଂହପୁର

ସତ୍ୟମେବ ଜୟତେ



## ପବିତ୍ର ଓଡ଼ିଶା ଦିବସ-୨୦୨୬ ଅବସରରେ
## ଓଡ଼ିଶାର ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ଓଡିଶା ଦିବସ-୨୦୨୬ ଅବସରରେ ମୁଁ ରାଜ୍ୟବାସୀଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି। ଓଡିଶାକୁ ଏକ ସମୃଦ୍ଧ ଓ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ଆଜିର ଦିବସରେ ସମସ୍ତେ ସଂକଳ୍ପବଦ୍ଧ ହେବାକୁ ମୁଁ ଆହ୍ୱାନ ଜଣାଉଛି।

(ହରି ବାବୁ କମ୍ଭମପାଟି)

OIPR-15001/15001/2/25-26/0013

15001/13/2526



## ଓଡ଼ିଶା ଦିବସ ଅବସରରେ
## ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଜୟ ଜଗନ୍ନାଥ !

ଆଜି ଓଡିଶା ଦିବସ। ପ୍ରତ୍ୟେକ ଓଡିଆଙ୍କ ପାଇଁ ଅସ୍ମିତା ଓ ସ୍ୱାଭିମାନର ଦିବସ। ଏହି ଅବସରରେ ଓଡିଶା ତଥା ଦେଶ ଓ ବିଶ୍ୱର କୋଣ ଅନୁକୋଣରେ ରହୁଥିବା ଓଡିଆ ଭାଇଭଉଣୀମାନଙ୍କୁ ମୋର ଶୁଭେଚ଼୍ଛା ଓ ଅଭିନନ୍ଦନ ଜଣାଉଛି।

ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ ପାଇଁ ତ୍ୟାଗ ଓ ବଳିଦାନ ରଖିଥିବା ସମସ୍ତ ବରପୁତ୍ରମାନଙ୍କ ନୀତି ଓ ଆଦର୍ଶ ଆମକୁ ପିଢି ପରେ ପିଢି ଅନୁପ୍ରାଣିତ କରି ଆସୁଛି ଓ ଆସୁଥିବ। ଏହି ଅବସରରେ ସେମାନଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି।

ଓଡିଶା ଆଜି ନୂଆ ଆଶା, ନୂଆ ଭରସା ଓ ଗଭୀର ଆତ୍ମବିଶ୍ୱାସର ସହିତ ଆଗକୁ ବଢୁଛି। ୨୦୩୬ ସୁଦ୍ଧା ଆମେ ସମୃଦ୍ଧ ଓଡିଶା ଗଠନ ଲକ୍ଷ୍ୟ ରଖିଛୁ। ଆଗାମୀ ଦଶ ବର୍ଷ ପ୍ରତ୍ୟେକ ଓଡିଆଙ୍କ ପାଇଁ ସଂକଳ୍ପର ବର୍ଷ ହେଉ।

ଆସନ୍ତୁ, ଆମେ ସମସ୍ତେ, ସମୃଦ୍ଧ ଓଡିଶା ଗଠନର ଲକ୍ଷ୍ୟ ପୂରଣ ପାଇଁ ଦୃଢ ସଂକଳ୍ପବଦ୍ଧ ହୋଇ କାମ କରିବା।

ବନ୍ଦେ ଉତ୍କଳ ଜନନୀ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

## ୧୦ମିନିଟରେ ପ୍ରସ୍ତୁତ ହେଉଥିବା ୧୦ ପ୍ରକାର ଉପମା

ମସଲାଯୁକ୍ତ ଖାଦ୍ୟ ଆମ ସ୍ୱାସ୍ଥ୍ୟ ପାଇଁ ହିତକର ନୁହେଁ। କମ୍ ତେଲ, ମସଲାରେ କ'ଣ ଖାଦ୍ୟ ପ୍ରସ୍ତୁତ ହେବେ ସେନେଇ ସର୍ବଦା ଗୃହିଣୀମାନେ ଚିନ୍ତାରେ ପଡ଼ିଯାଇଥାଆନ୍ତି। କମ୍ ତେଲ ଓ ମସଲାରେ ୧୦ମିନିଟରେ ପ୍ରସ୍ତୁତ ହେଉଥିବା ୧୦ ପ୍ରକାର ଉପମାର ପ୍ରସ୍ତୁତି ପ୍ରଣାଳୀ ବିଷୟରେ ଆସନ୍ତୁ ଜାଣିବା।

ସୁଜି ଉପମା;ପ୍ରଥମେ ସୁଜି, ପିଆଜ ଓ ଆପଣଙ୍କ ପସନ୍ଦ ମୁତାବକ ପନିପରିବାକୁ ଭାଜିକି ରଖନ୍ତୁ। ନିଜର ଆବଶ୍ୟକତା ଅନୁଯାୟୀ ପାଣିକୁ ଫୁଟାନ୍ତୁ। ପାଣି ଫୁଟି ଗଲା ପରେ ସେଥିରେ ଭଜା ଯାଇଥିବା ସୁଜି, ପିଆଜ ଓ ପନିପରିବାକୁ ପକାଇ ଗୋଳାଇ ଦିଅନ୍ତୁ। ୫ ମିନିଟ ପର୍ଯ୍ୟନ୍ତ ଘାଣ୍ଟନ୍ତୁ। ଏହାପରେ ପରସି ଦିଅନ୍ତୁ ଗରମାଗରମ ଉପମା।

ବ୍ରେଡ ଉପମା:ସମାନଶୈଳୀରେ ଡାଲିଆ, ଚୁଡ଼ା, ସିମେଇ, ଶାଗୁ, ଓଟସ, ପାଳଙ୍ଗ, ସୋୟାବିନ୍ ଉପାମ ପ୍ରସ୍ତୁତ କରି ପାରିବେ। ସେହିପରି ପ୍ରଥମେ ତେଲରେ ପିଆଜ ସହିତ ବିଭିନ୍ନ ପ୍ରକାର ପନିପରିବାକୁ ଭାଜି ସେଥିରେ ଶୁଖିଲା ରୁଟିକୁ ଖଣ୍ଡଖଣ୍ଡ କରି ଚଟାପଟ ଉପାମା ପ୍ରସ୍ତୁତ କରିପାରିବେ। ଏହି ଉପାୟରେ ବ୍ରେଡ ଉପମା ବି ପ୍ରସ୍ତୁତ ହୋଇପାରିବ



ଖବର

# ହନୁମାନ ଜୟନ୍ତୀରେ ଆସିବ ରାମାୟଣ ଫିଲ୍ମରେ ପ୍ରଥମ ଝଲକ



ରଣବୀର କପୁର ଅଭିନୀତ ନୀତିଶ ତିୱାରି ନିର୍ଦ୍ଦେଶିତ ଫିଲ୍ମ ରାମାୟଣର ଟିଜର ୨ ଏପ୍ରିଲରେ ରିଲିଜ ହେବ । ଏହି ଫିଲ୍ମକୁ ଫ୍ୟାନ୍ସ ବହୁତ ଦିନରୁ ଅପେକ୍ଷା କରିଛନ୍ତି । ରିଲିଜ ପୂର୍ବରୁ ଟିଜରକୁ ସେଣ୍ଟ୍ରାଲ ବୋର୍ଡ ଅଫ୍ ଫିଲ୍ମ ସାର୍ଟିଫିକେସନ ଗ୍ରୀନ ସିଗନାଲ ଦେଇଛି ଯଟିଜର ରିଲିଜ ହେବା ପୂର୍ବରୁ 'ରାମ' ନାମରେ ଏହି ଟିଜରର ସାର୍ଟିଫିକେଟ ସୋସିଆଲ ମିଡିଆରେ ଭାଇରଲ ହେଉଛି । ଏଥିରେ ରେଟିଂ ଏବଂ ଟାଇମିଂ ବିଷୟରେ ସୂଚନା ମିଳୁଛି । ଟିଜର ଟ୍ରେଲର ଭଳି ଲମ୍ବା ରହିଛି, ଏଥିରେ ଫ୍ୟାନ୍ସଙ୍କୁ ଭଲ କେ ଦେଖିବାକୁ ମିଳିଛି ।ଟିଜର ୨ ମିନିଟ ୩୮ ସେକେଣ୍ଡର ରହିଛି । ଏହାକୁ ଟ ରେଟିଂ ମିଳିଛି । ଏହାକୁ ସମସ୍ତ ବର୍ଗର ଲୋକ ଦେଖିପାରିବେ । ମେକର୍ସ କେବଳ ଟାଇଟଲ ଆନାଉସମେ□ ଏବଂ 'ରାମାୟଣମ୍ : ଦ ଇଣ୍ଟ୍ରୋଡକ୍ସନ' ନାମରେ ୩ ମିନିଟ ୩ ସେକେଣ୍ଡର ଏକ ଭିଡିଓ ରିଲିଜ ହୋଇଛି । ଭିଡିଓରେ ଫିଲ୍ମର ଭବ୍ୟତା ଏବଂ ଭିଏଫଏକ୍ସର ଝଲକ ଦେଖିବାକୁ ମିଳିଛି । ଏଥିରେ ରଣବୀର କପୁର ଭଗବାନ ରାମଙ୍କ ଭୂମିକାରେ ନଜର ଆସିବେ ।ସେହିପରି ଯଶ ରାବଣ ଭୂମିକାରେ ନଜର ଆସିବେ । ସନ୍ନି ଦେଓଲ ହନୁମାନ ଭୂମିକା, ସାଇ ପଲ୍ଲବୀ ସୀତା ଭୂମିକା, ରବି ଦୁବେ ଲକ୍ଷ୍ମଣ ଭୂମିକାରେ ନଜର ଆସିବେ। ଫିଲ୍ମର ଗୀତ ହଂସ ଜିମର ଏବଂ ଏ.ଆର ରହମାନ ଦେଇଛନ୍ତି । ଫିଲ୍ମର ପ୍ରଥମ ପାର୍ଟ ଦୀପାବଳିରେ ରିଲିଜ ହେବ । ସେହିପରି ଦ୍ୱିତୀୟ ପାର୍ଟ ୨୦୨୭ରେ ଫିଲ୍ମ ହଲରେ ନଜର ଆସିବେ।

## ହନୁମାନଙ୍କ ପୂଜାର୍ଚ୍ଚନା ସମୟ



ପ୍ରଭୁ ଶ୍ରୀରାମଙ୍କ ଭକ୍ତ ହନୁମାନ ନିଜ ଭକ୍ତମାନଙ୍କ ଦୁଃଖ ଦୁର୍ଦ୍ଦଶା ସହି ପାରନ୍ତି ନାହିଁ। କାରଣ ହନୁମାନ ଖୁବ୍ ଦୟାଳୁ ବୋଲି ଶାସ୍ତ୍ରରେ ବର୍ଣ୍ଣନା କରାଯାଇଛି। ନିଷ୍ଠାର ସହ ହନୁମାନଙ୍କ ପୂଜା କଲେ ସେ ପ୍ରସନ୍ନ ହୋଇଥାନ୍ତି। ତେବେ ଆସନ୍ତୁ ଜାଣିବା କେଉଁ ସମୟରେ ହନୁମାନଙ୍କ ପୂଜାର୍ଚ୍ଚନା କରାଯାଏ। ଶାସ୍ତ୍ର ବର୍ଣ୍ଣନା ଅନୁସାରେ ପ୍ରଭୁ ହନୁମାନ ଦିନସାରା ଭଗବାନ ଶ୍ରୀରାମଙ୍କ ସେବାରେ ଲାଗିଥାନ୍ତି। ତେଣୁ ରାତି କିମ୍ବା ସଂଧ୍ୟାରେ ପ୍ରଭୁ ଶ୍ରୀରାମ ବିଶ୍ରାମ ନେବା ସମୟରେ ହନୁମାନ ତାଙ୍କ ସେବା କରି ନ ଥାନ୍ତି। ଏହି ସମୟରେ ସେ ନିଜ ଭକ୍ତଙ୍କର ଡ଼ାକ ସହଜରେ ଶୁଣି ଥାଆନ୍ତି। ତେଣୁ ସଂଧ୍ୟା ଅଥବା ରାତିରେ ଶ୍ରଦ୍ଧାର ସହ ହନୁମାନଙ୍କ ପୂଜାର୍ଚ୍ଚନା କଲେ ଭକ୍ତ ସମସ୍ତ ମନବାଞ୍ଛିତ ଫଳ ପ୍ରାପ୍ତି ହୋଇଥାଏ। ଶାନ୍ତ ପରିବେଶରେ ଏକାଗ୍ରତାର ସହ ସଂଧ୍ୟାରେ ପ୍ରଭୁଙ୍କୁ ପୂଜା କଲେ ଆଶୀର୍ବାଦ ମିଳିବା ସହ ଜୀବନରେ ଥିବା ବାଧାବିଘ୍ନ ଦୂର ହୋଇଥାଏ। ହନୁମାନଙ୍କ ପୂଜାର୍ଚ୍ଚନା ସହ ହନୁମାନ ଚାଳିଶା ପାଠ କଲେ ହନୁମାନ ପ୍ରସନ୍ନ ହୋଇଥାନ୍ତି ଓ ଶ୍ରଦ୍ଧାଳୁଙ୍କୁ ମନବାଞ୍ଛିତ ଫଳ ପ୍ରାପ୍ତି ହୋଇଥାଏ।

# ଦେବୀ ଦୁର୍ଗାଙ୍କ ଅସ୍ତ୍ରର ଅର୍ଥ



ଦେବୀ ଦୁର୍ଗା ସବୁଠାରୁ ଶକ୍ତିଶାଳୀ । ତାଙ୍କୁ ପୃଥିବୀର ସମସ୍ତ ରାକ୍ଷାସ ମାନଙ୍କୁ ହଟାଇବା ପାଇଁ ଅନେକ ଇଶ୍ୱରଙ୍କ ମିଳିତ ଶକ୍ତି ପ୍ରଦାନ କରାଯାଇଛି। ଦେବୀଙ୍କର ଦଶଟି ବାହୁ ତାଙ୍କ ଭକ୍ତଙ୍କ ସୁରକ୍ଷାକୁ ସୂଚିତ କରେ, ଯାହା ଆକାଶରୁ ପୃଥିବୀ ଯାଏଁ । ବାସ୍ତବରେ, ଦେବୀଙ୍କର ଶକ୍ତି ତାଙ୍କ ଦଶ ହାତରେ ଅସ୍ତ୍ର ଭାବରେ ଚିତ୍ରିତ ହୋଇଛି । ଅସ୍ତ୍ରଶସ୍ତ୍ରର ପ୍ରତୀକ ଏବଂ ଅର୍ଥ ଜାଣନ୍ତୁ -ତ୍ରିଶୂଳ- ଭଗବାନ ଶିବଙ୍କ ଦ୍ୱାରା ଉପହାର ପ୍ରାପ୍ତ ତ୍ରିଶୂଳ ରେ ତିନୋଟି ତୀକ୍ଷ୍ଣ ଧାର ଅଛି ଯାହା ତିନୋଟି ଗୁଣର ପ୍ରତୀକ ଅଟେ - ତନମାସ (ଶାନ୍ତି, ନିଷ୍କ୍ରିୟତା), ସତ୍ୟ (ପରିତ୍ରାଣ, ସକରାତ୍ମକତା ଏବଂ ଶୁଦ୍ଧତା) ଏବଂ ରାଜା (ଶାନ୍ତି, ହାଇପରାକ୍ଟିଭିଟି ଏବଂ ଇଚ୍ଛା) ଯ ଶଙ୍ଖ- ଶଙ୍ଖ ଶବ୍ଦ ଓମ୍' ନାମକ ଶୁଦ୍ଧ ଏବଂ ପବିତ୍ର ଧ୍ୱନିର ପ୍ରତୀକ ଅଟେ ଯେଉଁଠାରୁ ବ୍ରହ୍ମାଣ୍ଡର ସମସ୍ତ ସୃଷ୍ଟି ହୋଇଥିଲା । ଏହାକୁ ଭଗବାନ ବରୁଣ ଉପହାର ଦେଇଥିଲେ। ସୁଦର୍ଶନ ଚକ୍ର -ଚକ୍ର ହେଉଛି ଭଗବାନ ବିଷ୍ଣୁଙ୍କ ଏକ ଉପହାର ଯାହାର ପ୍ରତୀକ ଅଟେ ଯେ ଜଗତ ଦୁର୍ଗାଙ୍କ ଦ୍ୱାରା ନିୟନ୍ତ୍ରିତ, ଯିଏ ସୃଷ୍ଟିର କେନ୍ଦ୍ର ଅଟେ ଏବଂ ବ୍ରହ୍ମାଣ୍ଡ ତାଙ୍କ ଚାରିପାଖରେ ଘୂରି ବୁଲୁଛି । ଏହା ମଧ୍ୟ ଧାର୍ମିକତା କିମ୍ବା ଧର୍ମର ପ୍ରତୀକ ଅଟେ ଯେହେତୁ ଏହା ଦେବୀଙ୍କ ଆଙ୍ଗୁଠିରେ ଘୂର୍ଣ୍ଣନ କରେ । ଏହି ଅସ୍ତ୍ର ସମସ୍ତ ମନ୍ଦକୁ ନଷ୍ଟ କରିବା ଏବଂ ଧାର୍ମିକମାନଙ୍କୁ ସୁରକ୍ଷା ଦେବା ପାଇଁ ବ୍ୟବହୃତ ହୁଏ ।ପଦ୍ମ- ପଦ୍ମ ହେଉଛି ଭଗବାନ ବ୍ରହ୍ମାଙ୍କର ପ୍ରତୀକ ଯାହା ଜ୍ଞାନର ପ୍ରତିନିଧିତ୍ୱ କରେ। ଅନ୍ଧକାର ସମୟରେ ମନରେ ଆଧ୍ୟାତ୍ମିକ ଚେତନାର ଜାଗରଣର ପ୍ରତୀକ ଅଟେ। ଧନୁ ଏବଂ ତୀର- ଧନୁ ଏବଂ ତୀରକୁ ଭଗବାନ ବାୟୁ ଏବଂ ଭଗବାନ ସୂର୍ଯ୍ୟଙ୍କ ଦ୍ୱାରା ଉପହାର ଦିଆଯାଇଛି । ଧନୁ ସମ୍ଭାବ୍ୟ ଶକ୍ତିକୁ ପ୍ରତିନିଧିତ୍ୱ କରେ ଯେତେବେଳେ ତୀରଟି ଗତିଜ ଶକ୍ତି ପାଇଁ ଥାଏ ଯଏହା ମଧ୍ୟ ପ୍ରତୀକ କରେ ଯେ ଦେବୀ ଦୁର୍ଗା ହିଁ ବ୍ରହ୍ମାଣ୍ଡର ସମସ୍ତ ଶକ୍ତି ଉତ୍ସକୁ ନିୟନ୍ତ୍ରଣ କରନ୍ତିଯ ବଜ୍ର- ଭଗବାନ ଇନ୍ଦ୍ରଙ୍କ ଉପହାର ଆତ୍ମା, ନିଷ୍ଠା ଏବଂ ସର୍ବୋଚ୍ଚ ଶକ୍ତିର ପ୍ରତୀକ ଅଟେ । ଦେବୀ ଦୁର୍ଗା ତାଙ୍କ ଭକ୍ତଙ୍କୁ ଅବିସ୍ମରଣୀୟ ଆତ୍ମବିଶ୍ୱାସ ଏବଂ ଇଚ୍ଛାରେ ଶକ୍ତି ପ୍ରଦାନ କରନ୍ତି । ଖଣ୍ଡା-ଭଗବାନ ଗଣେଶଙ୍କ ଦ୍ୱାରା ଦିଆଯାଇଥିବା ଖଣ୍ଡା ଜ୍ଞାନ ଏବଂ ବୁଦ୍ଧିର ପ୍ରତୀକ ଅଟେ ।ଏହା ବୁଦ୍ଧିର ତୀକ୍ଷ୍ଣତାକୁ ଏବଂ ଖଡ୍ଗର ଉଜ୍ଜ୍ୱଳ ଶକ୍ତି ଜ୍ଞାନକୁ ପ୍ରତିପାଦିତ କରେ ।

# ଘରେ ସୁଖ ସମୃଦ୍ଧି ନିମନ୍ତେ ଯୁଦ୍ଧିଷ୍ଠିରଙ୍କୁ ଏହି ଉପାୟ ଅବଲମ୍ବନ କରିବାକୁ କହିଥିଲେ ଶ୍ରୀକୃଷ୍ଣ



ଭଗବାନ ଶ୍ରୀକୃଷ୍ଣ ରଣଭୂମୀରେ ଅର୍ଜ୍ଜୁନଙ୍କୁ ଅସ୍ତ୍ର ଉଠାଇବାକୁ କେବଳ ପ୍ରେରିତ କରିନଥିଲେ। ଏହି ଛଳରେ ସେ ଯେଉଁ ଅମୂଲ୍ୟ ଉପଦେଶମାନେ ଦେଇଥିଲେ ଭଗବତ ଗୀତା ଭାବେ ଆଜି ବି ସମଗ୍ର ମନବ ସମାଜକୁ ଦିଗଦର୍ଶନ ଦେଇଆସୁଛି। ଜୀବନରେ ସୁଖ, ଦୁଃଖ, ବିପଦ ଆଦି ସମ୍ପର୍କରେ ଗୀତା ରୂପକ ମାଳାରେ ସେ ଶ୍ଲୋକର ଯେଉଁ ମୋତି ଗୁନ୍ଥିଥିଲେ ତାହା ପ୍ରତିଟି ମାନବର ପଥ ପ୍ରଦର୍ଶନ ନିମନ୍ତେ ଅର୍ପିତ ହୋଇଛି। ଶ୍ରୀକୃଷ୍ଣ ଅର୍ଜ୍ଜୁନଙ୍କୁ ଶ୍ଲୋକରେ ଯେଉଁ ସନ୍ଦେଶ ଦେଇଥିଲେ ତାକୁ ଧର୍ମରାଜ ଯୁଦ୍ଧିଷ୍ଠିର ଜୀବନର ସୂତ୍ରରେ ରୂପାନ୍ତରିତ କରିଥିଲେ। ଉତ୍ତମ ମାନର ଜୀବନଧାରଣ ନିମନ୍ତେ ଯୁଦ୍ଧିଷ୍ଠିରଙ୍କୁ ଗୃହରେ ସର୍ବଦା ୫ଟି ଜିନିଷ ସାଇତି ରଖିବାକୁ ପରାମର୍ଶ ଦେଇଥିଲେ ଶ୍ରୀକୃଷ୍ଣ ।ଯେଉଁଗୁଡିକ ଜୀବନକୁ ସୁଖୀ ଓ ସମୃଦ୍ଧ କରିବାକୁ ଯଥେଷ୍ଟ ।ଏଥିରେ ଭଗବାନ କୃଷ୍ଣ ଜଳକୁ ସର୍ବାଧିକ ମହତ୍ୱ ଦେଇଥିବା ବେଳେ ଚନ୍ଦନ, ଗୋ ଘୃତ, ମହୁ ଓ ବୀଣା ରଖିବାକୁ କହିଥିଲେ ।ଭଗବାନ ଶ୍ରୀକୃଷ୍ଣ ଯୁଦ୍ଧିଷ୍ଠିରଙ୍କୁ ତାଙ୍କ ରାଜ୍ୟରେ ସମୁଚିତ ଜଳର ବ୍ୟବସ୍ଥା କରିବାକୁ କହିଥିଲେ। ଯେପରି ରାଜ୍ୟର ପ୍ରଜା ଜଳ କଷ୍ଟ ଜନିତ ସମସ୍ୟାରେ ନ ପଡନ୍ତି। ବିଭିନ୍ନ ହିନ୍ଦୁ ଧର୍ମଗ୍ର୍ୟରେ ଜଳର ମହିମାମୟ ବର୍ଣ୍ଣନା ବି ମିଳେ। ଘରେ ଶୁଦ୍ଧ ଜଳର ଉପସ୍ଥିତି ପରିବେଶକୁ ସକାରତ୍ମକ ରଖିଥାଏ। ଶ୍ରୀକୃଷ୍ଣ ଘରେ ଚନ୍ଦନ ରଖିବା ନିତ୍ୟାନ୍ତ ଆବଶ୍ୟକ ବୋଲି କହିଥିଲେ ।ଏଥିଲାଗି ତାଙ୍କୁ ସାପମାନଙ୍କର ଉଦାହରଣ ବି ଦେଇଥିଲେ। ଚନ୍ଦନ ଗଛରେ ସାପ ଗୁଡେଇ ହୋଇ ରହନ୍ତିଯ ହେଲେ ଚନ୍ଦନର ଗୁଣ ଉପରେ ସାପମାନଙ୍କ ବିଷ ତତ୍ୱ ନଥାଏ। ସେହିପରି ଘରେ ଉତ୍କୃଷ୍ଟ ଚନ୍ଦନର ଉପସ୍ଥିତି ଘରର ସମସ୍ତ ନକରାତ୍ମକତା ନାଶ କରି ଖରାପ ଶକ୍ତିଙ୍କ କବଳରୁ ଘରକୁ ରକ୍ଷା କରିଥାଏ ।ଗ୍ରାହ୍ୟସ୍ଥଙ୍କ ଘରେ ଗୋ ଘୃତ ରଖିବା ଅପରିହାର୍ଯ୍ୟ ବୋଲି ଯୁଦ୍ଧିଷ୍ଠିରଙ୍କୁ ଶ୍ରୀକୃଷ୍ଣ କହିଥିଲେଯ ଏମିତିରେ ଶ୍ରୀକୃଷ୍ଣଙ୍କ ବାଲ୍ୟ ଜୀବନ ଗୋ ଗୋଷ୍ଠରେ ବିତିଥିଲା ।ଗୋ ସେବାକୁ ମାନବର ପରମଧର୍ମ ବୋଲି ଶ୍ରୀକୃଷ୍ଣ ନିଜ ଉକ୍ତିରେ ବି କହିଛନ୍ତି। ଏଥିରେ ଗୋ ଘୃତର ଘରେ ଅବସ୍ଥାନ ସମସ୍ତ ନକରାତ୍ମକତାର ନାଶକୁ ବୁଝାଏ। ପୂଜା ସ୍ଥାନରେ ଗୋ ଘୃତର ଦୀପଟିଏ ପ୍ରଜ୍ୱଳନ ଘରର ସୁଖ ସମୃଦ୍ଧିକୁ ଆମନ୍ତ୍ରଣ କରିଥାଏ ।ସେହିପରି ମହୁକୁ ଅତ୍ୟନ୍ତ ପବିତ୍ର ପ୍ରାକୃତିକ ଖାଦ୍ୟ ପଦାର୍ଥ ବୋଲି କହିଛନ୍ତି ଶ୍ରୀକୃଷ୍ଣଯ ମହୁ ଯୋଗୁ ଗୃହର ବାତାବରଣ ବିଶୁଦ୍ଧ ରହିବା ସହ ସକରାତ୍ମକତା ସୃଷ୍ଟି ଲାଗି ଏଥିରେ ଅପୂର୍ବ ଶକ୍ତି ରହିଛି। ଏଣୁ ଘରେ ଘୃତ ଭଳି ମହୁକୁ ସ୍ଥାନ ଦେବା ସହ ଏହାର ନିତ୍ୟ ବ୍ୟବହାର ଉପରେ ବି ଗୁରୁତ୍ୱ ଦେଇଥିଲେ। ଏହା ଛଡା ବାଦ୍ୟ ଯନ୍ତ୍ର ବୀଣାର ଘରେ ଉପସ୍ଥିତିକୁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ କହିଛନ୍ତି। ବୀଣା ବାଗଦେବୀ ସରସ୍ୱତୀଙ୍କ ପ୍ରୀୟ ବାଦ୍ୟଯ ଏଣୁ ବୀଣା ଥିବା ସ୍ଥାନକୁ ସରସ୍ୱତୀଙ୍କ ଆଗମନ ହୋଇଥାଏ। ଫଳରେ ଗୃହରେ ଭଗବତୀଙ୍କ ନିବାଶ ଯୋଗୁ ଲୋକଙ୍କ ବୁଦ୍ଧିର ବି ବିକାଶ ହୋଇଥାଏ। ଏଣୁ ଘରେ ବୀଣାଟିଏ ବି ରଖିବାକୁ ଯୁଦ୍ଧିଷ୍ଠିରଙ୍କୁ ପରାମର୍ଶ ଦେଇଥିଲେ ଶ୍ରୀକୃଷ୍ଣ।

## ରାତିରେ ୟୁରିକ୍ ଏସିଡ୍ କାହିଁକି ବୃଦ୍ଧି ପାଏ ?

ଶରୀରରେ ପ୍ୟୁରିନ୍ ନାମକ ଏକ ଉପାଦାନ ଭାଙ୍ଗିଗଲେ ୟୁରିକ୍ ଏସିଡ୍ ସୃଷ୍ଟି ହୁଏ। ଏହା ସାଧାରଣତଃ ରକ୍ତରେ ଦ୍ରବୀଭୂତ ହୋଇ ବାହାରକୁ ବାହାରିଯାଏ, କିନ୍ତୁ ଯେତେବେଳେ ଏହାର ପରିମାଣ ବୃଦ୍ଧି ପାଏ, ଏହା ସ୍ଫଟିକ ଗଠନ କରି ସନ୍ଧିରେ ଜମା ହୋଇପାରେ । ବିଶେଷକରି ରାତିରେ, ଏପରି ପରିସ୍ଥିତିରେ ଶରୀର ଆମକୁ କିଛି ସଙ୍କେତ ଦିଏ, ଯାହାକୁ ଚିହ୍ନିବା ବହୁତ ଗୁରୁତ୍ୱପୂର୍ଣ୍ଣ।



ସନ୍ଧିରେ ହଠାତ୍ ତୀବ୍ର ଯନ୍ତ୍ରଣା: ଯେତେବେଳେ ୟୁରିକ ଏସିଡ୍ ବୃଦ୍ଧି ପାଏ, ପ୍ରଥମେ ସନ୍ଧିଗୁଡ଼ିକ ପ୍ରଭାବିତ ହୁଏ। ରାତିରେ ଗୋଟିଏ ଗୋଡରେ ହଠାତ୍ ଅସହ୍ୟ ଯନ୍ତ୍ରଣା ଏହାର ଏକ ପ୍ରମୁଖ ଲକ୍ଷଣ ହୋଇପାରେ।

ସନ୍ଧିରେ ଫୁଲା ଏବଂ ଉଷ୍ମତା: ଯଦି ଆପଣ ରାତିରେ ଆଙ୍ଗୁଠି, ଗୋଡ଼ କିମ୍ବା ଆଣ୍ଠୁରେ ହାଲୁକା ଫୁଲା ଏବଂ ଉଷ୍ମତା ଅନୁଭବ କରନ୍ତି, ତେବେ ଏହା ୟୁରିକ ଏସିଡ୍ ସ୍ଫଟିକ ଜମା ହେବାର ଏକ ଲକ୍ଷଣ।

ହାଲୁକା ଜ୍ୱର: ବର୍ଦ୍ଧିତ ୟୁରିକ ଏସିଡ୍ ଶରୀରରେ ପ୍ରଦାହ ବୃଦ୍ଧି କରେ । ଯାହା ଦ୍ୱାରା ହାଲୁକା ଜ୍ୱର, ଅସୁବିଧା କିମ୍ବା ରାତିରେ ଝାଳ ବାହାରିପାରେ।

କମ୍ ପରିସ୍ରା କିମ୍ବା ଜଳାପୋଡ଼ା ଅନୁଭବ: ଶରୀରରୁ ୟୁରିକ୍ ଏସିଡ୍ ପରିସ୍ରା ମାଧ୍ୟମରେ ବାହାରକୁ ବାହାରିଯାଏ, କିନ୍ତୁ ଯେତେବେଳେ ଏହା ବୃଦ୍ଧି ପାଏ, ପରିସ୍ରା କମ୍ ହୋଇପାରେ କିମ୍ବା ପରିସ୍ରା ସମୟରେ ଜଳାପୋଡ଼ା ଅନୁଭବ ହୋଇପାରେ। ଏହି ଲକ୍ଷଣଗୁଡ଼ିକ ରାତିରେ ଅଧିକ ଅନୁଭୂତ ହୋଇପାରେ।

କ୍ଲାନ୍ତି ଏବଂ ଭାରୀ ଅନୁଭବ: ଯଦି ରାତିରେ ପରିଶ୍ରମ ନକରି ମଧ୍ୟ ଶରୀର ଭାରୀ ଅନୁଭବ ହୁଏ କିମ୍ବା ଶୋଇବା ପରେ ମଧ୍ୟ ଆପଣ ସତେଜ ଅନୁଭବ କରନ୍ତି ନାହିଁ, ତେବେ ଏହା ଅଧିକ ୟୁରିକ ଏସିଡ୍ ଯୋଗୁଁ ମେଟାବୋଲିକ୍ ଅସନ୍ତୁଳନର ଲକ୍ଷଣ ହୋଇପାରେ ।

ରାତିରେ ଯନ୍ତ୍ରଣା: ଦିନସାରା ସନ୍ଧିରେ କୌଣସି ଯନ୍ତ୍ରଣା ହୁଏ ନାହିଁ, କିନ୍ତୁ ଯଦି ଏହି ଯନ୍ତ୍ରଣା କେବଳ ରାତିରେ ହୁଏ, ତେବେ ଏହା ୟୁରିକ ଏସିଡର ସମସ୍ୟା।

# ବିଜେପିରେ ଯୋଗଦେଲେ କେନ୍ଦୁଝରର ବିଜେଡି କାଉନ୍‌ସିଲର

**ଭୁବନେଶ୍ୱର,୩୧।୩ (ମହାଭାରତ):** ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ନେତୃତ୍ୱ ଓ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନଚରଣ ମାଝୀଙ୍କ ବିକାଶମୂଳକ କାର୍ଯ୍ୟରେ ଅନୁପ୍ରାଣିତ ହୋଇ କେନ୍ଦୁଝର ପୌରପାଳିକାର ଉପାଧ୍ୟକ୍ଷ ବରଦା ପ୍ରସନ୍ନ ଦାସ ବିଜେଡି ଛାଡ଼ି ଆଜି ଆନୁଷ୍ଠାନିକ ଭାବେ ବିଜେପିରେ ଯୋଗଦେଇଛନ୍ତି। ସେହିପରି କେନ୍ଦୁଝର ପୌରପାଳିକାର ୧ନଂ. ୱାର୍ଡ କାଉନ୍‌ସିଲର ଶରତକୁମାର ସାହୁ, ୭ ନଂ. ୱାର୍ଡର କାଉନ୍‌ସିଲର ଅଭିନାଶ ମିଶ୍ର, ୮ ନଂ. ୱାର୍ଡର କାଉନ୍‌ସିଲର ଦୟାନିଧି ପାତ୍ର, ୧୦ ନଂ. ୱାର୍ଡର କାଉନ୍‌ସିଲର ପଦ୍ମିନୀ ପାତ୍ର, ୧୨ନଂ.ୱାର୍ଡର କାଉନ୍‌ସିଲର କରୁଣାକର ମାରାଣ୍ଡି, ୧୫ ନଂ. ୱାର୍ଡର କାଉନ୍‌ସିଲର ଭଗବାନ ନାଏକ, ୧୬ ନଂ. ୱାର୍ଡର କାଉନ୍‌ସିଲର ସବିତା ପଟ୍ଟନାୟକ ଏବଂ ୨୧ ନଂ. ୱାର୍ଡର କାଉନ୍‌ସିଲର ହେମନ୍ତ କୁମାର ପତିଙ୍କ ସମେତ ବିଜେଡି ଜିଲ୍ଲା ସାଧାରଣ ସମ୍ପାଦକ ଶୁଭେନ୍ଦୁ ପଟ୍ଟନାୟକ ବିଜେଡି ଦଳ ପରିତ୍ୟାଗ କରି ଆନୁଷ୍ଠାନିକ ଭାବେ ବିଜେପିରେ ସାମିଲ ହୋଇଛନ୍ତି। ସେହିପରି ଗତ ୨୦୧୯ ଓ ୨୦୧୪ ସାଧାରଣ ନିର୍ବାଚନରେ ପାଟଣା



ବିଧାୟକ ପ୍ରାର୍ଥୀ ଭବାନୀ ଶଂକର ନାୟକ, ୨୦୧୪ ସାଧାରଣ ନିର୍ବାଚନରେ ତେଲକୋଇ ବିଧାୟକ ପ୍ରାର୍ଥୀ କୈଳାଶ ନାଏକ, ହରିଚନ୍ଦନପୁରର ବରିଷ୍ଠ ନେତା ଈଶ୍ୱର ଚନ୍ଦ୍ର ନାଏକ, ବିଶିଷ୍ଟ ସମାଜସେବୀ ବିଜୟ କୁମାର ମହାକୁଡ ଓ ଲକ୍ଷ୍ମଣ ସେଠୀ ପ୍ରମୁଖ ନିଜ ସମର୍ଥକଙ୍କ ଗହଣରେ ବିଜେଡି ଦଳ ପରିତ୍ୟାଗ କରି ବିଜେପିରେ ଯୋଗଦାନ କରିଛନ୍ତି। ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ ସମସ୍ତଙ୍କୁ ଦଳୀୟ ଟୋପି ଓ ଉତରୀୟ ପିନ୍ଧାଇ ଦଳକୁ ସ୍ୱାଗତ କରିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ, ୨୪ ବର୍ଷର ବିଜେଡି ସରକାର କେବଳ କଥା କହୁଥିଲେ, କିଛି କରୁନଥିଲେ। କେବଳ ଭୋଟ ବ୍ୟାଂକ ପାଇଁ କାମ କରୁଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିନାଶ ଆଡକୁ ନେଇଯାଉଥିଲେ। ଜଣଙ୍କ ହାତରେ କ୍ଷମତା ଥିଲା। ବର୍ତ୍ତମାନ ବିଜେପିର ଡବଲ ଇଂଜିନ ସରକାର ବିକାଶ ପାଇଁ କାମ କରୁଛନ୍ତି। ସରକାର ଓ ସଂଗଠନ ମିଳିତ ଭାବେ କାମ କରୁଥିବାରୁ ନୂଆପଡା ଉପନିର୍ବାଚନରେ ବିପୁଳ ସଂଖ୍ୟାରେ ଭୋଟ ପାଇ ବିଜେପି ପ୍ରାର୍ଥୀ ଜୟଲାଭ କଲେ। ବିକାଶ କାର୍ଯ୍ୟକୁ ଦେଖି ଗତ ରାଜ୍ୟସଭା ନିର୍ବାଚନରେ ଉଭୟ ବିଜେଡି ଓ କଂଗ୍ରେସ ବିଧାୟକମାନେ ବିଜେପି ସମର୍ଥିତ ପ୍ରାର୍ଥୀଙ୍କୁ ବିବେକାନୁମୋଦିତ ଭୋଟ ଦେଇ ଜୟଯୁକ୍ତ କରାଇଲେ। କେନ୍ଦୁଝର ଜିଲ୍ଲା ପାଇଁ ଆଜି ହେଉଛି ଐତିହାସିକ ଦିନ। ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ କେନ୍ଦୁଝରର ପୌରପାଳିକାର ଜନପ୍ରତିନିଧିମାନେ ବିଜେପିରେ ସାମିଲ ହୋଇଛନ୍ତି। ଖଣିଜ ସଂପଦ ଭରପୁର କେନ୍ଦୁଝର ଜିଲ୍ଲାରେ ଅନେକ ଶିଳ୍ପ ପ୍ରତିଷ୍ଠା ହେବ। କେନ୍ଦୁଝରକୁ ସୁନାର କେନ୍ଦୁଝର ଗଢି ତୋଳିବା ଆମର ଲକ୍ଷ୍ୟ ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ରାଜ୍ୟ ସଭାପତି ଶ୍ରୀ ସାମଲ କହିଛନ୍ତି ଯେ, ବିଜେପି ହେଉଛି ବିଶ୍ୱର ସବୁଠାରୁ ବଡ଼ ରାଜନୈତିକ ଦଳ। ଏହି ଦଳ ହେଉଛି ରାଷ୍ଟ୍ରବାଦୀ ବିଚାରଧାରାର ଦଳ, ଏହା ହେଉଛି ଏକ କାର୍ଯ୍ୟକର୍ତା ଆଧାରିତ ଦଳ। ଗତ ସାଧାରଣ ନିର୍ବାଚନ ସଂକଳ୍ପପତ୍ରରେ ବିଜେପି ଯାହାସବୁ ପ୍ରତିଶ୍ରୁତି ଦେଇଥିଲା ତାହା ସବୁ ପୂରଣ କରିଚାଲିଛି। ଏନେଇ ବିଜେପି ସରକାର ଉପରେ ଲୋକଙ୍କ ବିଶ୍ୱାସନୀୟତା ଦିନକୁ ଦିନ ବଢ଼ିଚାଲିଛି। ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ ଓ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ଏଭଳି ଲୋକାଭିମୁଖୀ କାର୍ଯ୍ୟ ଉପରେ ରାଜ୍ୟବାସୀଙ୍କ ଆସ୍ଥା ଓ ବିଶ୍ୱାସ ଦିନକୁ ଦିନ ବଢୁଥିବାରୁ ବିଜେପିରେ ଯୋଗଦାନ ବଢ଼ିଚାଲିଛି। ଆଜିର ଏହି ମିଶ୍ରଣ ଦ୍ୱାରା ଭାରତୀୟ ଜନତା ପାର୍ଟି କେନ୍ଦୁଝର ଜିଲ୍ଲା ସମେତ ରାଜ୍ୟରେ ମଧ୍ୟ ସଂଗଠନ ସଶକ୍ତ ହୋଇଛି।

# ମାନବ ଅଧିକାର ଆୟୋଗ ଅଧ୍ୟକ୍ଷଙ୍କ ଦାୟିତ୍ୱ ଗ୍ରହଣ

**ଭୁବନେଶ୍ୱର,୩୧।୩ (ମହାଭାରତ):** ବିଚାରପତି ଶ୍ରୀ ଶତ୍ରୁଘ୍ନ ପୂଜାହାରୀ ଆଜି ଓଡ଼ିଶା ମାନବ ଅଧିକାର ଆୟୋଗ (ଓ.ଏଚ.ଆର.ସି)ର ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ତାଙ୍କର ଦ୍ୱିତୀୟ ଦାୟିତ୍ୱକାଳ ହୋଇଥିବାରୁ ତାଙ୍କର ନେତୃତ୍ୱ ଓ ମାନବ ଅଧିକାର ସୁରକ୍ଷା ପ୍ରତି ଅତୁଟ ସମର୍ପଣ ଉପରେ ପୁନର୍ବାର ଆସ୍ଥା ପ୍ରକାଶ ପାଇଛି। ବିଚାରପତି ପୂଜାହାରୀ ଜଣେ ପ୍ରତିଷ୍ଠିତ ନ୍ୟାୟିକ ବ୍ୟକ୍ତିତ୍ୱ ଯିଏ ଉଚ୍ଚ ନ୍ୟାୟାଳୟ ଓ ପ୍ରଶାସନିକ କ୍ଷେତ୍ରରେ ଦୀର୍ଘ ଅଭିଜ୍ଞତା ଅର୍ଜନ କରିଛନ୍ତି। ସେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ଭାବେ କାର୍ଯ୍ୟରତ ଥିବା ସହ ରାଜ୍ୟ ସରକାର ଓ ନ୍ୟାୟିକ ପ୍ରଣାଳୀର ଅନେକ ଗୁରୁତ୍ୱପୂର୍ଣ୍ଣ ପଦବୀରେ ଦାୟିତ୍ୱ ନିଭାଇଛନ୍ତି। ୧୦ ଫେବୃଆରୀ ୨୦୨୩ ରୁ ଆରମ୍ଭ ହୋଇଥିବା ତାଙ୍କର ପୂର୍ବତନ କାର୍ଯ୍ୟକାଳ ମାନବ ଅଧିକାର ସମସ୍ୟାଗୁଡିକ ର ସମାଧାନରେ ସକ୍ରିୟ ଭୂମିକା ଓ ପ୍ରତିଷ୍ଠାନଗତ କ୍ଷମତାକୁ ସୁଦୃଢ଼ କରିବାରେ ଉଲ୍ଲେଖନୀୟ ରହିଥିଲା।

ତାଙ୍କ ପୂର୍ବତନ କାର୍ଯ୍ୟକାଳରେ ଆୟୋଗ ନ୍ୟାୟ ପ୍ରାପ୍ତିକୁ ସୁଗମ କରିବା, ମାନବ ଅଧିକାର ସଚେତନତା ବୃଦ୍ଧି କରିବା ଏବଂ ସମାଜର ଅବହେଳିତ ଓ ସଂବେଦନଶୀଳ ବର୍ଗମାନଙ୍କ ସମସ୍ୟାରେ ସମୟୋପଯୁକ୍ତ ହସ୍ତକ୍ଷେପ କରିବା ଦିଗରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଥିଲା। ତାଙ୍କର ପୁନର୍ନିଯୁକ୍ତି ଏହି ପ୍ରୟାସଗୁଡ଼ିକୁ ଅବିରତ ରଖିବା ସହ ଆହୁରି ଗତି ଦେବ ବୋଲି ଆଶା କରାଯାଉଛି। ଦାୟିତ୍ୱ ଗ୍ରହଣ କରିବା ପରେ ବିଚାରପତି ପୂଜାହାରୀ ତାଙ୍କର ଦୃଷ୍ଟିକୋଣ ସମ୍ପର୍କରେ କହିଥିଲେ ଯେ, "ଓଡ଼ିଶା ମାନବ ଅଧିକାର ଆୟୋଗ ଏକ ସକ୍ରିୟ ଓ ସୁଲଭ ପ୍ରତିଷ୍ଠାନ ଭାବେ ମାନବିକ ଅଧିକାର ସୁରକ୍ଷା ପ୍ରତି ସଦା ପ୍ରତିବଦ୍ଧ ରହିବ। ଅଭିଯୋଗମାନଙ୍କର ସମୟୋପଯୁକ୍ତ ସମାଧାନ, ସଚେତନତା ବୃଦ୍ଧି ଏବଂ ସଂବେଦନଶୀଳ ବର୍ଗମାନଙ୍କ ସ୍ୱାର୍ଥ ସୁରକ୍ଷାକୁ ଗୁରୁତ୍ୱ ଦିଆଯିବ।

# ବିଜୁଙ୍କ ଅସାଧାରଣ ଅବଦାନକୁ ଶସ୍ତା ଓ ରାଜନୈତିକ ମନ୍ତବ୍ୟରେ ହ୍ରାସ କରିବା ଅନ୍ୟାୟ

**ଭୁବନେଶ୍ୱର,୩୧।୩ (ମହାଭାରତ):** ବିଜୁ ପଟ୍ଟନାୟକଙ୍କ ପ୍ରତି ସାଂସଦ ନିଶିକାନ୍ତ ଦୁବେଙ୍କ ମନ୍ତବ୍ୟ ପରେ ସୋସିଆଲ ମିଡ଼ିଆ ପ୍ରତିକ୍ରିୟା ରଖିଛନ୍ତି ଦିଲ୍ଲୀପ ରାୟ। ଇତିହାସ, ସରକାର କିମ୍ବା ଜଟିଳ ଏବଂ କଷ୍ଟକର ସମୟରେ ନିଆଯାଇଥିବା ନିଷ୍ପତ୍ତି ଉପରେ କେହି ବିତର୍କ କରିପାରିବେ - କିନ୍ତୁ ବିଜୁ ବାବୁଙ୍କ ଜାତୀୟତାବାଦୀ ଆତ୍ମା, ତାଙ୍କ ସାଧୁତା କିମ୍ବା ଭାରତ ପ୍ରତି ତାଙ୍କର ଅଟଳ ପ୍ରତିବଦ୍ଧତା ଉପରେ ପ୍ରଶ୍ନ ଉଠାଇବାର ଅଧିକାର କାହାର ନାହିଁ ବୋଲି ଦିଲ୍ଲୀପ ରାୟ କହିଛନ୍ତି। ସେ କହିଛନ୍ତି ଯେ, ବିଜୁ ବାବୁଙ୍କ ଜୀବନ ସାହସ, ତ୍ୟାଗ, ଦୂରଦୃଷ୍ଟି ଏବଂ ସାଲିସ୍‌ବିହୀନ ଦେଶପ୍ରେମର ଏକ ପ୍ରମାଣ ଥିଲା। ସେ କେବଳ ଓଡ଼ିଶାର ଜଣେ ଉଚ୍ଚମାନର ନେତା ନଥିଲେ, ବରଂ ଜଣେ ବିରଳ ରାଷ୍ଟ୍ରନିର୍ମାତା ଥିଲେ ଯାହାଙ୍କ ଜୀବନ ଏବଂ କାର୍ଯ୍ୟ ଭାରତର ରାଜନୈତିକ ଏବଂ ରଣନୈତିକ ଇତିହାସରେ ଏକ ଛାପ ଛାଡ଼ିଥିଲା। ସେ କହିଛନ୍ତି ଯେ, ସ୍ୱାଧୀନତା ଆନ୍ଦୋଳନରେ ବିଜୁ ବାବୁଙ୍କର ଭୂମିକାଠାରୁ ଆରମ୍ଭ କରି ଜାତିର ସେବାରେ ତାଙ୍କର ସାହସିକ ବିମାନ ଅଭିଯାନ, ସ୍ୱାଧୀନତା ପରବର୍ତ୍ତୀ ଭାରତର ପ୍ରାରମ୍ଭିକ ଇତିହାସର ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତଗୁଡ଼ିକରେ ତାଙ୍କର ଅବଦାନ ପର୍ଯ୍ୟନ୍ତ, ବିଜୁ ବାବୁ ନିରନ୍ତର ସେଠାରେ ଠିଆ ହୋଇଥିଲେ ଯେଉଁଠାରେ ସାହସ, ଦୃଢ଼ ବିଶ୍ୱାସ ଏବଂ ଜାତୀୟ କର୍ତ୍ତବ୍ୟ ସବୁଠାରୁ ଅଧିକ ଦାବି କରୁଥିଲା। ସେ ସେହି ଅସାଧାରଣ ଭାରତୀୟଙ୍କ ମଧ୍ୟରୁ ଥିଲେ ଯାହାଙ୍କ ସେବା ସାର୍ବଜନୀନ ପଦବୀ ବାହାରେ ବିସ୍ତାରିତ ହୋଇଥିଲା ଏବଂ ଜାତିର ବୃହତ କାହାଣୀର ଏକ ଅଂଶ ହୋଇଯାଇଥିଲା। ସେ କହିଛନ୍ତି ଯେ, ସେ ଗର୍ବର ସହିତ ଓଡ଼ିଶା ପାଇଁ ଏବଂ ସାହସର ସହିତ ଭାରତ ପାଇଁ ଠିଆ ହୋଇଥିଲେ। ତାଙ୍କ ଜୀବନ ଦୃଢ଼ ବିଶ୍ୱାସ, କାର୍ଯ୍ୟ ଏବଂ ସେବା ଦ୍ୱାରା ପରିଭାଷିତ ହୋଇଥିଲା - କେବେ ଦ୍ୱିଧା ଦ୍ୱାରା ନୁହେଁ, କେବେ ସ୍ୱାର୍ଥ ଦ୍ୱାରା ନୁହେଁ। ଓଡ଼ିଶାବାସୀଙ୍କ ପାଇଁ, ବିଜୁ ବାବୁ ଗର୍ବ, ଐତିହ୍ୟ, ପରିଚୟ ଏବଂ ସମ୍ମାନର ପ୍ରତିନିଧିତ୍ୱ କରନ୍ତି। ତାଙ୍କର ଅବଦାନ ଗମ୍ଭୀରତାର ଯୋଗ୍ୟ। ତାଙ୍କର ଐତିହ୍ୟ ସମ୍ମାନ ପାଇବା ଉଚିତ ଏବଂ ବିଜୁ ବାବୁଙ୍କୁ ସର୍ବଦା ଭାରତର ଜଣେ ଦୃଢ଼ ଜାତୀୟତାବାଦୀ ଏବଂ ଓଡ଼ିଶାର ଜଣେ ଗର୍ବିତ ପୁତ୍ର ଭାବରେ ମନେ ରଖାଯିବ।

# କର୍କଟ ରୋଗର ପ୍ରତିରୋଧ ପାଇଁ ସଚେତନତା ଉପରେ ରାଜ୍ୟପାଳଙ୍କ ଗୁରୁତ୍ୱ

**ଭୁବନେଶ୍ୱର,୩୧।୩ (ମହାଭାରତ):** କର୍କଟ ରୋଗର ପ୍ରତିରୋଧ ପାଇଁ ସଚେତନତା, ପ୍ରାରମ୍ଭିକ ଚିହ୍ନଟ ଏବଂ ସୁଲଭ ଚିକିତ୍ସା ଉପରେ ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି ଗୁରୁତ୍ୱାରୋପ କରିଛନ୍ତି। ସୋମବାର ଦିନ ଅସୀମ୍ ଓଡ଼ିଶା ଫାଉଣ୍ଡେସନ୍ ଟ୍ରଷ୍ଟ ଦ୍ୱାରା ଆୟୋଜିତ "କ୍ୟାନ୍ସର-ଫ୍ରି ଓଡ଼ିଶା" ସଚେତନତା ସମ୍ମିଳନୀ ଏବଂ "ମହାନାୟକ-୨୦୨୬" ପୁରସ୍କାର ପ୍ରଦାନ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଜ୍ୟପାଳ ଏପରି ଗୁରୁତ୍ୱାରୋପ କରି କହିଥିଲେ ଯେ, କ୍ୟାନ୍ସର ଏବେ କେବଳ ଏକ ସ୍ୱାସ୍ଥ୍ୟଗତ ସମସ୍ୟା ନୁହେଁ ବରଂ ଏହା ପରିବାର ଏବଂ ସମାଜକୁ ପ୍ରଭାବିତ କରୁଥିବା ଏକ ବଡ଼ ସାମାଜିକ ଆହ୍ୱାନ ପାଲଟିଛି। ରାଜ୍ୟପାଳ ଏହା ମଧ୍ୟ କହିଥିଲେ ଯେ, ଓଡ଼ିଶା ସମେତ ଦେଶର ଅନେକ ଅଂଚଳରେ ଜୀବନଶୈଳୀ ପରିବର୍ତ୍ତନ, ତମାଖୁ ସେବନ, ପରିବେଶଗତ କାରଣ, ସଚେତନତାର ଅଭାବ ଏବଂ ବିଳମ୍ବିତ ନିଦାନ ହେତୁ କ୍ୟାନ୍ସର ମାମଲା




କ୍ରମାଗତ ଭାବେ ବଢୁଛି। କର୍କଟ ରୋଗ ପ୍ରତିରୋଧର ଗୁରୁତ୍ୱ ଉପରେ ଆଲୋକପାତ କରି ରାଜ୍ୟପାଳ କହିଥିଲେ ଯେ, ତମାଖୁ ବ୍ୟବହାର, ଅସ୍ୱାସ୍ଥ୍ୟକର ଖାଦ୍ୟ ଏବଂ ଆଳସ୍ୟ ଜୀବନଶୈଳୀ ଭଳି ବିପଦ କାରକଗୁଡ଼ିକ ବିଷୟରେ ଲୋକଙ୍କୁ ସଚେତନ କରିବା ଦ୍ୱାରା କ୍ୟାନ୍ସରର ସଂଖ୍ୟା ବହୁଳ ମାତ୍ରାରେ କମ କରିହେବ। ଏକ ସଚେତନ ସମାଜ ହିଁ ଏକ ଶକ୍ତିଶାଳୀ ସମାଜ ଏବଂ ପ୍ରତିରୋଧ ଚିକିତ୍ସା ଠାରୁ ଅଧିକ ପ୍ରଭାବଶାଳୀ ବୋଲି ରାଜ୍ୟପାଳ କହିଥିଲେ। ପ୍ରାରମ୍ଭିକ ଚିହ୍ନଟର ଜରୁରୀ ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରି ପ୍ରାଥମିକ ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥାକୁ ମଜବୁତ କରିବା ଏବଂ ବିଶେଷକରି ଗ୍ରାମାଂଚଳ ଓ ଅନୁନ୍ନତ ଅଂଚଳରେ ସ୍କ୍ରିନିଂ କାର୍ଯ୍ୟକ୍ରମକୁ ବିସ୍ତାରିତ କରିବା ଆବଶ୍ୟକ ବୋଲି ରାଜ୍ୟପାଳ କହିଥିଲେ। ପ୍ରାରମ୍ଭିକ ନିଦାନ କେବଳ ବଂଚିବାର ସୁଯୋଗ ବଢ଼ାଏ ନାହିଁ ବରଂ ରୋଗୀ ଓ ପରିବାରର ଆର୍ଥିକ ଏବଂ ମାନସିକ ବୋଝକୁ ମଧ୍ୟ କମ କରେ ବୋଲି ରାଜ୍ୟପାଳ ଉଲ୍ଲେଖ କରିଥିଲେ। ଏହି ଅବସରରେ ରାଜ୍ୟପାଳ ଏହା ମଧ୍ୟ କହିଥିଲେ ଯେ, ଗୁଣବତ୍ତାପୂର୍ଣ୍ଣ ଚିକିତ୍ସା ସମସ୍ତଙ୍କ ପାଇଁ ଉପଲବ୍ଧ ଏବଂ ସୁଲଭ ହେବା ଉଚିତ। ସ୍ୱାସ୍ଥ୍ୟସେବାକୁ ଏକ ମୌଳିକ ଅଧିକାର ବୋଲି ବର୍ଣ୍ଣନା କରି ସହର ଓ ଗ୍ରାମାଂଚଳ ମଧ୍ୟରେ ପାର୍ଥକ୍ୟ ଦୂର କରିବା ଏବଂ ସରକାର, ବେସରକାରୀ କ୍ଷେତ୍ର ଓ ନାଗରିକ ସମାଜ ମଧ୍ୟରେ ସହଯୋଗ ବଢ଼ାଇବା ଆବଶ୍ୟକ ବୋଲି ରାଜ୍ୟପାଳ ମତ ପ୍ରକାଶ କରିଥିଲେ। "ମହାନାୟକ-୨୦୨୬" ପୁରସ୍କାର ପ୍ରାପ୍ତ ବ୍ୟକ୍ତିବିଶେଷଙ୍କୁ ଅଭିନନ୍ଦନ ଜଣାଇ ରାଜ୍ୟପାଳ ସେମାନଙ୍କର ସମାଜ ପ୍ରତି ଅବଦାନକୁ ପ୍ରଶଂସା କରିବା ସହିତ ଏକ କ୍ୟାନ୍ସର-ସଚେତନ ଓ କ୍ୟାନ୍ସର-ମୁକ୍ତ ଓଡ଼ିଶା ଗଢ଼ିବା ପାଇଁ ସାମୁହିକ ପ୍ରୟାସ ପାଇଁ ଆହ୍ୱାନ ଜଣାଇଥିଲେ। ଏହି ଅବସରରେ କୋରେଇ ବିଧାୟକ ଶ୍ରୀ ଆକାଶ ଦାସ ନାୟକ ଏବଂ ପୂର୍ବତନ ବାଲେଶ୍ୱର ସାଂସଦ ଶ୍ରୀ ରବୀନ୍ଦ୍ର କୁମାର ଜେନା ମଧ୍ୟ ଉଦବୋଧନ ଦେଇଥିଲେ। ଅସୀମ ଓଡ଼ିଶା ଫାଉଣ୍ଡେସନ୍ ଟ୍ରଷ୍ଟର ଅଧ୍ୟକ୍ଷା ଓ ପରିଚାଳନା ଟ୍ରଷ୍ଟି ଅସୀମା ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ପୂର୍ବତନ ବିଧାୟକ ଭୁବନେଶ୍ୱର ଉତ୍ତର ଶ୍ରୀ ପ୍ରିୟଦର୍ଶୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଶହୀଦ ଲକ୍ଷ୍ମଣ ନାଏକଙ୍କ ଶ୍ରାଦ୍ଧ ଦିବସରେ ଗରିମାମୟ ମାଲ୍ୟାର୍ପଣ

**ଭୁବନେଶ୍ୱର,୩୧।୩ (ମହାଭାରତ):** ଭାରତର ସ୍ୱାଧୀନତା ସଂଗ୍ରାମରେ ଜନଜାତି ଅସ୍ମିତା ଓ ସ୍ୱାଭିମାନର ଅଦମ୍ୟ ପ୍ରତୀକ ଶହୀଦ ଲକ୍ଷ୍ମଣ ନାଏକ ନିର୍ଭୀକତା, ତ୍ୟାଗ ଓ ଦେଶପ୍ରେମର ଉଜ୍ଜ୍ୱଳ ଉଦାହରଣ। ଜନଜାତିମାନଙ୍କ ଅଧିକାର ଓ ସ୍ୱାଧୀନତା ପାଇଁ ତାଙ୍କର ଅବିରତ ସଂଗ୍ରାମ ଏବଂ ବଳିଦାନ ଆଜିମଧ୍ୟ ସମାଜକୁ ପ୍ରେରିତ କରୁଛି। ତାଙ୍କ ଶ୍ରାଦ୍ଧ ଦିବସ ଅବସରରେ ରବିବାର ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ଗଭୀର ଶ୍ରଦ୍ଧା ଓ ଗରିମାମୟ ପରିବେଶରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ ସକାଳ ୮ ଘଟିକାରେ ଭୁବନେଶ୍ୱରସ୍ଥିତ ଆଦିବାସୀ ପ୍ରଦର୍ଶନୀ ପଡ଼ିଆଠାରେ ଏବଂ ସକାଳ ଘ. ୮.୩୦ ମିନିଟ୍‌ରେ କଳିଙ୍ଗ ହସ୍ପିଟାଲ୍ ଛକସ୍ଥିତ ଶହୀଦ ଲକ୍ଷ୍ମଣ ନାଏକଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ପୁଷ୍ପମାଲ୍ୟ ଅର୍ପଣ କରାଯାଇ



ତାଙ୍କ ପବିତ୍ର ସ୍ମୃତିକୁ ସ୍ମରଣ କରାଯାଇଥିଲା। ପରବର୍ତ୍ତୀରେ ସକାଳ ୯ ଘଟିକାରେ ଓଡ଼ିଶା ବିଧାନ ସଭା ପାର୍ଶ୍ୱ ଗେଟ୍ ନମ୍ବର-୧ ସ୍ଥିତ ପ୍ରତିମୂର୍ତ୍ତିରେ ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ ପୁଷ୍ପମାଲ୍ୟ ଅର୍ପଣ କରି ଶହୀଦଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହି ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ଓଡ଼ିଶା ବିଧାନସଭା ସଚିବ ଶ୍ରୀ ସତ୍ୟବ୍ରତ ରାଉତ, ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢ଼ାଲି ଓ ସାଂସଦ ମୁଜିବୁଲ୍ଲା (ମୁନା) ଖାନଙ୍କ ସହିତ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ (ବୈଷୟିକ) ଗୁରବୀର ସିଂହ, ଉପନିର୍ଦ୍ଦେଶକ ଶ୍ରୀମତୀ ସୁଚେତା ପ୍ରିୟଦର୍ଶିନୀ, ସହକାରୀ ନିର୍ଦ୍ଦେଶକ ଦୀପକ କୁମାର ସାହୁ, ଶବରୀ ସାଂସ୍କୃତିକ ସଂସଦର କର୍ମକର୍ତାମାନେ, ଆଚାର୍ଯ୍ୟ ବିହାର ପରିଷଦର ସଭାପତି ଭାଗବତ ଦାଶ ଓ ପରିଷଦର ସଦସ୍ୟମାନେ ଉପସ୍ଥିତ ଥିଲେ। ଏହାସହ ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ, ବିଭିନ୍ନ ସାମାଜିକ ସଂଗଠନର ପ୍ରତିନିଧି ଓ ଛାତ୍ରଛାତ୍ରୀମାନେ ଯୋଗଦେଇ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଶହୀଦ ଲକ୍ଷ୍ମଣ ନାଏକଙ୍କ ଦେଶପ୍ରେମ, ସଂଗ୍ରାମମୟ ଜୀବନ ଓ ବଳିଦାନ ଜାତି ପାଇଁ ଅନନ୍ୟ ପ୍ରେରଣା ହୋଇ ରହିବ ବୋଲି ଏହି ଅବସରରେ ମତ ପ୍ରକାଶ ପାଇଥିଲା।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ବାଲେଶ୍ୱର ଓ ମୟୁରଭଂଜ ସାଂସଦ



**ଭୁବନେଶ୍ୱର,୩୧।୩ (ମହାଭାରତ):** ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀ ଓ ମୟୁରଭଂଜ ସାଂସଦ ନବ ଚରଣ ମାଝୀ ରବିବାର ଦିନ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏସମ୍ପର୍କରେ ଏକ୍ସରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ ଲେଖିଛନ୍ତି ଆଜି ବାଲେଶ୍ୱରର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଏବଂ ମୟୂରଭଞ୍ଜର ସାଂସଦ ନବଚରଣ ମାଝୀଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ ହେଲା। ଏହି ଅବସରରେ ଓଡ଼ିଶାର ବିଭିନ୍ନ ବିକାଶମୂଳକ କାର୍ଯ୍ୟ ଏବଂ ଜନହିତକର ପ୍ରସଙ୍ଗରେ ଆମ ମଧ୍ୟରେ ସକରାତ୍ମକ ଆଲୋଚନା ହେଲା। ବିକଶିତ ଓଡ଼ିଶା ଗଠନ ଦିଗରେ ଆମର ଏହି ସମନ୍ୱିତ ପ୍ରୟାସ ଜାରି ରହିବ।

# ଜାତୀୟ ସେବା ଯୋଜନାର ସ୍ୱତନ୍ତ୍ର ଶିବିର

**ଭୁବନେଶ୍ୱର,୩୧।୩ (ମହାଭାରତ):** ଭୁବନେଶ୍ୱରସ୍ଥିତ ଦେବରାୟ ନୟାପଲ୍ଲୀ କଲେଜରେ ଭାରତ ସରକାରଙ୍କର ଯୁବ ବ୍ୟାପାର ମନ୍ତ୍ରଣାଳୟ ଅଧିନରେ ଥିବା ଜାତୀୟ ସେବା ଯୋଜନା (ଏନ୍.ଏସ୍.ଏସ୍.)ର ଏକ ୭ ଦିନିଆ ସ୍ୱତନ୍ତ୍ର ଶିବିର ଶୁଭାରମ୍ଭ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଖୋର୍ଦ୍ଧା ଜିଲ୍ଲା ଜାତୀୟ ସେବା ଯୋଜନାର ଜିଲ୍ଲା ପ୍ରୋଗ୍ରାମ ଅଫିସର ଡ. ଜୟଶ୍ରୀବାଳା ମଲ୍ଲିକ, ବିଶିଷ୍ଟ ସମାଜସେବୀ ତଥା ୟୁଥ୍ ଫର ଭଲ୍ୟୁ□ାରୀ ୱାର୍କର ଅଧ୍ୟକ୍ଷ ମୀର ଅହମ୍ମଦ ଅଲ୍ଲୀ, ଦେବରାୟ ନୟାପଲ୍ଲୀ କଲେଜର ଏନ୍.ଏସ୍.ଏସ୍. ପ୍ରୋଗ୍ରାମ ଅଫିସର ପୂର୍ଣ୍ଣଚନ୍ଦ୍ର ଦାସ ଓ ଅଧ୍ୟାପକ ସନ୍ତୋଷ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମଟିକୁ ଶୁଭାରମ୍ଭ କରିଥିଲେ। ଏହି ଉଦଘାଟନ ଉତ୍ସବରେ ସମାଜ ଗଠନରେ ଏନ୍.ଏସ୍.ଏସ୍. ସ୍ୱେଚ୍ଛାସେବୀମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଓ ସେବା ମନୋଭାବ ଉପରେ ଉପସ୍ଥିତ ଅତିଥିମାନେ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଏହି ୭ ଦିନିଆ ସ୍ୱତନ୍ତ୍ର ଶିବିରରେ ସାମାଜିକ ସେବା ଓ ସଚେତନତାମୂଳକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଲାଭ କରିଥିବା ଅନୁଭବକୁ ନିଜ ଜୀବନରେ ଲଗାଇ ଆଗକୁ ବଢ଼ିବାରେ ସହାୟକ ହେବ ବୋଲି ପ୍ରୋଗ୍ରାମ ଅଫିସର୍ ପୂର୍ଣ୍ଣଚନ୍ଦ୍ର ଦାସ ମତବ୍ୟକ୍ତ କରିଛନ୍ତି। ଏହି ୭ ଦିନିଆ ସ୍ୱତନ୍ତ୍ର ଶିବିରରେ ୫୦ରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀମାନେ କଲେଜ ପରିସରରେ ରହି ନିଶା ନିବାରଣ, ରକ୍ତଦାନ, ପରିବେଶ ସଚେତନତା, ଟ୍ରାଫିକ୍ ସଚେତନତା, ଯୁବ ଦକ୍ଷତା ଉପରେ ଆଲୋଚନା ପ୍ରଭୃତି ସହିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରିଥାଆନ୍ତି।

# ବିଜେପି ସରକାରରେ ଦୁର୍ନୀତିମୁକ୍ତ ହେବ ପଶ୍ଚିମବଙ୍ଗ

**ଭୁବନେଶ୍ୱର,୩୧।୩ (ମହାଭାରତ):** ଆଗାମୀ ବିଧାନସଭା ନିର୍ବାଚନ ପାଇଁ ପଶ୍ଚିମବଙ୍ଗରେ ବିଜେପିର ପ୍ରସ୍ତୁତି ଜୋରଦାର ଚାଲିଥିବା ବେଳେ ଆଜି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ କାନ୍ଥି ଓ ହଳଦିଆ ଗସ୍ତ କରି ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ସହ ଆଲୋଚନା କରିବା ସହ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଛନ୍ତି। ହଳଦିଆ ଠାରେ ପଶ୍ଚିମବଙ୍ଗ ବିଧାନସଭାର ବିରୋଧୀ ଦଳ ନେତା ଶ୍ରୀ ଶୁଭେନ୍ଦୁ ଅଧିକାରୀଙ୍କ ନାମାଙ୍କନ ପୂର୍ବରୁ ଆୟୋଜିତ ବିଶାଳ ଜନସଭାକୁ ସମ୍ବୋଧିତ କରିଥିଲେ ଶ୍ରୀ ପ୍ରଧାନ। ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ଟିଏମସି ସରକାରକୁ କଡ଼ା ସମାଲୋଚନା କରି ସେ କହିଛନ୍ତି, ରାଜ୍ୟରେ ଯୁବକମାନେ ବେରୋଜଗାର, ମହିଳାଙ୍କ ସୁରକ୍ଷା ବିପନ୍ନ ଏବଂ କୃଷକମାନେ ସେମାନଙ୍କ ହକ୍ ପାଇଁ ସଂଘର୍ଷ କରୁଛନ୍ତି। ଟିଏମସି ପାଖରେ ଜନତାଙ୍କୁ କହିବା ପାଇଁ କୌଣସି ବିକାଶମୂଳକ ମୁଦ୍ଦା ନାହିଁ। ନନ୍ଦୀଗ୍ରାମ ପରିବର୍ତ୍ତନର ପ୍ରତୀକ ଏବଂ ଏଥର ମଧ୍ୟ ଏହି ମାଟି ଇତିହାସ ରଚିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର

## ପଶ୍ଚିମବଙ୍ଗରେ କେନ୍ଦ୍ରମନ୍ତ୍ରୀଙ୍କ ନିର୍ବାଚନୀ ପ୍ରଚାର



ମୋଦୀଙ୍କ ମାର୍ଗଦର୍ଶନରେ 'ସବକା ସାଥ୍, ସବକା ବିକାଶ'ର ସଂକଳ୍ପ ବଙ୍ଗଳା ମାଟିରେ ସାକାର ହେବ। ବିଜେପି ସରକାରରେ ପଶ୍ଚିମବଙ୍ଗ ଦୁର୍ନୀତିମୁକ୍ତ ହେବ। ପରିବର୍ତ୍ତନର ସଂକଳ୍ପ ଏବେ ଜନସାଧାରଣଙ୍କ ସ୍ୱର ହୋଇଥିବା ବେଳେ ବଙ୍ଗଳାର ବିକାଶ ପାଇଁ 'ଡବଲ୍ ଇଞ୍ଜିନ' ସରକାରର ଆବଶ୍ୟକତା ରହିଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ଏହା ପୂର୍ବରୁ କାନ୍ଥି ଲୋକସଭା କ୍ଷେତ୍ରର ପ୍ରବାସୀ କାର୍ଯ୍ୟକର୍ତ୍ତାଙ୍କ ସହ ଆୟୋଜିତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ସାମିଲ ହୋଇଥିଲେ ଶ୍ରୀ ପ୍ରଧାନ। ଏହି ଅବସରରେ ସେ କହିଛନ୍ତି, ନିର୍ବାଚନ ଜିତିବା ପାଇଁ ବୁଥ୍ ସ୍ତରରେ ସଂଗଠନକୁ ଅଧିକ ଶକ୍ତିଶାଳୀ କରିବାକୁ ପରାମର୍ଶ ଦିଆଯାଇଛି। ସରକାରଙ୍କ ବିଫଳତା ଓ କେନ୍ଦ୍ରର ଜନକଲ୍ୟାଣକାରୀ ଯୋଜନାକୁ ଲୋକଙ୍କ ପାଖରେ ପହଂଚାଇବାକୁ କାର୍ଯ୍ୟକର୍ତ୍ତାଙ୍କୁ ଆହ୍ୱାନ ଦେଇଛନ୍ତି। ବୈଠକରେ ଉତ୍ତରପ୍ରଦେଶ ସରକାରଙ୍କ ମନ୍ତ୍ରୀ ଶ୍ରୀ ଜେ.ପି.ଏସ୍ ରାଠୋର ଏବଂ କାନ୍ଥି ସାଂସଦ ଶ୍ରୀ ସୌମେନ୍ଦୁ ଅଧିକାରୀ ଉପସ୍ଥିତ ଥିଲେ।

# ନୀତିଶଙ୍କ କଠିନ ନିଷ୍ପତ୍ତି

ନୀତିଶ ନିଶ୍ଚିତ ଭାବେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବେ। ଏହା ଏକ କଠିନ ଏବଂ ବହୁତ ବଡ଼ ନିଷ୍ପତ୍ତି। ଶୁଣାଯାଉଛି ଯେ, ନୀତିଶଙ୍କ ସ୍ଥାନରେ ତାଙ୍କ ପୁଅ ନିଶାନ୍ତ ଜେଡିୟୁର ନେତୃତ୍ୱ ନେବାକୁ ଯାଉଛନ୍ତି ଏବଂ ସେ ଖୁବ ଶୀଘ୍ର ଉପ-ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବେ। ନିଶାନ୍ତ ଏବେ ସକ୍ରିୟ ରାଜନୀତିରେ ପ୍ରବେଶ କରିଛନ୍ତି। ରାଜନୀତିର ଏ ବି ସି ଡି ସେ ଜାଣି ନାହାଁନ୍ତି। କିନ୍ତୁ ତାଙ୍କୁ ଏ ବିଷୟରେ ଜାଣିବାକୁ ଅଧିକ ସମୟ ଲାଗିବ ନାହିଁ। ଅସଲ କଥା ହେଲା ନୀତିଶ କୁମାର ଯେପରି ସଂଘର୍ଷ କରି ରାଜନୀତିରେ ନିଜକୁ ପ୍ରତିଷ୍ଠା କରିଛନ୍ତି ଏବଂ ତୃଣମୂଳ ସ୍ତରରୁ ଉଠି ଆଜି ନିଜକୁ ଜଣେ ଜାତୀୟ ସ୍ତରର ନେତାଭାବେ ପ୍ରତିଷ୍ଠା କରିଛନ୍ତି ତାହା ନିଶାନ୍ତଙ୍କ ଜୀବନରେ ଘଟିବ ନାହିଁ। ସବୁ ନେତାଙ୍କ ପିଲାମାନେ ଏପରି ବିନା ସଂଘର୍ଷରେ କ୍ଷମତା ଦଖଲ କରିଛନ୍ତି। ଅଖିଳେଶ ଯାଦବଙ୍କଠାରୁ ଆରମ୍ଭ କରି ରାହୁଲ ଗାନ୍ଧି, ସଚିନ ପାଇଲଟ, ଜ୍ୟୋତିରାଦିତ୍ୟ ସିନ୍ଧିଆ, ଅଭିଷେକ ବାନାର୍ଜୀ ପ୍ରମୁଖ ଏହି ଭଳି ନେତା ହୋଇ ଜନ୍ମ ହୋଇଛନ୍ତି। ସେମାନେ ସଂଘର୍ଷ କ' ଜାଣି ନାହାଁନ୍ତି। ଲୋକଙ୍କ ସମସ୍ୟା ସମ୍ପର୍କରେ ସେମାନେ ଭଲଭାବେ ଅବଗତ ନାହାଁନ୍ତି। ନୀତିଶ କୁମାର ଜୟପ୍ରକାଶ ନାରାୟଣଙ୍କ ସମ୍ପୂର୍ଣ୍ଣ କ୍ରାନ୍ତି ଆନ୍ଦୋଳନରୁ ଜନ୍ମ ନେଇଥିଲେ। ଜୀବନ ସାରା ସେ ସମାଜବାଦ ନୀତି ଓ ଆଦର୍ଶରେ ରହି କାମ କରିଛନ୍ତି। ବିହାର ଭଳି ରାଜ୍ୟରେ ଏତେ ବର୍ଷ ରାଜନୀତିରେ ସଫଳ ହେବା ଏବଂ ଦୁଇ ଦଶନ୍ଧି ଧରି ରାଜ୍ୟ ମୁଖ୍ୟମନ୍ତ୍ରୀ ପଦରେ ରହିବା କିଛି କମ କଥା ନୁହେଁ। ତାଙ୍କୁ କେବଳ ବିରୋଧୀ କଂଗ୍ରେସ ସହ ମୁକାବିଲା କରିବାକୁ ପଡ଼ିଛି ତାହା ନୁହେଁ, ଏକଦା ନିଜର ସହଯୋଗୀ ଥିବା ଲାଲୁ ପ୍ରସାଦ ଯାଦବଙ୍କ ସହ ମଧ୍ୟ ତାଙ୍କୁ ଲଢ଼େଇ କରିବାକୁ ପଡ଼ିଛି। ଏଥିରେ ବିଜୟୀ ହୋଇଛନ୍ତି। ଏବେ ନୀତିଶ ରାଜ୍ୟସଭାକୁ ଗଲେ ହୁଏତ କେନ୍ଦ୍ରରେ କ୍ୟାବିନେଟ ମନ୍ତ୍ରୀ ହୋଇପାରନ୍ତି। ଉପ-ପ୍ରଧାନମନ୍ତ୍ରୀ ପଦ ମଧ୍ୟ ତାଙ୍କୁ ମିଳିପାରେ। କିନ୍ତୁ ଯାହା ବି ହେଲେ ସେ ଏବେ ବିହାର ରାଜନୀତି ସହ ପ୍ରତ୍ୟକ୍ଷ ଭାବେ ଜଡ଼ିତ ହୋଇପାରିବେ ନାହିଁ। ନୀତିଶଙ୍କ ସ୍ଥାନରେ ବିହାରରେ କିଏ ହେବ ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ତାହା ଏକ ବଡ଼ ପ୍ରଶ୍ନ। ଶୁଣାଯାଉଛି ଯେ, ଏଥର ବିଜେପିର କେହି ଜଣେ ନେତା ବିହାର ମୁଖ୍ୟମନ୍ତ୍ରୀ ହେବେ। ଅତୀତରେ ବିଜେପି ନିଜ ସଂଖ୍ୟା ଅଧିକ ଥିବା ସତ୍ତ୍ୱେ ନୀତିଶଙ୍କ ମୁଖ୍ୟମନ୍ତ୍ରୀ ପଦ ଛାଡ଼ି ଦେଇଛି। ଏବେ ନୀତିଶଙ୍କ ପାଳି ଋଣ ପରିଶୋଧ କରିବାର। କିନ୍ତୁ ଏହା ଏକ ସାମୟିକ ବ୍ୟବସ୍ଥା ହୋଇପାରେ। ନିଜ ପୁଅ ନିଶାନ୍ତଙ୍କୁ ରାଜନୀତିରେ ପୁରା ତାଲିମପ୍ରାପ୍ତ କରିବାକୁ ନୀତିଶ ତାଙ୍କୁ କିଛି ଦିନ ପାଇଁ ନେତୃତ୍ୱ ନଦେଇ ମୁଖ୍ୟମନ୍ତ୍ରୀ ପଦ ବିଜେପିକୁ ଛାଡ଼ିଦେବାକୁ ରାଜି ହୋଇଥାଇପାରନ୍ତି। ଜେଡିୟୁରେ ଆଉ କେହି ସେପରି ବ୍ୟକ୍ତି ଦେଖାଯାଉ ନାହାଁନ୍ତି ଯିଏ କି ନୀତିଶଙ୍କ ସ୍ଥାନରେ ବିହାର ମୁଖ୍ୟମନ୍ତ୍ରୀ ପଦ ସମ୍ଭାଳିପାରିବ। ନୀତିଶ ମଧ୍ୟ ତାହା ଚାହିଁବେ ନାହିଁ। ଏଭଳି ପରିସ୍ଥିତିରେ ନୀତିଶ କିଛି ମାସ ପାଇଁ ବିଜେପିକୁ ନେତୃତ୍ୱ ହସ୍ତାନ୍ତରିତ କରିପାରନ୍ତି। କିନ୍ତୁ ମୁଖ୍ୟମନ୍ତ୍ରୀ ପଦ ଛାଡ଼ିଲେ ବି ନୀତିଶ ବିହାର ରାଜନୀତିରୁ ଦୁରେଇ ରହିବା ଅସମ୍ଭବ। ଦିଲ୍ଲୀରେ ଥାଇ ମଧ୍ୟ ନୀତିଶ କୁମାର ବିହାର ରାଜନୀତିକୁ ନିଜ ନିୟନ୍ତ୍ରଣରେ ରଖିବାକୁ ପ୍ରୟାସ କରିବେ। ଆଗାମୀ ବହୁ ବର୍ଷ ପର୍ଯ୍ୟନ୍ତ ବିହାର ରାଜନୀତିରେ ନୀତିଶଙ୍କ ସ୍ଥାନ ପୂରଣ ହେବା ସମ୍ଭବ ନୁହେଁ। ବିହାରରେ ଅଣ କଂଗ୍ରେସ ରାଜନୀତିର ସେ ହେଉଛନ୍ତି ମୁଖ୍ୟ ନାୟକ। ସେ ହେଉଛନ୍ତି ଲୋକନାୟକ ଜୟପ୍ରକାଶ ନାରାୟଣ, କର୍ପୁରୀ ଠାକୁରଙ୍କ ଦାୟାଦ। ତାଙ୍କୁ ଛାଡ଼ି ବିହାର ରାଜନୀତି କଳ୍ପନା କରାଯାଇପାରେନା। ଏବେ ଦେଖିବାର କଥା ନିଶାନ୍ତ ନିଜ ପିତା ନୀତିଶଙ୍କ ଆଦର୍ଶରେ ଚାଲୁଛନ୍ତି ନା କଂଗ୍ରେସ ସହ ହାତ ମିଳାଇ ସମାଜବାଦ ନୀତି ସହ ସାଲିସ କରୁଛନ୍ତି।

# ଦିବ୍ୟମାତା ଷୋଡ଼ଶୀବାଳା ଦେବୀ

**॥ ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ॥**

> "ସ୍ୱାମୀଙ୍କ ଜୀବନାଦର୍ଶକୁ ଉପଲବ୍ଧି କରି ନିଜକୁ ସମର୍ପି ଦିଅନ୍ତି ସେହି ଆଦର୍ଶରେ । ସ୍ୱାମୀଙ୍କୁ ଚିରଦିନ ଦେବତାଙ୍କ ଆସନରେ, ଈଶ୍ୱରଙ୍କ ଆସନରେ ବସାଇ ପୂଜା କରିଛନ୍ତି ହୃଦୟ ସିଂହାସନରେ । ଆଉ, ଜଣେ ଆଦର୍ଶ ନାରୀ ହୋଇ ପ୍ରତ୍ୟେକଟି କର୍ମ ନିଖୁଣ ଭାବେ ସଂପାଦନ କରି ଦେଖାଇ ଦେଇଛନ୍ତି ବିଶ୍ୱଜଗତକୁ । ଦିନକର ଘଟଣା ସ୍ୱାମୀ ଡାକ୍ତରୀ ଚିକିତ୍ସା କରି ଫେରିଲେ ଘରକୁ । ବ୍ୟସ୍ତ ବିବ୍ରତ ହୋଇ କହିଲେ 'ବଡ଼ବୌ (ବଡ଼ବୋହୁ) ତୁମ କାନର ମାଙ୍କେଡ଼ି ଦୁଇଟି ଦେବ ?' ଜଣଙ୍କର ପୁଅ ଖୁବ୍ ଅସୁସ୍ଥ । ଔଷଧ କିଣିବା ପାଇଁ ପଇସା ନାହିଁ ।

ଜାଣେନା, ପାରେନା, ନାହିଁ ତ ଘରେ, ଏ ତିନି କଥାକୁ ଦେବତା ଡରେ' । ଏହି ତିନୋଟି କଥା କେବେ ବି କେହି ଶୁଣିବାକୁ ପାଇନାହାଁନ୍ତି ଚକ୍ରବର୍ତ୍ତୀ ପରିବାରର କୂଳବଧୂ ଷୋଡ଼ଶୀବାଳାଙ୍କ ନିକଟରୁ । ଶ୍ୱଶୁର, ଶାଶୁ କିମ୍ବା ସ୍ୱାମୀ ଯେତେବେଳେ ଯେଉଁ କାମ କଥା କୁହନ୍ତି, ବିନା ଦ୍ୱିଧାରେ ବିନା ଆପତ୍ତିରେ ଆଗେଇ ଯାଆନ୍ତି 'ହଁ ପାରିବି' କହି ପରମ ଆନନ୍ଦରେ । ସେଥିପାଇଁ ଘରର ସମସ୍ତ କାର୍ଯ୍ୟ ବଧୂ ଉପରେ ଛାଡ଼ି ଦେଇ ବାହାର କାମରେ ଚାଲିଯାଆନ୍ତି ଶାଶୁ ମନମୋହିନୀ ଦେବୀ । କିନ୍ତୁ ଫେରିବାପରେ ଶାଶୁ ଦେବୀ ଦେଖନ୍ତି ସମସ୍ତ କାର୍ଯ୍ୟରେ କିଛି ନା କିଛି ଭୁଲ ତ୍ରୁଟି ରହିଯାଇଥାଏ । ଅଳ୍ପ ବୟସର ବଧୂଟି ବୋଲି ବିରକ୍ତି ପ୍ରକାଶ ନକରି ବରଂ ବୁଝିଯାନ୍ତି ଶାଶୁଦେବୀ ।

ସ୍ୱାମୀଙ୍କ ଜୀବନାଦର୍ଶକୁ ଉପଲବ୍ଧି କରି ନିଜକୁ ସମର୍ପି ଦିଅନ୍ତି ସେହି ଆଦର୍ଶରେ । ସ୍ୱାମୀଙ୍କୁ ଚିରଦିନ ଦେବତାଙ୍କ ଆସନରେ, ଈଶ୍ୱରଙ୍କ ଆସନରେ ବସାଇ ପୂଜା କରିଛନ୍ତି ହୃଦୟ ସିଂହାସନରେ । ଆଉ, ଜଣେ ଆଦର୍ଶ ନାରୀ ହୋଇ ପ୍ରତ୍ୟେକଟି କର୍ମ ନିଖୁଣ ଭାବେ ସଂପାଦନ କରି ଦେଖାଇ ଦେଇଛନ୍ତି ବିଶ୍ୱଜଗତକୁ । ଦିନକର ଘଟଣା ସ୍ୱାମୀ ଡାକ୍ତରୀ ଚିକିତ୍ସା କରି ଫେରିଲେ ଘରକୁ । ବ୍ୟସ୍ତ ବିବ୍ରତ ହୋଇ କହିଲେ 'ବଡ଼ବୌ (ବଡ଼ବୋହୁ) ତୁମ କାନର ମାଙ୍କେଡ଼ି ଦୁଇଟି ଦେବ ?' ଜଣଙ୍କର ପୁଅ ଖୁବ୍ ଅସୁସ୍ଥ । ଔଷଧ କିଣିବା ପାଇଁ ପଇସା ନାହିଁ । କାଳବିଳମ୍ବ ନକରି ସେହିକ୍ଷଣି ହିଁ ମାଙ୍କେଡ଼ି (କାନଫୁଲ) ଦୁଇଟି ଖୋଲି ସ୍ୱାମୀଙ୍କ ଶ୍ରୀହସ୍ତରେ ଦେଇଦେଲେ ସହଧର୍ମିଣୀ । ନେଇ ଚାଲିଗଲେ ମଧ ସ୍ୱାମୀ ଦେବତା । କିନ୍ତୁ ବୋହୁର କାନରେ ମାଙ୍କେଡ଼ି ପଚାରିଲେ ଶାଶୁଦେବୀ - 'ବୋହୁମା' କାନର ମାଙ୍କେଡ଼ି କ'ଣ ହେଲା ?' କିଛି ଉତ୍ତର ନଦେଇ ଛିଡ଼ା ହୋଇ ରହିଲେ କୂଳବଧୂ । ଉତ୍ତର ନପାଇ ଏବେ ଟିକେ କଡ଼ା ଗଳାରେ କହିଲେ ଶାଶୁଦେବୀ - 'ହୁଏତ ହଜେଇ ଦେଇଛ, ନ ହେଲେ ବାପଘରେ ରଖି ଆସିଛ । ଆଉ କ'ଣ ହେବ ?' ତଥାପି ବଧୂଟି ନିରୁତ୍ତର । ପ୍ରାୟ ମାସକ ପରେ ଦିନେ ଦ୍ୱିପ୍ରହରର ପୂର୍ବ ସମୟରେ, ଶାଶୁଦେବୀ ବାରଣ୍ଡାରେ ବସିଥିବା ଅବସ୍ଥାରେ ଜଣେ ବ୍ୟକ୍ତି ଆସି କହିଲା, - 'ଏଇ ନିଅନ୍ତୁ ମା' ମାଙ୍କେଡି ଦୁଇଟା । ଆପଣମାନେ ଗରିବଙ୍କର ମା'ବାପା । ଏଇ ସୁନା ଟିକକ ଆପଣ ନଦେଇଥିଲେ ମୋ ପୁଅକୁ ବଞ୍ଚାଇ ପାରିନଥାନ୍ତି । ଏହି ସୁନାକୁ ବନ୍ଧା ପକାଇ ପୁଅର ଔଷଧ ଆଣିଥିଲି । ମାସକ ପରେ ଆଜି ମୁକୁଳାଇ ଆଣିପାରିଛି ।' କୃତଜ୍ଞତାରେ ମାଟିରେ ମଥାନତ କରି ଆଖିରୁ ଲୁହ ପୋଛି ପୋଛି ଚାଲିଗଲା ଲୋକଟି । ଏଥର ଶାଶୁଦେବୀଙ୍କର ବୁଝିବାରେ ଆଉ କିଛି ବି ବାକି ରହିଲାନି । ବୋହୁଟି ଘର ଭିତରେ ଥାଇ ସବୁ ଶୁଣି ମଧ ପଦେ ବି କଥା କହିଲେ ନାହିଁ । ଏହିପରି ବହୁ ଘଟଣା ଘଟିଯାଇଛି ଏଇ ସ୍ୱାମୀ ମନବୃତ୍ତ୍ୟାନୁସାରିଣୀ ଷୋଡ଼ଶୀବାଳା ଦେବୀଙ୍କର ବାସ୍ତବ ଜୀବନରେ । ଧୈର୍ଯ୍ୟ ଓ ସହିଷ୍ଣୁତାର ପ୍ରତିମୂର୍ତ୍ତି ଥିଲେ ଏହି ଦେବୀ ଜଣକ । ଯେଉଁଥିପାଇଁ ସାରା ବିଶ୍ୱରେ ଆଜି ସୃଷ୍ଟି ହୋଇଛି ତାଙ୍କର ସ୍ୱତନ୍ତ୍ର ପରିଚୟ ବିଶ୍ୱ ଜନନୀ ଶ୍ରୀ ଶ୍ରୀ ଲକ୍ଷ୍ମୀମା' ନାମରେ ସ୍ୱାମୀଙ୍କର ଇଛା ପରିପୂରଣ ପାଇଁ ସେ ସମସ୍ତ କିଛି ହିଁ କରିପାରନ୍ତି । ସେଥିପାଇଁ ଅନ୍ତିମ ସମୟରେ ସ୍ୱାମୀ ଦେବତା ବିଶ୍ୱପିତା ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ଶ୍ରୀମୁଖରୁ ସେଦିନ ସ୍ପଷ୍ଟ ଉଚାରିତ ହୋଇଥିଲା - 'ତୁମେ କେବଳ ବଡ଼ଖୋକା (ବଡ଼ପୁଅ)ର ମା' ନୁହଁ, ତୁମେ ସାରା ଜଗତର ମା', ତୁମେ ବିଶ୍ୱ ଜନନୀ ।' ଏହି ମହିୟସୀ କୂଳବଧୂ ଆଉ କେହି ନୁହନ୍ତି । ଏ ହେଉଛନ୍ତି ଯୁଗାବତାର ପରମପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ଲୀଳା ସଙ୍ଗିନୀ ପରମା ପ୍ରକୃତି ପରମ ଆରାଧ୍ୟା ଶ୍ରୀ ଶ୍ରୀ ଲକ୍ଷ୍ମୀମା' । ଆଜକୁ ବର୍ଷ ପୂର୍ବେ ୧୩୦୧ ସାଲ, ଶ୍ରାବଣ-୧୪ ଦିନ ଶ୍ରାବଣ କୃଷ୍ଣ ଦ୍ୱାଦଶୀ ତିଥିରେ ପୂର୍ବ ବଙ୍ଗଳା ଅନ୍ତର୍ଗତ ପାବନା ଜିଲ୍ଲା ଧୋପାଦହ ଗ୍ରାମ ନିବାସୀ ଶ୍ରୀଯୁକ୍ତ ରାମଗୋପାଳ ଭଟ୍ଟାଚାର୍ଯ୍ୟ ଏବଂ ଶ୍ରୀମତୀ ତ୍ରିନୟନୀ ଦେବୀଙ୍କର କୋଳମଣ୍ଡନ କରି ଭୂମିଷ୍ଠ ହୋଇଥିଲେ ଧରାପୃଷ୍ଠରେ । ଆଜି ତାଙ୍କରି ପବିତ୍ର ଜନ୍ମ ଦିବସରେ ସମସ୍ତ ନାରୀ ଜଗତ ତାଙ୍କରି ପଥର ପଥିକ ହୋଇ, ତାଙ୍କରି ଆଦର୍ଶରେ ଅନୁପ୍ରାଣୀତ ହୋଇ ହୋଇଉଠନ୍ତୁ ସୁଗୃହିଣୀ, ସ୍ୱାମୀ ମନବୃତ୍ତ୍ୟାନୁସାରିଣୀ, ଆଦର୍ଶନାରୀ ତଥା ଦେବ ସନ୍ତାନର ଜନନୀ । ଯୁଗାବତାର ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ଅଭୂତପୂର୍ବ ଐଶୀ ଶକ୍ତିର ପରିପ୍ରକାଶରେ ଭକ୍ତଜନ ବିମୋହିତ ପ୍ରେମାଶ୍ରୁ ବିସର୍ଜନ ପୂର୍ବକ ପ୍ରାର୍ଥନାରେ ଦୟାଲ ଦେଶରୁ ଲିପିବଦ୍ଧ ହେଲା ଅମୃତ ନିଷ୍ୟନ୍ଦୀ ସ୍ୱତଃ ଉତ୍ସାରିତ ବାଣୀ - ପୃଥିବୀ ପୃଷ୍ଠରେ ମନ୍ଦାକିନୀର ପୁଣ୍ୟଧାରା। ବଜ୍ର ଗମ୍ଭୀର କଣ୍ଠରେ ସ୍ୱହସ୍ତ ଲିଖିତ ସତ୍ୟାନୁସରଣରେ ଉଦ୍‌ଘୋଷିତ ହେଲା - ଅର୍ଥ, ମାନ, ଯଶ ଇତ୍ୟାଦି ପାଇବା ଆଶାରେ ମୋତେ ଠାକୁର ସଜାଇ ଭକ୍ତ ହୁଅନାହିଁ, ସାବଧାନ ହୁଅ - ଠକିଯିବ; ତୁମର ଠାକୁରତ୍ୱ ଜାଗ୍ରତ ନହେଲେ କେହି ତୁମର କେନ୍ଦ୍ର ନୁହଁନ୍ତି, ଠାକୁର ବି ନୁହଁନ୍ତି - ଫାଙ୍କି ଦେଲେ ତାହା ହିଁ ପାଇବ। ପୁଣି ସେହି ସାବଧାନ ବାଣୀ - ଜଗତରେ ମଣିଷ ଯେତେ ଯାହା ଦୁଃଖ ପାଏ ତାହାର ଅଧିକାଂଶ ହିଁ କାମିନୀ - କାଞ୍ଚନ ପ୍ରତି ଆସକ୍ତିରୁ ଆସେ, ସେ ଦୁଇଟା ପାଖରୁ ଯେତିକି ଦୂରେଇ ରହିବ ସେତିକି ମଙ୍ଗଳ। କାମିନୀ ଠାରୁ କାମ ବାଦ ଦେଲେ ହିଁ ସେ ମା' ହୋଇପଡ଼ନ୍ତି, ବିଷ ଅମୃତ ହୋଇଗଲା। ଆଉ ମା' କେବଳ ମା' - କାମିନୀ ନୁହେଁ। ମା'ଶେଷରେ ଗୀ ଦେଇ ଭାବିଲେ ହିଁ ସର୍ବନାଶ। ସାବଧାନ ! ମା'କୁ ମାଗୀ ଭାବି ମରନାହିଁ। ନିଜେ ଠିକ୍ ରହି ସମସ୍ତଙ୍କୁ ସତ୍ ଭାବରେ ଖୁସି କରିବାକୁ ଚେଷ୍ଟା କର, ଦେଖିବ ସମସ୍ତେ ତୁମକୁ ଖୁସି କରିବାକୁ ଚେଷ୍ଟା କରୁଛନ୍ତି। ସାବଧାନ ! ନିଜତ୍ୱ ହରାଇ କାହାରିକୁ ଖୁସି କରିବାକୁ ଯାଅନାହିଁ, ତା'ହେଲେ ତୁମ ଦୁର୍ଗତିର ସୀମା ରହିବନାହିଁ।

ଯେତେପାର ସେବା କର, କିନ୍ତୁ ସାବଧାନ ! ସେବା ନେବାକୁ ଯେପରି ଇଚ୍ଛା ନହୁଏ। ସ୍ପଷ୍ଟବାଦୀ ହୁଅ, କିନ୍ତୁ ମିଷ୍ଟଭାଷୀ ହୁଅ, କହିବା ଆଗରୁ ବିବେଚନା କର, କିନ୍ତୁ କହି ବିମୁଖ ହୁଅନାହିଁ। ଯଦି ଭୁଲ କହିଥାଅ, ସାବଧାନ ! ଭୁଲ କରନାହିଁ। ପୁଣି ସେହି ସତର୍କ ବାଣୀ - ଖବରଦାର୍, କାହାକୁ ହୁକୁମ କରି କିମ୍ବା ଚାକର-ବାକର ଦ୍ୱାରା ଗୁରୁଙ୍କ ସେବା ଶୁଶ୍ରୂଷା କରାଇବାକୁ ଯାଅନାହିଁ - ପ୍ରସାଦରୁ ବଞ୍ଚିତ ହୁଅନାହିଁ। ଯାହାଙ୍କୁ ତୁମେ ଚାଳକ ରୂପେ ମନୋନୀତ କରିନେଇଛ, ତାଙ୍କ ପାଖରେ ତୁମ ହୃଦୟର କୌଣସି କଥା ଗୋପନ ରଖନାହିଁ। ଆଉ ଗୋପନ କରିବାକୁ ଇଚ୍ଛା ହେଲେ ହିଁ ଜାଣିରଖ, ତୁମ ହୃଦୟରେ ଦୁର୍ବଳତା ଆସିଛି ଏବଂ ଅବିଶ୍ୱାସ ତୁମକୁ ଆକ୍ରାନ୍ତ କରିଛି, ସାବଧାନ ହୁଅ, ନଚେତ ଅନେକ ଦୂରକୁ ଗଡ଼ିଯିବ। ଯଦି ପାପ କରିଥାଅ ତେବେ କାତର କଣ୍ଠରେ ତାହା ପ୍ରକାଶ କର, ଶୀଘ୍ର ହିଁ ସାନ୍ତ୍ୱନା ପାଇବ। ସାବଧାନ ! ସଂକୀର୍ଣ୍ଣତା ବା ପାପକୁ ଗୋପନ ରଖନାହିଁ, ଉତ୍ତରୋତ୍ତର ବର୍ଦ୍ଧିତ ହୋଇ ଅତି ସତ୍ୱର ତୁମକୁ ଅଧଃପତନର ଚରମକୁ ନେଇଯିବ। ଅନ୍ତରରେ ଯାହା ଗୋପନ କରିବ ତାହା ହିଁ ବୃଦ୍ଧି ପାଇବ। ଯେଉଁ ଭାବ ବିରୁଦ୍ଧ ଭାବ ଦ୍ୱାରା ଆହତ ବା ଅଭିଭୂତ ହୁଏନା ତାହା ହିଁ ବିଶ୍ୱାସ।

ପ୍ରଫେସର, ହେପାଟୋଲୋଜି ବିଭାଗ,
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭

# 'କୋଟା'ର ମୃତ୍ୟୁ ଫାଶ ଓ ଆଜିର ମେଧାବୀ

**॥ ଡାକ୍ତର ସମ୍ରାଟ କର ॥**

ଗଲା ଅଗଷ୍ଟ ୧୫ ତାରିଖରେ ରାଜସ୍ଥାନର କୋଟା ସହରରେ ପୁନର୍ବାର ଜଣେ ଅଠର ବର୍ଷର ତରୁଣ ଆତ୍ମହତ୍ୟା କରିଛନ୍ତି ଯାହା ସହିତ କେବଳ ଚଳିତ ବର୍ଷ କୋଟାରେ ଆତ୍ମହତ୍ୟା କରିଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା ୨୧ରେ ପହଞ୍ଚିଛି। ଏହି ଛାତ୍ର ଜଣକ ଆଇଆଇଟି ପ୍ରବେଶିକା ପରୀକ୍ଷାରେ କୃତକାର୍ଯ୍ୟ ଲାଗି କୋଚିଂ ନେବାକୁ ଏହି ସହରରେ ପାଦ ଦେଇଥିଲେ।' - ବଡ଼ ବ୍ୟସ୍ତଭରା କଣ୍ଠରେ ଏକାସ୍ୱରରେ କହିଗଲେ ମୋ କ୍ଷୀପ୍ରଲିପ ଅନୁଜ ପ୍ରତୀମ ଶ୍ରୀକାନ୍ତ। ମୁଁ ତାଙ୍କ ବ୍ୟସ୍ତତା ଓ ବର୍ତ୍ତମାନର କୋଟାରେ ଆଶାୟୀ ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା ଘଟଣାକୁ ଲକ୍ଷ୍ୟ ରଖି ସବୁ ଜାଣି ପାରି କହିଲି କଥା ଆଜିର ନୁହଁ। ୮୦ଦଶକରୁ ଛାତ୍ରଙ୍କୁ ଏଠି ଜୀବନ୍ତ ମେସିନ ବନେଇବାର ପ୍ରକ୍ରିୟା ଆରମ୍ଭ ହୋଇଛି। ଏଠାରେ ଗୋଟିଏ କୋଚିଂ ସେଣ୍ଟରର ଛାତ୍ର ଆଇଆଇଟି ପାଇବା ପରେ ତାହା ରାତାରାତି ବିଖ୍ୟାତ ହୋଇଗଲା। ତାପରେ ଛତୁ ଫୁଟିଲା ପରି କୋଟାରେ ଅନ୍ୟ କୋଚିଂ ସେଣ୍ଟର ଗୁଡ଼ିକ ଗଢ଼ି ଉଠିଲେ। ଛାତ୍ରସଂଖ୍ୟା ବଢ଼ିଲା ଏବଂ ଛାତ୍ରଙ୍କ ପାଇଁ ହଷ୍ଟେଲ ସଂଖ୍ୟା ମଧ ବଢ଼ିଲା। ଅନେକ କ୍ୟାଣ୍ଟିନ ବି ଖୋଲିଲା। ଚା ଜଳଖିଆ ଦୋକାନ ଓ ଅଟୋରିକ୍ସା ଆଦି ଛାତ୍ରଙ୍କ ସେବା ପାଇଁ ଗଢ଼ି ଉଠିଲେ। ସମସ୍ତଙ୍କ ଟାର୍ଗେଟରେ ରହିଲେ ୧୫-୧୬ ବର୍ଷର ଛାତ୍ରଛାତ୍ରୀ।

ବାସ୍ତବ କଥା ହେଉଛି କୋଟା ବାରୁଦଗଦା ଉପରେ ଅବସ୍ଥିତ। ବିସ୍ଫୋରିତ ହେଲେ ସବୁକିଛି ପାଉଁଶ ହୋଇଯିବ। ମୃତ ଶୈଶବ ଉପରେ ଠିଆ ହୋଇଛି ସହର। ଆପଣ କୋଟା ଯାଆନ୍ତୁ, ରେଳ ଷ୍ଟେସନରୁ ବାହାରିବା ମାତ୍ରେ ଅଟୋ ଚାଳକମାନେ ଆପଣଙ୍କୁ ଘେରିଯିବେ। କିଏ କହିବ ଆପଣଙ୍କ ପିଲା ପାଇଁ ଭଲ ହଷ୍ଟେଲ ଯୋଗାଇଦେବ, କିଏ କହିବ ଶସ୍ତାରେ ସବୁଠାରୁ ଭଲ କୋଚିଂ ସେଣ୍ଟରରେ ନାଁ ଲେଖାଇ ଦେବ। ରେଳ ଷ୍ଟେସନରୁ ହିଁ କୋଚିଂ ସେଣ୍ଟରଗୁଡ଼ିକ ପାଇଁ ମାର୍କେଟିଂ ଆରମ୍ଭ ହୋଇଯାଏ।

ଚଳିତ ବର୍ଷ ପ୍ରାୟ ୩ ଲକ୍ଷ ଛାତ୍ରଛାତ୍ରୀ ଏଣ୍ଟ୍ରାନ୍ସ ପରୀକ୍ଷା ପ୍ରସ୍ତୁତି ପାଇଁ କୋଟା ଆସିଛନ୍ତି। ରବିବାର ବି ଏଠି ପିଲାଙ୍କ ପାଇଁ ଛୁଟି ନାହିଁ। କେଉଁଠି ପିଲା ପରୀକ୍ଷା ଦେବାକୁ କୋଚିଂ ସେଣ୍ଟର ଯାଇଥାଏ ଆଉ କେଉଁଠି ରାତି ଅନିଦ୍ରା ମେଣ୍ଟାଇବା ପାଇଁ ବିଶ୍ରାମ ନେଉଥାଏ। ପିଲାମାନେ ନିଜର ଲୁଗାପଟା ବି ସଫା କରନ୍ତିନି। ତାହା ହଷ୍ଟେଲ କର୍ମଚାରୀ କରନ୍ତି। କୋଚିଂ କ୍ଲାସ ସକାଳ ସାଢ଼େ ୬ଟାରୁ ଆରମ୍ଭ ହୁଏ ଏବଂ ପିଲାମାନେ ରାତି ୨ଟା ଯାଏ ପାଠ ପଢ଼ନ୍ତି। ସେମାନଙ୍କ ରୁଟିନ ଏତେ ଟାଇଟ ଯେ ନିଃଶ୍ୱାସ ନେବାକୁ ସମୟ ନଥାଏ। ତେବେ କଠିନ ପରିଶ୍ରମ ସତ୍ତ୍ୱେ ସବୁ ପିଲା ଆଇଆଇଟି ବା ମେଡ଼ିକାଲ ପାଆନ୍ତିନି। କେତେକ ପିଲା ଭଗ୍ନ ସ୍ୱପ୍ନ ନେଇ ଘରକୁ ଫେରନ୍ତି ଓ ଆଉ କେତେକ ଫେରନ୍ତିନି।

ଜଣେ ଛାତ୍ରଙ୍କ କହିବା ଅନୁସାରେ ସେ ଲେଖକ ହେବାକୁ ଚାହୁଁଥିଲେ। ସେ କିଛି ଗପ ଲେଖିଥିଲେ ଯାହାକୁ ତାଙ୍କ ବାପା ଚିରିଦେଲେ। ତାଙ୍କ ମାଆ ତାଙ୍କ ସହ କଥାବାର୍ତ୍ତା କରିବା ବନ୍ଦ କରିଦେଲେ। ଏବେ ସେ କୋଟାରେ ରହି ଡାକ୍ତର ହେବା ପାଇଁ ପ୍ରସ୍ତୁତ ହେଉଛନ୍ତି। ପିଲାମାନଙ୍କୁ ନିଜର ସ୍ୱପ୍ନକୁ ଚୁରମାର କରି ବାପାମାଆଙ୍କ ସ୍ୱପ୍ନ ପୂରଣ କରିବାକୁ ବାଧ କରାଯାଉଛି। ଶେଷରେ ମାନସିକ ଚାପ, ହତାଶା ଓ ଅବସାଦରେ ଅନେକ ଛାତ୍ର ଆତ୍ମହତ୍ୟା କରିବାକୁ ବାଧ ହେଉଛନ୍ତି।

ପ୍ରତି ବର୍ଷ ଭାରତର ପ୍ରାୟ ସମସ୍ତ ଅଞ୍ଚଳରୁ ପନ୍ଦର ବା ଷୋହଳ ବର୍ଷ ବୟସର ପ୍ରାୟ ଦେଢ଼ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ସେମାନଙ୍କ ବ୍ୟାକ ପ୍ୟାକ ଏବଂ କୌଣସି ଗୋଟିଏ ଅଗ୍ରଣୀ ଇଂଜିନିୟରିଂ ବା ମେଡ଼ିକାଲ କଲେଜରେ ନାମ ଲେଖାଇବାର ସ୍ୱପ୍ନ ନେଇ ଏହି ସହରରେ ପ୍ରବେଶ କରୁଥିବା ଅଭିଭାବକ ଗଣ ଏ ନେଇ ସଚେତନ ଥାଆନ୍ତି ଯେ ଏହି ସ୍ୱପ୍ନଭୁକ ମାନଙ୍କ ମଧ୍ୟରୁ କିୟଦଂଶ ମାତ୍ର ଆଶାନୁରୂପକ ସାଫଲ୍ୟ ଲାଭ କରିବେ ଏବଂ ଅବଶିଷ୍ଟ ବିଫଳତାର ଗ୍ଲାନି ବହନ କରି ଅଗତ୍ୟା କୋଟାରୁ ରିକ୍ତ ହସ୍ତରେ ପ୍ରତ୍ୟାବର୍ତ୍ତନ କରିବେ। ତଥାପି ବିସ୍ମୟର ବିଷୟ ହେଲା ବର୍ଷ ପରେ ବର୍ଷ କୋଟାର ଦୁର୍ବାର ମୋହରୁ ଛାତ୍ରଛାତ୍ରୀ ଏବଂ ସେମାନଙ୍କ ଅଭିଭାବକମାନଙ୍କୁ ମୁକ୍ତି ମିଳୁନାହିଁ। ଏହାର କାରଣ କଣ ?

ପ୍ରବେଶିକା ପରୀକ୍ଷାଗୁଡ଼ିକରେ ମୁଷ୍ଟିମେୟ ଛାତ୍ରଛାତ୍ରୀଙ୍କ ସଫଳତାକୁ ନେଇ ଯେଉଁଭଳି ପ୍ରଶସ୍ତି ଓ ବିଜ୍ଞାପନର ବନ୍ୟା ସୃଷ୍ଟି କରାଯାଏ, ତହିଁରେ କୋଟା ଅଧିକ ଆକର୍ଷଣୀୟ ହୋଇ ଉଠେ ସତ କିନ୍ତୁ ସଂଖ୍ୟାଧିକ ଛାତ୍ରଛାତ୍ରୀ ସମସ୍ତଙ୍କ ଅଲକ୍ଷ୍ୟରେ ବିଫଳତାର ଅନ୍ଧକାର ମଧ୍ୟରେ ବିଧ୍ୱସ୍ତ କରୁଥିବା ପିଲାମାନ ସେମାନଙ୍କ ପ୍ରଦର୍ଶନ ଆଧାରରେ ଅତ୍ୟନ୍ତ ନିଷ୍ଠୁର ଏବଂ କଠୋର ବର୍ଗୀକରଣର ଶିକାର ହୁଅନ୍ତି, ଯାହା ଫଳରେ ଅପେକ୍ଷାକୃତ ନିମ୍ନ ପ୍ରଦର୍ଶନକାରୀମାନେ ଗଭୀର ହୀନମନ୍ୟତା ମଧ୍ୟକୁ ନିକ୍ଷେପିତ ହୁଅନ୍ତି ଏବଂ ତାରକା ଛାତ୍ରଛାତ୍ରୀମାନେ ମଧ ଆଶା ଅନୁକୂଳ ପ୍ରଦର୍ଶନ ବଜାୟ ରଖିବା ଲାଗି ଭୀଷଣ ଚାପର ବଶବର୍ତ୍ତୀ ହୁଅନ୍ତି। ଏଭଳି ସ୍ଥଳେ ପ୍ରତିଦ୍ୱନ୍ଦ୍ୱିତାର ଅସହନୀୟ ଚାପରୁ ଚିରନ୍ତନ ମୁକ୍ତି ପାଇବା ଲାଗି ସେମାନଙ୍କ ମଧ୍ୟରୁ କେହି କେହି ହୁଏତ ଚରମ ପନ୍ଥା ବାଛି ନେବାକୁ ବାଧ୍ୟ ହୁଅନ୍ତି। ଏଥିରେ ଦ୍ୱିରୁକ୍ତି ନାହିଁ ଯେ କୈଶୋର ଏବଂ ଆଦ୍ୟ ତାରୁଣ୍ୟର ସନ୍ଧି ସ୍ଥଳରେ ଉପସ୍ଥିତ ଏହି ଛାତ୍ରଛାତ୍ରୀମାନେ ପରିବାର ଠାରୁ ଦୂରରେ ଏକ ନିଃସଙ୍ଗ ବାତାବରଣରେ ସ୍ୱପ୍ନ ଚରିତାର୍ଥ କରିବାର ସଂଘର୍ଷରେ ଲିପ୍ତ ଥିବା ବେଳେ ଆଉ ଯେଉଁ ଏକ ଗ୍ଲାନିବୋଧ ସେମାନଙ୍କୁ ଅହରହ ଦଂଶନ କରି ଚାଲିଥାଏ, ତାହା ହେଲା ସେମାନଙ୍କ ଲାଗି ସେମାନଙ୍କର ପରିବାର ବହନ କରୁଥିବା ଆର୍ଥିକ ବୋଝ, ଯାହା ବାର୍ଷିକ ଦୁଇ ଲକ୍ଷରୁ ଆରମ୍ଭ କରି ପାଞ୍ଚ ଲକ୍ଷ ପର୍ଯ୍ୟନ୍ତ ହୋଇପାରେ। ଏଭଳି ସ୍ଥିତିରେ ଉତ୍ତମ ପ୍ରଦର୍ଶନରେ ବିଫଳତା ଅନେକ ଛାତ୍ରଛାତ୍ରୀଙ୍କୁ ଆତ୍ମହତ୍ୟାକାମୀ କରାଇଥାଏ।

ମୂଳକଥା ହେଉଛି ଆଜିର ଛାତ୍ରଛାତ୍ରୀମାନେ ନିଜ ଭବିଷ୍ୟତକୁ ଚିନ୍ତା କରି କ୍ୟାରିୟର ମନସ୍କ ହୁଅନ୍ତି। କିନ୍ତୁ ଏହାକୁ ନେଇ ଅତ୍ୟଧିକ ଚାପକୁ ନିମନ୍ତ୍ରଣ କରନ୍ତୁ ନାହିଁ କାରଣ ଜୀବନଟି ଖୁବ ଲମ୍ୱା। ଗୋଟିଏ ନିର୍ଦ୍ଦିଷ୍ଟ ଉପଲବ୍ଧିକୁ ହାସଲ କରିବାକୁ ହେଲେ ଜୀବନଟାକୁ ବଳୀଦାନ ଦେବା ଉଚିତ କି ? ସେହିପରି ଅନ୍ୟ ଏକ କଥା ହେଉଛି ଅଭିଭାବକମାନେ ପିଲାମାନଙ୍କ ଉପରେ ଅତ୍ୟଧିକ ଚାପ ଦିଅନ୍ତୁ ନାହିଁ। କୋମଳମତି ଛାତ୍ରଛାତ୍ରୀମାନେ କାରୁଣ୍ୟର ଅସୁମାରୀ ସ୍ୱପ୍ନ ଚରିତାର୍ଥ କରିବା ପାଇଁ ନିଶ୍ଚିନ୍ତ ଉପଲବ୍ଧି ହାସଲ ନହେଲେ ମୃତ୍ୟୁପଥକୁ ଗ୍ରହଣ କରନ୍ତୁନାହିଁ। ପିଲାମାନେ କୌଣସି ପ୍ରକାର ମାନସିକ ଅବସାଦର ଶିକାର ହେଲେ ତୁରନ୍ତ ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ।

ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ୍, ପୁରୀଘାଟ ରୋଡ଼, କଟକ, ଦୂରଭାଷ : ୯୧୩୨୪୩୩୩୩୩

# ଘର ଭିତରେ ଠାକୁରଙ୍କ ଫଟୋ

**॥ ଅଜୟ କୁମାର ବେହେରା ॥**

ଏବେ ଘର କାହାର ? ଠାକୁର ପ୍ରଚାର କରି ତାଙ୍କ ଛବି ଘରେ ରଖିବାକୁ କାହାକୁ ପ୍ରଭାବିତ କରିନାହାଁନ୍ତି। ଲୋକେ କେହି ଭାବରେ, କେହି ଭକ୍ତିରେ, କେହି ପରଲୋକକୁ ଅନୁକରଣ କରି ଠାକୁରଙ୍କ ଛବି ଫଟୋ ଘରେ ପୂଜା ପାଇଁ ସନ୍ତୋଷ ପାଇଁ ଲଗାଉଛନ୍ତି। ଘରଟା ସ୍ୱର୍ଗର ଟୁକୁଡ଼ା ହୋଇପାରେ ଯେଉଁଠି ଦିଅଁଙ୍କର ଫଟୋ ନୁହେଁ ଆଦର୍ଶ ପାଳନ ହେଉଛି ଏହାକୁ କେହି ବୁଝନ୍ତିନାହିଁ। ଓଡ଼ିଶାରେ ଏକ ପୂଜା ଗୃହାରମ୍ଭ ଗୃହ ପ୍ରତିଷ୍ଠାରେ ଘଟ ତ ବସାଯାଏ ହେଲେ ଏକ ଫଟୋ ଠାକୁରଙ୍କ ପୁରୋହିତ ରଖି ପୂଜା କରନ୍ତି। ପୂଜା ଶେଷରେ ଲୋକେ ତାକୁ ଘରେ ରଖି ଠାକୁରଙ୍କୁ ପୂଜା କରନ୍ତି। ଧୂପକାଠି, ଦୀପ ଆଦି ଦେଇ ପୂଜା କରି ଚାଲନ୍ତି। ଏଇଟା ପ୍ରତି ଘରର ଏକ ହିନ୍ଦୁ ପରମ୍ପରା ଲୋକେ ଘରେ ରହିଲେ ବି ଏକ ବୃନ୍ଦାବତୀ ଚୌରା ପଦା ରହିଛି। ମୁଖ୍ୟ ଦରଜାର କବାଟ ହେଉ ବା ଦ୍ୱାର ବନ୍ଧ ଉପର ହେଉ କିଏ ହନୁମାନ କିଏ ଗଣେଶ କିଏ ବା ନାମ କିଏବା ଗାୟତ୍ରୀ ଛବି ଲଗାଇଛନ୍ତି। ସତେ ଯେମିତି ବ୍ୟକ୍ତିଙ୍କର ଘର ପାର୍ବତୀ ଅନ୍ନପୂର୍ଣ୍ଣାଙ୍କ ବାସ ଏହାର ଦ୍ୱାର ଗଣେଶ ଜଗିବେ 'ରାମଦ୍ୱାଆରେ ତୁମ ରଖବାରେ' ହନୁମାନ ରାମଦ୍ୱାର୍ ଜଗନ୍ତି। ମାତ୍ର ରାମଙ୍କ ଆଦର୍ଶ ସେ ଗୃହରେ କାଣିଚାଏ ଅନୁଭବ ନାହିଁ ହେଲେ ଘର ଦ୍ୱାର ଦେଶରେ ହନୁମାନ ଫଟୋ ଲାଗିଛି। ଜଣଙ୍କ ମେନ ଗେଟରେ ତ୍ରିଶୂଳ ଲୁହାର ଗେଟରେ ମିସ୍ତ୍ରୀ କରି ଲଗାଇବା ବ୍ୟବସ୍ଥା କରିଛନ୍ତି ଲୋକ ଘର ମଧ୍ୟରେ ଶିବବସ କୈଳାସ ବା ଶଶି ବା ଏକାମ୍ରକାନନ ପରି ପବିତ୍ର କ୍ଷେତ୍ର ହେବା କଥା। ଶିବ ଔଜର ଦାନୀ ସେ ଘରେ ଦାନ କଣ ହୁଏ କେହି ଦେଖିନାହିଁ। କ ଲୋକରେ ପ୍ରଚାର ନାହିଁ। ହେଲେ ତ୍ରିଶୂଳ ଘର ଦ୍ୱାର ଜଗୁଆଳୀ। ଶିବଙ୍କ ଶ୍ମଶାନ ବାସ ଏକ ଭିନ୍ନବାସ ଘରଟି ଶ୍ମଶାନ ଯେ ନୁହଁ ଏକଥା ତାର ସାଜ ସଜାରୁ ବେଶ ଜଣାପଡୁଛି।

ଗଙ୍ଗାମାଙ୍କ ଜଳକୁ ହିନ୍ଦୁଧର୍ମରେ ପବିତ୍ର ମନେ କରାଯାଉଛି। ଅନେକ ସ୍ତ୍ରୀ ଲୋକ ମାନସିକ ଶୁଦ୍ଧ ସ୍ନାନ ବେଳେ ଗଙ୍ଗାପାଣି ଛିଞ୍ଚି ହୋଇବା ସ୍ଥଳରେ ସଂଯୋଗ କରି ଶୁଦ୍ଧ ହେବା ମନେ କରନ୍ତି। ଏପାଇଁ ଗଙ୍ଗା ପାଣି ପ୍ରୟାଗରାଜ ହରିଦ୍ୱାର, ଗଙ୍ଗୋତ୍ରୀ ପରି ସ୍ଥାନରୁ କେହି ଆଣିଥିଲେ ଲୋକ ତାଙ୍କ ପାଖରୁ ମାଗି ଆଣୁଥିଲେ। ଏ ସମୟରେ ଭାରତୀୟ ଡାକ ବିଭାଗ ତରଫରୁ ବଡ଼ ବଡ଼ ପୋଷ୍ଟ ଅଫିସରେ ଏଗଙ୍ଗ ଜଳ ମିଳୁଛି। ଗଙ୍ଗା ପାଣି ପବିତ୍ର ମନେ କରିବା କେହି ମନା କରୁନାହିଁ। ପବିତ୍ର ସମ୍ବନ୍ଧରେ କଣ କେହି ପବିତ୍ର ରହିବା ଚେଷ୍ଟା କରୁଛନ୍ତି କି ? ଗଙ୍ଗାଧାରଣ ଶିବ କରିଛନ୍ତି ବୋଲି ସେ ହରାହର ମହାଦେବ ଦେବତାଙ୍କ ଦେବତା, ଅଥଚ ଗଙ୍ଗା ସମ୍ବନ୍ଧରେ କେହି ସତ୍ୟମ ଶିବମ୍ ସୁନ୍ଦରମ୍ ହେବା ଚେଷ୍ଟାରେ ନାହାଁନ୍ତି। କିପରି ଗଙ୍ଗା ପାଣି ଘରେ କେବଳ ରଖିଲେ ଗଙ୍ଗାତତ୍ତ୍ୱ ସରଳରେ ହାସଲ ହୋଇ ଘର ଗଙ୍ଗାପାଣି ପରି ପବିତ୍ର ଶୁଦ୍ଧ ହେବ ଗଙ୍ଗା ଧାରଣକରି ଘର ଶିବ ହୋଇଯିବ।

ପ୍ରତିଘରେ ହତିଆର ଅଛି କିଛି ନଥିଲେ କଟୁରୀ, ଛୁରୀ, ପନିକି, ଠେଙ୍ଗା ନିଶ୍ଚେ ଥିବ। ପ୍ରାଚୀନ କ୍ଷତ୍ରୀୟଙ୍କ ଘରେ ଖଣ୍ଡା ଥିବ। ଆମ ରାଜ୍ୟରେ ବଳରାମଙ୍କ ଆୟୁଧ ହଳ ଏ ହଳ ଲଙ୍ଗ ଥିବ। ଏସବୁ ଆୟୁଧ ବଢ଼େଇ ମିସ୍ତ୍ରୀଙ୍କ ଘରେ କରତ ବଟାଳି, ନିହାଣ, ବାରିଶି ବି ଆୟୁଧ କମାରଙ୍କ ଘରେ ଆରି, ଛେଣି, କଟର ବି ହତିଆର ଏସବୁ ସହିତ ଅତି ଧାରୁଆ କ୍ଷୁର ଓ କଟୁରୀ ବାରିକଙ୍କର ଆୟୁଧ ଏସବୁ ଗୃହରେ ଆୟୁଧ ପୂଜା ସଜ୍ଜା ବସାକୁ ପୂଜା ହେଲେ କେହି ନିଜ ଗୃହରେ ପ୍ରତିବେଶୀରେ ଶତ୍ରୁ ଭାବି ହଠାତ ପ୍ରୟୋଗ ଏସବୁ କଲେ କଣ ତ୍ରାହି ଅଛି କି ? ବୃଥା ରକ୍ତପାତ କରିବାକୁ ଏସବୁ ତୟାର ନୁହଁ ଏଥିରୁ ଜୀବନ ଜୀବିକା ଚଳାଇବାକୁ ଏହାକୁ ଈଶ୍ୱରଦତ୍ତ ପଦାର୍ଥ ବୁଝିବା ଦରକାର। ଏସବୁ ଘର ଭିତରେ ବ୍ୟବସ୍ଥା, ଘର ବାହାରପଟ କାନ୍ଥ, ପାଚେରୀ ଏଥିରେ ପ୍ରତି ପାଞ୍ଚ ବର୍ଷରେ ସ୍ଥାନୀୟ ନେତାଙ୍କର ଛବି ଲଗା ଯାଉଛି। ନାମାବଳୀର ପରି ହ୍ୟାଣ୍ଡବିଲ, ଲଗାଯାଉଛି, କେହି କାନ୍ଥ ଅସୁନ୍ଦର ନକରିବା ପାଇଁ ମନା (ହ୍ୟାଣ୍ଡ ବିଲ) ଲଗାଇବା ମନାର ନିର୍ଦ୍ଦେଶ ଛାପିଛନ୍ତି। ଏହା ବି ବେଳେ ବେଳେ ଅମାନ୍ୟ ହୋଇଯାଏ। ବଡ଼ ବଡ଼ ନେତାଙ୍କ ବ୍ୟାନର ବଡ଼ ରାସ୍ତା କଡ଼ ଗଛ ପାଚେରୀ କାନ୍ଥରେ ଲଗାଯାଇଥାଏ। ଖୁବ ସୁଦୃଶ୍ୟ ଏହାକୁ ବିଚାରକୁ ନେଲେ କେତେ ଅର୍ଥ ଏ ପାଇଁ ନଲାଗୁଛି, ଫଟୋ ଟି ଯେ ଚୀରନ୍ତନ ନୁହଁ କେବେ ଉଦ୍ଦିଷ୍ଟ ବ୍ୟକ୍ତିଙ୍କ ବୋଧ ଶକ୍ତି ହୁଏତ ନାହିଁ। ବାଜପେୟୀ ପ୍ରଧାନମନ୍ତ୍ରୀ ବେଳେ ତାଙ୍କର ଛବ ରାସ୍ତାରେ ପ୍ରଧାନ ସଡ଼କ ଯୋଜନାରେ ବହୁ ସ୍ଥାନରେ ବ୍ୟାନରରେ ଲଗାଯାଇଥିଲା ପରେ ଭେଟ ବେଳେ ତାକୁ କଢ଼ାଗଲା ବା ଢ଼ାଙ୍କି ଦିଆଗଲା ଏସବୁ ବ୍ୟକ୍ତିକୁ କ୍ଷଣିକ ସୁଖ ଦେଲା ସିନା ପୂର୍ଣ୍ଣ ସୁଖର ଅବକାଶ ଦେଲା ନାହିଁ। ହେଲେ ତାଙ୍କର କୀର୍ତ୍ତି ତାଙ୍କର ଶାସନ କାଳ କଳାପରେ ରହିଗଲା ଏମିତି ପ୍ରତି ପେଟ୍ରୋଲ ପମ୍ପରେ ତୈଳ ବିଭାଗ ମନ୍ତ୍ରୀଙ୍କର ଛବି ଛପାଯାଇ ଲଗାଯାଇଥିଲା ଏବେ ସେ ଅଛନ୍ତି ମାତ୍ର ସେ ପଦରେ ନାହାଁନ୍ତି ବୋଲି ଛବି ସବୁ ଲୁପ୍ତ। ଏମିତି ଅନେକ ଉଦାହରଣ ଏହାପରେ ବ୍ରିଟିଶ ବେଳର ମୂଲ୍ୟବାନ ବ୍ୟକ୍ତିଙ୍କର ପ୍ରସ୍ତର ଧାତୁମୂର୍ତ୍ତି ନାମରେ ତାଙ୍କର ନାମ ଦରଜ ଥିଲା, କେତେ ସ୍ଥାନର ବହୁ ବର୍ଷ ପରେ ସେ ମୂର୍ତ୍ତି ସବୁ କଢ଼ାଯାଇ ଭାରତର ସ୍ମରଣୀୟ ନେତାଙ୍କର ମୂର୍ତ୍ତି ଲଗାଗଲା। ଯେଉଁ ଦଳ ପ୍ରଶାସନ କ୍ଷମତାରେ ତାଙ୍କର ଆଦର୍ଶ ନେତାଙ୍କ ମୂର୍ତ୍ତିକୁ ସର୍ବମାନ୍ୟ ପାଇଁ ବହୁ ସ୍ଥାନରେ ଲଗାଯାଉଛି। ପରବର୍ତ୍ତୀ ଅନ୍ୟ ଦଳର ଏ ସହ୍ୟ ଯେ ହେବ ଏପରି ସମ୍ଭବନା ସ୍ଥାୟୀ ନୁହେଁ। ଏ ଦିନେ ଉଠିପାରେ। ଗାନ୍ଧୀ ଜାତୀୟ ପିତା ସ୍ୱୀକାର କରାଯାଇଛି। ତାଙ୍କ ନାମରେ ବଡ଼ ବଡ଼ କାଗଜ ନୋଟ ହେଲେ ତାକୁ ବିଲୁପ୍ତ ଅପଚେଷ୍ଟା ଚାଲିଲାଣି। ନୋଟ ଟି କିଛି ସ୍ମରଣ କରାଉଥିଲା ସମ୍ମାନ ଦେଉଥିଲା, ଏବେ ମଦ ରଦ୍ଧ କରିଥିବା ଗାନ୍ଧୀଙ୍କ ଛପା ନୋଟ ଦେଇ ଲୋକ ମଦ କ୍ରୟ କରୁଛନ୍ତି। ଏ ଗାନ୍ଧୀଙ୍କୁ ଅପମାନ ନୁହେଁ କି ?

ସାର୍ବଜନୀନ କୂପ, ନାଳ, ପୁଷ୍କରିଣୀ, ନଦୀର ଜଳ ଦେବପୂଜାରେ ଘଟ ସ୍ଥାପନ ପାଇଁ ଘଟ ବୁଡ଼ା, ଦେବତା ଶିବଙ୍କ ଉପରେ ଜଳ ଢ଼ାଳିବା କିଛି ପବିତ୍ର କାର୍ଯ୍ୟରେ ଲାଗୁଥିଲା ଏବେ ସହର ଗ୍ରାମର ମଇଳା ପାଣି ଏସବୁ ମିଶ୍ରଣ ଯୋଗୁ ଏ ଜଳକୁ ଲୋକେ ଆଉ ପେୟ କରୁନାହାଁନ୍ତି। ଯୋଗ୍ୟ ଭାବୁ ନାହାଁନ୍ତି। ପାଦୁକ କରିବାକୁ ଚାହୁଁନାହାଁନ୍ତି। ପିଇବା ପାଣି ବୋତଲର ବ୍ୟବହାର କଲେଣି। ତେବେ ଦେବତା ପୂଜା ସେହ ବୋତଲର ପାଣିରେ ଏ ସମୟରୁ ଆରମ୍ଭ କରାଯିବ କି ? ସହରର ଅସନା ପରିତ୍ୟକ୍ତ ଜଳକୁ ରିସାଇକେଲିଂ କରି ପେୟ ଉପଯୁକ୍ତ କରି ସହରକୁ ଯୋଗାଯିବା ଯୋଜନା ହେଉଛି। ଏହା ଲୋକଙ୍କ ଚଳନୀରେ କେମିତି ଆସିବ ଏହା ଦେଖିବାକୁ ବାକି ରହିଲା। ଘୁଷୁରୀ ମଳ ଖାଏ ବୋଲି ଅନେକ ଧର୍ମରେ ଏହାର ମାଂସ ଅଖାଦ୍ୟ ଧରାଯାଇଛି। ହେଲେ ମଳମୂତ୍ର ସଂଶ୍ଳିଷ୍ଟ ଜଳକୁ ପୁନଃ ପେୟ ଦରକାରୀ ଜଳ କରାଗଲେ ଲୋକଙ୍କୁ କେମିତି ଲାଗିବ। ଏ ଧର୍ମର ଚଳନୀ କି ନାହିଁ ବିଚାର୍ଯ୍ୟ।

ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା






## ରାଜ୍ୟ ସରକାରଙ୍କ ଏଲ୍.ପି.ଜି ଗ୍ୟାସ ଅଭାବ ନଥିବା ଘୋଷଣା କରୁଥିବା ବେଳେ କିନ୍ତୁ ବାସ୍ତବ ସ୍ଥିତିର ଚିତ୍ର ସମ୍ପୂର୍ଣ୍ଣ ଅଲଗା ରହିଛି : ଏଚ୍.ପି ଗ୍ୟାସର ଉପଭୋକ୍ତା ମାନେ ଗ୍ୟାସ୍ ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି



ନୟାଗଡ, (ମହାଭାରତ) : ଏଲ୍.ପି.ଜି ଗ୍ୟାସର ଅଭାବ ନଥିବା ରାଜ୍ୟ ସରକାର ଯେତେ ଘୋଷଣା କଲେ ମଧ ଉପଭୋକ୍ତାଙ୍କ ସମସ୍ୟା ଦୁର ହୋଇ ପାରୁନାହିଁ। ସରକାରଙ୍କ ଏଲ୍.ପି.ଜି ଗ୍ୟାସ ଅଭାବ ନଥିବା ଘୋଷଣା କରୁଥିବା ବେଳେ ବାସ୍ତବ ସ୍ଥିତିର ଚିତ୍ର ସମ୍ପୂର୍ଣ୍ଣ ଅଲଗା ରହିଛି। ନୟାଗଡ ସହରରେ ଥିବା ଏଲ୍.ପି.ଜି ର ଏଚ୍.ପି ଗ୍ୟାସର ଉପଭୋକ୍ତା ମାନେ ଗ୍ୟାସ୍ ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରତ୍ୟେକ ଦିନ ଶହ ଶହ ସଂଖାରେ ଲୋକ ମାନେ ଏଲ୍.ପି.ଜି ଗ୍ୟାସ୍ ପାଇଁ ଡିଲର୍ ଆଗରେ ଲାଇନରେ ଛିଡା ହେଉଥିଲେ ମଧ ଗ୍ୟାସ୍ ନପାଇ ଫେରୁଛନ୍ତି। ଆଜି ସକାଳୁ ନୟାଗଡ଼ ସହରରେ ଥିବା ଏଚ୍.ପି ଗ୍ୟାସ୍ କାଉଣ୍ଟର ସମ୍ମୁଖରେ ଲୋକ ମାନେ ଲାଇନ୍ ଲଗାଇଥିଲେ ମଧ ଦିନ ୧୦ ଟା ପର୍ଯ୍ୟନ୍ତ ଏଚ୍.ପି ଡିଲର୍ କାଉଣ୍ଟର ନଖୋଲିବାରୁ ଲୋକ ମାନେ କିଛି ସମୟ ପାଇଁ ନୟାଗଡ଼-ଓଡ଼ଗାଁ ରାଜ୍ୟ ରାଜପଥ କୁ ଓହ୍ଲାଇଥିଲେ। ଖବର ପାଇ ନୟାଗଡ଼ ଟାଉନ ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ପରେ ରାସ୍ତାରୋକ ହଟିଥିଲା। ଲୋକଙ୍କ ହୋହଲ୍ଲା ପରେ ଲାଇନରେ ୨୦୦ ପରେ ଲୋକ ଥିବା ବେଳେ ମାତ୍ର ୪୦ ଟି ସିଲିଣ୍ଡର ଆସିଥିଲା। ଯାହାକୁ ନେଇ ଲୋକ ମାନେ ପାର୍ଟିତୁଣ୍ଡ କରିଥିଲେ। ଉପଭୋକ୍ତା ବୁକିଙ୍ଗ୍ କରିବାର ଦୁଇ ରୁ ତିନି ଦିନ ପରେ ଡେଲିଭରି ମେସେଜ୍ ଆସୁଛି କିନ୍ତୁ ଏହାର ୫ ରୁ ଛଅ ଦିନ ପର୍ଯ୍ୟନ୍ତ ଗ୍ୟାସ୍ ମିଳୁନଥିବା ଲୋକେ ଅଭିଯୋଗ କରିଛନ୍ତି। ସେପଟେ କଳାବଜାରୀ ରୋକିବା ପାଇଁ ଜିଲ୍ଲା ଯୋଗାଣ ବିଭାଗ ପକ୍ଷରୁ ଚଢାଉ କରାଯାଉଛି। କିନ୍ତୁ ଲୋକ ମାନେ ଆଭାବୀ ର ଭୟଭୀତ ହୋଇ ହୋଇ ବୁକିଙ୍ଗ୍ କରୁଥିବାରୁ ଏଭଳି ଅସୁବିଧା ହେଉଥିବା ଯୋଗାଣ ଅଧିକାରୀ ଶ୍ରୀ ମୁରଲୀ କ୍ରିଷ୍ଣା କହିଛନ୍ତି।

## ପାରିକୁଦ ମହୋତ୍ସବ ପଡିଆ ସଫେଇ

କୃଷ୍ଣପ୍ରସାଦ, (ମହାଭାରତ): ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ୍ ର ଅଲଣ୍ଡା ପଞ୍ଚାୟତ ବାଲିଗୋଠ ଠାରେ ୪୨ ମୌଜା ପରିଚାଳନା କମିଟି ତରଫରୁ ଆୟୋଜିତ ଦ୍ୱିତିୟ ତମ ପାରିକୁଦ ମହୋତ୍ସବ ଶେଷ ହୋଇଛି। ପୁରୀ, ଗଞ୍ଜାମ, ଖୋର୍ଦ୍ଧା ଜିଲ୍ଲାରୁ ହଜାର ହଜାର ଦର୍ଶକଙ୍କ ସମାଗମ ଦେଖିବାକୁ ମିଳିଥିଲା। ଏଥିରେ ୧ ହଜାରରୁ ଉର୍ଦ୍ଧ୍ୱ ବ୍ୟବସାୟୀ ଦୋକାନ ଆଣି ନିଜର ବ୍ୟବସାୟ କରିଥିଲେ । ଏହି ମହୋତ୍ସବ ସରିବାପରେ ଅତ୍ୟଧିକ ମାତ୍ରାରେ ପ୍ଲାଷ୍ଟିକ ବଟଲ, ପଲିଥିନ୍ ଓ ଅଳିଆ ଆବର୍ଜନା ଦେଖିବାକୁ ମିଳିଥିଲା। ୪୨ ମୌଜା ପରିଚାଳନା କମିଟି ସଭାପତି କୈଳାଶ ଚନ୍ଦ୍ର ପଟ୍ଟନାୟକ ସମ୍ପାଦକ ପ୍ରଶାନ୍ତ କୁମାର ପଲେଇ କୋଷାଧକ୍ଷ ମୋଚୀରାମ ନାୟକ ଙ୍କ ନେତୃତ୍ୱରେ ଗ୍ରିନ ପାରିକୁଦ ର ଗଛ ମଣିଷ ଭାବେ ପରିଚିତ ଅମିତା ତରେଇ , ଶଙ୍କର ପଲେଇ, ମିନାରାଣୀ ସାହୁ , ନକୁଳ ସୁନ୍ଦରା ଙ୍କ ସମେତ ଅନେକ ସ୍ୱେଚ୍ଛାସେବୀ ଙ୍କ ତରଫରୁ ପ୍ଲାଷ୍ଟିକ ମୁକ୍ତ ଅଭିଯାନ ବା ସଫେଇ ଆରମ୍ଭ ହୋଇଥିଲା। ଏଥିରେ ପାଞ୍ଚ ପଞ୍ଚାୟତ ସରପଞ୍ଚ ବିଷ୍ଣୁପ୍ରିୟା ବିଶ୍ୱାଳ, ରବି ନାରାୟଣ ମାଝୀ, ଆଦିତ୍ୟ ରଞ୍ଜନ ପଲେଇ, ବିଣାପାଣି ପ୍ରଧାନ, ଇତିଶ୍ରୀ ସିଂହ, ପୂର୍ବତନ ସରପଞ୍ଚ ମିଟୁ ସିଂ ସାମନ୍ତ, ପୂର୍ବତନ ସରପଞ୍ଚ କୁମାର ସିଂହ ସରପଞ୍ଚ ଙ୍କ ପ୍ରତିନିଧି ପ୍ରଫୁଲ୍ଲ ପ୍ରଧାନ, ସରପଞ୍ଚ ଙ୍କ ପ୍ରତିନିଧି ଧର୍ମେନ୍ଦର ବିଶ୍ୱାଳ,ବିଦ୍ୟାଧର ପଲେଇ, ରମେଶ ଚନ୍ଦ୍ର ତରେଇ, ବିଶ୍ୱମ୍ବର ପ୍ରଧାନ ଙ୍କ ସମେତ ପାଞ୍ଚ ପଞ୍ଚାୟତର ଶତାଧିକ ମହିଳା ସଫେଇ କାର୍ଯ୍ୟ ରେ ସହଯୋଗ କରିଥିଲେ।

## ମହାଭାରତ ପେପରର ମହାପ୍ରଭାବ, ଖବର ପ୍ରସାରଣ ପରେ ଖଣି ବିଭାଗର ଚଢ଼ାଉ ଜେସିବି ମେସିନ ସହ କମ୍ପ୍ରେସର ମେସିନ ଜବତ

ମୋହନା, (ମହାଭାରତ): କିଛିଦିନ ହେବ ମୋହନା ବ୍ଲକ ଗୁଲୁବା ଗ୍ରାମ ପଞ୍ଚାୟତ ର ଲୁଧୀଗୁଡା ଗ୍ରାମ ଓ ଚୁଡ଼ଙ୍ଗପୁର ଗ୍ରାମ ପଞ୍ଚାୟତ ର ଝରଣପୁର ଗାଁ ନିକଟରେ




ବେଆଇନ ଭାବେ ପଥର ବ୍ଲାଷ୍ଟିଙ୍ଗ କରାଯାଇ ସମ୍ପୂର୍ଣ୍ଣ ପାହାଡ଼ ଧ୍ୱଂଶ କରାଯାଉଥିବା ନେଇ ଖବର ପ୍ରସାରଣ କରାଯାଇଥିଲା। ଯାହା ଫଳରେ ଆଜି ଗଜପତି ଜିଲ୍ଲା ଖଣି ବିଭାଗ ଓ ପୋଲିସ ବିଭାଗ ର ମିଳିତ ଚଢ଼ାଉ କରାଯାଇଥିଲା। ଚଢ଼ାଉ ବେଳେ ସେଠାରେ କେହି ଉପସ୍ଥିତ ନଥିବା ବେଳେ ଗୋଟିଏ ଜେସିବି ମେସିନ ଓ କମ୍ପ୍ରେସର ମେସିନ କୁ ଜବତ କରିଥିଲା। ସବୁଠୁ ବଡ଼ କଥା ହେଉଛି ଏତେ ବଡ଼ ପାହାଡ଼ ଧ୍ୱଂଶ ହେବାରେ ଲାଗିଛି କିନ୍ତୁ ସ୍ଥାନୀୟ ତହସିଲଦାର ଙ୍କ କିଭଳି ଦୃଷ୍ଟି ପଡ଼ି ପାରିନାହିଁ ତାହା ଅଞ୍ଚଳବାସୀ ଙ୍କୁ ତାଯୁବ କରୁଛି। ସେଠାରେ ବ୍ଲାଷ୍ଟିଙ୍ଗ କିଭଳି କରା ଯାଉଥିଲା କାହା ଇଙ୍ଗିତ ରେ କରାଯାଉଥିଲା ସବୁଠୁ ବଡ଼ ପ୍ରଶ୍ନ ଏବେ ଉଙ୍କି ମାରୁଛି। ଏହି ପଥର ବ୍ଲାଷ୍ଟିଙ୍ଗ ରେ ତହସିଲଦାର ମଧ ସଂଶ୍ଳିଷ୍ଟ ଥିବା ନେଇ ଅଞ୍ଚଳ ରେ ଆଲୋଚନା ହେଉଛି।

## ଅଭିଯାନ ସ୍କୁଲରେ ପ୍ରଥମ ବାର୍ଷିକ ଉତ୍ସବ ପାଳିତ

ଦଶପଲ୍ଲା, (ମହାଭାରତ): ଦଶପଲ୍ଲା ଏନଏସି ଅନ୍ତର୍ଗତ ୩ନମ୍ବର ୱାର୍ଡ ମାଳିସାହି ପାଟଣା ସନ୍ନିକଟରେ ଅବସ୍ଥିତ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ଅଭିଯାନ ସ୍କୁଲ ର ବାର୍ଷିକ 'ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଛାତ୍ରଛାତ୍ରୀଙ୍କ ଶିକ୍ଷାଗତ ସଫଳତା ଓ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତର କାମନା କରି ଆୟୋଜିତ ଏହି କାର୍ଯ୍ୟକ୍ରମରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ସ୍କୁଲର ଅଧକ୍ଷ ବବିତା ମହାନ୍ତି ଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ଦଶପଲ୍ଲା ଏନଏସି ଅଧକ୍ଷା ପୁନମ୍ ପ୍ରିୟଦର୍ଶିନୀ, ବ୍ଲକ ଅଧକ୍ଷା ସୁନନ୍ଦା ସାହୁ,ବ୍ଲକ ଶିକ୍ଷା ଅଧିକାରୀ ଭକ୍ତ ବିନୋଦ ସଲ,ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ରଘୁନାଥ ସାହୁ, ପରିଚାଳନା କମିଟି ସଦସ୍ୟ ଶରତ ଚନ୍ଦ୍ର ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସୁଶାନ୍ତ କୁମାର ମହାପାତ୍ର ମଞ୍ଚ ପରିଚାଳନା କରିବା ସହିତ ଅତିଥି ପରିଚୟ କରିଥିଲେ। ଅତିଥି ମାନେ ଶିକ୍ଷାର ମହତ୍ତ୍ୱ ଓ ପିଲାମାନଙ୍କର ସର୍ବାଙ୍ଗୀନ ବିକାଶ ଉପରେ ଆଲୋକପାତ କରିଥିଲେ। ଅତିଥିମାନେ ଉପସ୍ଥିତ କୁନି କୁନି ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ସଫଳତା ପାଇଁ ଶୁଭେଚ୍ଛା ଜଣାଇବା ସହ ଶିକ୍ଷକ ଓ ଅଭିଭାବକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ମତ ରଖିଥିଲେ। ଏହି ଅବସରରେ ବିଦ୍ୟାଳୟର କୁନି କୁନି ଛାତ୍ରଛାତ୍ରୀଙ୍କ ଦ୍ୱାରା ଅନୁଷ୍ଠିତ ବହୁବିଧ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଉପସ୍ଥିତ ସମସ୍ତ ଦର୍ଶକଙ୍କ ମନ ମୋହିଥିଲା। ନୃତ୍ୟ ଓ ସଙ୍ଗୀତର ତାଳେ ତାଳେ ପିଲାମାନେ ନିଜର ଅନ୍ତର୍ନିହିତ ପ୍ରତିଭା ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ-ଶିକ୍ଷୟତ୍ରୀ, ଛାତ୍ରଛାତ୍ରୀ, ଅଭିଭାବକ ଏବଂ ସ୍ଥାନୀୟ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଶେଷରେ ସଫଳ ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା।

## ଜିଲ୍ଲାସ୍ତରୀୟ ଆନ୍ତର୍ଜାତୀୟ ତୃତୀୟଲିଙ୍ଗ ଦୃଶ୍ୟ ମାନତା ଦିବସ ପାଳିତ



ଗଜପତି, (ମହାଭାରତ) : ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଦ୍ୱାରା ଜିଲ୍ଲା ସ୍ତରୀୟ ତୃତୀୟ ଲିଙ୍ଗୀ ଦୃଶ୍ୟମାନତା ଦିବସ-୨୦୨୬ ସ୍ଥାନୀୟ ସମ୍ମିଳନୀ କକ୍ଷ-୦୪, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ପାରଳାଖେମୁଣ୍ଡି, ଠାରେ ଆୟୋଜନ ହୋଇଯାଇଅଛି । ଉକ୍ତ କାର୍ଯ୍ୟକ୍ରମରେ ଫାଲଗୁନି ମାଝୀ,ଅତିରିକ୍ତ ଜିଲ୍ଲାପାଳ,ଗଜପତି ଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ଅନୁପ ପଣ୍ଡା, ଉପ-ଜିଲ୍ଲାପାଳ, ପାରଳାଖେମୁଣ୍ଡି, ଶ୍ରୀ କିଶାନ ବେହେରା , ଅତିରିକ୍ତ ତହସିଲଦାର, ପାରଳାଖେମୁଣ୍ଡି , ଶିବାନୀ ପାଣିଗ୍ରାହୀ, ଜିଲ୍ଲା ସଂଯୋଜିକା ତଥା ପରାମର୍ଶଦାତା, ଓ. ଏଲ୍. ଏମ୍ , ଗଜପତି, ଶ୍ରୀମତୀ ପି.ସୁନିତା, ପରିଚାଳିକା, ଝଉଝଝ ଞଓ ସ୍ୱେଚ୍ଛା ସେବୀ ସଂଗଠନ, ଜସ୍ମିନ ଶେଖ ମଞ୍ଚାସୀନ ହୋଇଥିଲେ । ଶ୍ରୀମତୀ ଉତ୍ସର୍ଗୀତା ବଡରଇତ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ଗଜପତି ସମସ୍ତ କାର୍ଯ୍ୟକୁ ପରିଚାଳନା କରିଥିଲେ । ଉକ୍ତ କାର୍ଯକ୍ରମରେ ତୃତୀୟ ଲିଙ୍ଗୀଙ୍କ ନିମନ୍ତେ ବିଭିନ୍ନ ସରକାରୀ ଯୋଜନା ଓ ଅଧିନୀୟମର ଆଲୋଚନା ଚକ୍ର ହୋଇଥିଲା । ଏହି କାର୍ଯକ୍ରମରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ତୃତୀୟ ଲିଙ୍ଗୀ ବ୍ୟକ୍ତିବିଶେଷ, ଜିଲ୍ଲା ଓ ବ୍ଲକର ସାମାଜିକ ସୁରକ୍ଷା ବିଭାଗର ସମସ୍ତ କର୍ମଚାରୀବୃନ୍ଦ, ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା ଯୋଗ ଦେଇଥିଲେ । ଶେଷରେ ଶ୍ରୀ ଏଲ୍ . ସନ୍ତୋଷ କୁମାର, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରି ସଭା ଶେଷ କରିଥିଲେ ।

## ଚିକିଟି ନିର୍ବାଚନମଣ୍ଡଳୀ ରେ ମହିଳାଙ୍କ ପ୍ରତି ବଢୁଥିବା ହିଂସା ସ୍ୱାସ୍ଥ୍ୟକୁ ନେଇ ବିଧାୟକଙ୍କୁ ବର୍ଷିଲା ଚିକିଟି ବିଜେଡି



ପାତ୍ରପୁର, ୩୦/୩ ( ମହାଭାରତ): ଗଞ୍ଜାମ ଜିଲ୍ଲା ଚିକିଟି ନିର୍ବାଚନ ମଣ୍ଡଳୀର ଜରଡ଼ା ସ୍ଥିତ ବରିଷ୍ଠ ନେତା ଭଗବାନ ପାତ୍ରଙ୍କ ବାସଭବନ ଠାରେ ବିଜେଡି ଆଇଟିସେଲ ତରଫରୁ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ମିଳନୀ ଜରିଆରେ ସ୍ୱାସ୍ଥ୍ୟ ସେବା ବିଫଳତା, ନାରୀ ନିର୍ଯ୍ୟାତନା ଏବଂ ବିଧାୟକଙ୍କ ମିଥ୍ୟା ଅପପ୍ରଚାରକୁ ତୀବ୍ର ନିନ୍ଦା କରିଛି ଚିକିଟି ବିଜେଡ଼ି । ପ୍ରଥମତଃ ଚିକିଟି ନିର୍ବାଚନ ମଣ୍ଡଳୀରେ ଆମ୍ବୁଲାନ୍ସ ସେବା ବିପର୍ଯ୍ୟସ୍ତ ହୋଇଯାଇଛି ଦୁଇ ବର୍ଷ ହେଲା ଚିକିଟି ଅଞ୍ଚଳରେ ଆମ୍ବୁଲାନ୍ସ ସେବା ବନ୍ଦ ରହିବା ଫଳରେ ଗତକାଲି ଜଣେ ନିରୀହ ଯୁବତୀ ପୂଜା ସାହୁଙ୍କ ମୃତ୍ୟୁ ଘଟିଛି। ଏଭଳି ମୃତ୍ୟୁ ପାଇଁ 'ସରକାର' ତଥା ସ୍ଥାନୀୟ ବିଧାୟକ ଦାୟୀ ବୋଲି ବିଜେଡି ଆରୋପ କରିଛି । ନିଜ ଦୋଷ ଦୁର୍ବଳକୁ ଲୁଚେଇବାକୁ ଯାଇ ନାରୀ ନେତ୍ରୀ ତଥା ବିଧାୟକଙ୍କ ପତ୍ନୀ ମୀନା ଦ୍ୟାନ ସାମନ୍ତରା ବିଜେଡି ବିରୁଦ୍ଧରେ ଫେସବୁକରେ ମିଛ ରାଜନୀତି କରିବା ବନ୍ଦ କରନ୍ତୁ ବୋଲି କହିଥିବା ବେଳେ ସେପଟେ ନାରୀ ଅସୁରକ୍ଷିତ ଦିଗରେ ଜଗନ୍ନାଥପୁର ଓ ଷୋଳଭାଗପେଣ୍ଠରେ ମହିଳାଙ୍କ ଉପରେ ହୋଇଥିବା ଅତ୍ୟାଚାରରେ ପୁଲିସ ବିଧାୟକଙ୍କ ଚାପରେ ଚୁପ୍ ବସିଛି। ମହିଳା କମିଶନ ଓ ମୋହନ ସରକାର ଏହି ସମ୍ବେଦନଶୀଳ ଘଟଣାରେ ତତ୍ପରତା ଦେଖାଉନାହାନ୍ତି କାହିଁକି ବୋଲି ସିଧା ସଳଖ ପ୍ରଶ୍ନ କରିଥିଲେ। ସେହିଭଳି କାହା ଚାପରେ ପଡି ସିଡିପିଓଙ୍କ ମାଧ୍ୟମରେ ହୀନ ରାଜନୀତି କରାଯାଇଛି ଜଣେ ବିଜେଡି ଦଳର ଆଗଧାଡିର କର୍ମିଙ୍କ ନାମ ନେଇ ତାଳପଡ଼ା ବାଲ୍ୟ ବିବାହ ଘଟଣାରେ ଆକ୍ରୋଶର ଶିକାର ହେଲେ ପାତ୍ରପୁର ସିଡିପିଓ ବିଧାୟକଙ୍କ ଚାପରେ ଆସି ଜଣେ ନିରୀହ କର୍ମୀଙ୍କ ନାଁ ସର୍ବସାଧାରଣରେ କହି ତାଙ୍କୁ ଗ୍ରାମବାସୀଙ୍କ ଦ୍ୱାରା ମାଡ଼ ଖୁଆଇବା ଏକ ଅତି ଅମାନୁଷିକ ଏବଂ ହୀନକାର୍ଯ୍ୟ ବୋଲି ପ୍ରେସମିଟ ଜରିଆରେ ପ୍ରକାଶ କରିଥିଲେ। ପୂର୍ବ ଇତିହାସକୁ ଦୋହରାଇ ୨୦୦୭ ମସିହାରେ ମନୋରଞ୍ଜନ ଦ୍ୟାନ ସାମନ୍ତରାଙ୍କ ଦ୍ୱାରା ମେଡିକାଲ, ତହସିଲ ଓ ବ୍ଲକ ଅଫିସ ପୋଡ଼ିବା ଘଟଣାର ଦୁଃଖ ଚିକିଟିବାସୀ ଏବେବି ଭୋଗୁଛନ୍ତି । ଉପରୋକ୍ତ ସମସ୍ତ ବିଷୟକୁ ବିଚରା କରିବା ଓ ନାରୀ ନିର୍ଯ୍ୟାତିତଙ୍କୁ ନ୍ୟାୟ ପ୍ରଦାନ କରିବା ଦିଗରେ ତୁରନ୍ତ ଦୋଷୀଙ୍କ ବିରୁଦ୍ଧରେ ଯଦି କାର୍ଯ୍ୟାନୁଷ୍ଠାନ ନିଆନଯାଏ, ତେବେ ବିଜୁ ଜନତା ଦଳ ଆଇଟିସେଲ ସୋସିଆଲ ମିଡିଆ ଗୋଷ୍ଠୀ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ ହେବ ବୋଲି ଚେତାବନୀ ଦେଇଛି । ଏହି କାର୍ଯ୍ୟକ୍ରମରେ ବିଜେଡି ଆଇଟିସେଲ ସଂଯୋଜକ ସରୋଜ ପଣ୍ଡା, ଚିକିଟି ଆଇଟିସେଲ ସଭାପତି କାଳୀ ପ୍ରସାଦ ପଣ୍ଡା, ପାତ୍ରପୁର ଆଇଟିସେଲ ସଭାପତି ଶିବ ଶଙ୍କର ପ୍ରଧାନ, ସୁମିତ କୁମାର ପଣ୍ଡା, ପରମେଶ ଯାଦବ, ନାରୀ ନେତ୍ରୀ ଓ. ନଗମା ରାଓ, କେ. ଜ୍ୟୋତି ରେଡି, ଚନ୍ଦ୍ର ଶେଖର ପ୍ରଧାନ, ସୁଶାନ୍ତ ବେହେରା ପ୍ରମୁଖ ବହୁ ବ୍ୟକ୍ତି ଉପସ୍ଥିତ ଥିଲେ।

## ଦୁବକଣ ଅଙ୍ଗନବାଡି ଘର ନିର୍ମାଣ ମାମଲା : ଇଲେକ୍ଟ୍ରି ମିସ୍ତ୍ରୀଙ୍କୁ ଆକ୍ରମଣ କଲେ ଜବରଦଖଲ କାରି

ଦଶରଥପୁର , (ମହାଭାରତ ): ଦଶରଥପୁର ବ୍ଲକ କୟାଁ ପଞ୍ଚାୟତସ୍ଥ ଦୁବକଣ ଗ୍ରାମରେ ନୂତନ ଭାବେ ନିର୍ମାଣ ଧିନ କୟାଁ-୨ ଅଙ୍ଗନବାଡି କେନ୍ଦ୍ରକୁ ନେଇ ବେଶ କିଛିଦିନ ହେବ ବିବାଦ ଲାଗିରହିଛି। ଏଥି ମଧ୍ୟରେ ଜାନୁଆରୀ ମାସ ୯ ତାରିଖରେ ଜବରଦଖଲ ଉଚ୍ଛେଦ ହେବା ସହ ଅଙ୍ଗନବାଡି ଘର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ଫେବୃଆରୀ ମାସ ୧୬ ତାରିଖରେ ଘରର ଛାତ ପଡିଥିଲା। ଛାତ ଖୋଲା ଯିବା ପରେ ମାର୍ଚ୍ଚ ୩୧ ତାରିଖ ଦିନ ଅଙ୍ଗନବାଡି ଘରର ଇଲେକ୍ଟ୍ରି ୱାରିଙ୍ଗ କାର୍ଯ୍ୟ କରିବା ପାଇଁ ମିସ୍ତ୍ରୀ ପହଞ୍ଚି କାର୍ଯ୍ୟ ଆରମ୍ଭ କରିବା ସମୟରେ ଜବରଦଖଲ କାରି ସରୋଜ ଯେନାଙ୍କ ବିବାହିତ ଝିଅ ଧରିତ୍ରୀ ଯେନା ଇଲେକ୍ଟ୍ରି ମିସ୍ତ୍ରୀ ସୁନିଲ ସେଠୀଙ୍କ ଉପରକୁ ଇଟା ପକାଇ ଆକ୍ରମଣ କରିଥିବା ବେଳେ ଇଟାଟି ଦେହରେ ନବାଜି ତାଙ୍କ ଗୋଡ଼ରେ ଶକ୍ତ ଆଘାତ ଦେଇଥିଲା ।ଏଥିସହ ସରୋଜ ଯେନାଙ୍କ ପତ୍ନୀ ସାବିତ୍ରୀ ଯେନା ଓ ଅଜୟ ଯେନାଙ୍କ ପତ୍ନୀ ଅର୍ଣ୍ଣପୂର୍ଣ୍ଣା ଯେନା (ଅନ୍ନପୂର୍ଣ୍ଣା) ପ୍ରମୁଖ ପରିବାର ଲୋକେ ଇଲେକ୍ଟ୍ରି ମିସ୍ତ୍ରୀଙ୍କୁ ଏଠାରେ କାମ ହୋଇପାରିବ ନାହିଁ ବୋଲି କହିବା ସହ ଏଠାରେ କାମ କଲେ ଆମେ ତମକୁ ମାଡ ମାରିବୁ ବୋଲି ଧମକ ଦେଇଥିଲେ। ୨ ଜଣ ପୋଲିସ କର୍ମଚାରୀଙ୍କ ଉପସ୍ଥିତିରେ କାର୍ଯ୍ୟ ହେଉଥିବା ବେଳେ ଗଣ୍ଡଗୋଳ କାରି ମାନଙ୍କୁ ପୋଲିସ କର୍ମଚାରୀ ମାନେ ବହୁ ବୁଝା ସୁଝା କରିଥିଲେ ମଧ ସେମାନେ କିଛି ଶୁଣିବା ପରିବର୍ତ୍ତେ ପୋଲିସ କର୍ମଚାରୀ ମାନଙ୍କୁ ଧରିତ୍ରୀ ଯେନା ଦୁର୍ବ୍ୟବହାର କରିଥିବା ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ସରକାରୀ ଯାଗାରେ ସରକାରୀ ପ୍ରକଳ୍ପ କାର୍ଯ୍ୟ ହେଉଥିବା ବେଳେ ଗ୍ରାମର ଗୋଟିଏ ପରିବାର ଏହି ପ୍ରକଳ୍ପ କାର୍ଯ୍ୟକୁ ବିରୋଧ କରିବା ଏପରିକି ବ୍ଲକ ପ୍ରଶାସନ, ତହସିଲ ପ୍ରଶାସନ ଏପରିକି ପୋଲିସକୁ ମଧ ଖାତିର ନକରି କାର୍ଯ୍ୟ ନକରେଇ ଦେବା ଏବଂ ପ୍ରଶାସନ ମଧ ଗୋଟିଏ ପରିବାର ପାଖରେ ଏତେ ହାର ମାନିବା ପଛରେ କାରଣ କଣ ବୋଲି ଏବେ ବୁଦ୍ଧିଜୀବୀ ମହଲରେ ଆଲୋଚନାର ବିଷୟ ବସ୍ତୁ ସାଜିଛି। ଏଠାରେ ପ୍ରକାଶ ଥାଉକି କୟାଁ ମୌଜା ଅଧିନ ଖାତା ନମ୍ବର ୧୪୧୮ ପ୍ଲଟ ନମ୍ବର ୬୨୬ ସରକାରୀ ଜାଗାଟିକୁ ଗ୍ରାମର ସରୋଜ ଯେନା ଓ ଅଜୟ ଯେନା ୨ ଭାଇ ଦୀର୍ଘଦିନ ଧରି ଜବରଦଖଲ କରି ରଖିଆସୁ ଥିବା ବେଳେ ଜାନୁଆରୀ ମାସ ୯ ତାରିଖରେ ଉକ୍ତ ସରକାରୀ ଜାଗାକୁ ପୋଲିସ, ମାଜିଷ୍ଟ୍ରେଟଙ୍କ ଉପସ୍ଥିତରେ ଜବରଦଖଲ ଉଚ୍ଛେଦ କରାଯିବା ପରେ ଉକ୍ତ ସ୍ଥାନରେ କୟାଁ-୨ ଅଙ୍ଗନବାଡି କେନ୍ଦ୍ରର ଘର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। କାର୍ଯ୍ୟ ଆରମ୍ଭ ପରେ ପୁନର୍ବାର ଜବରଦଖଲ କାରୀଙ୍କ ପରିବାର ପକ୍ଷରୁ କାର୍ଯ୍ୟ କରିବାରେ ବିରୋଧ କରିବାରୁ ବ୍ଲକର କନିଷ୍ଠ ଯନ୍ତ୍ରୀ ଦେବାଶିଷ ମିଶ୍ରଙ୍କ ଏତଲା ଅନୁଯାଇ ପୋଲିସ ଜବର ଦଖଲ କାରି ପରିବାରର ସରୋଜ ଯେନା, ଅଜୟ ଯେନା, ସାବିତ୍ରୀ ଯେନା, ଅବିନାଶ ଯେନା, ଧରିତ୍ରୀ ଯେନା, ଅନୁବା ଯେନା ମୋଟ ୬ ଜଣଙ୍କ ନାମରେ ଧାରା ୧୨୬(୨), ୨୯୬, ୩୫୧(୩), ୨୨୧, ୧୨୧(୧), ୩(୫) ଦଫାରେ ମାମଲା ରୁଜୁ କରିଥିଲେ। ସେହିପରି ତହସିଲ ପକ୍ଷରୁ ମାପ ଚୁପ ସମୟରେ ସରୋଜ ଯେନା ଓ ଅଜୟ ଯେନା କରିଥିବା ଘରଟି ଖାତା ନମ୍ବର ୧୪୧୮ ପ୍ଲଟ ନମ୍ବର ୬୨୬ ମଧ୍ୟରେ ରହିଥିବା ଦେଖିବା ପାଇଁ ମିଳିଥିଲା। ପୁନର୍ବାର ମାପ କରିବା ସହ ସରକାରୀ ଜାଗାରେ ସରୋଜ କରିଥିବା ଘରକୁ ଉଚ୍ଛେଦ କରିବା ପାଇଁ ଗ୍ରାମବାସୀ ମାନଙ୍କ ପକ୍ଷରୁ ଯାଜପୁର ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରାଯାଇ ଥିଲେ ମଧ ଆଜି ପର୍ଯ୍ୟନ୍ତ ଜିଲ୍ଲା ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିବାରୁ ଏଥିନେଇ ଗ୍ରାମରେ ତିବ୍ର ଅସନ୍ତୋଷ ପ୍ରକାଶ ପାଇଛି। ରାଜ୍ୟ ସରକାରଙ୍କ ଠାରୁ ଆରମ୍ଭ କରି ଜିଲ୍ଲାର ଜିଲ୍ଲାପାଳ ମାନେ ଖୁବ ଶୀଘ୍ର ସମସ୍ତ ଗାଁରେ ଅଙ୍ଗନବାଡି କେନ୍ଦ୍ର ନିର୍ମାଣ କାର୍ଯ୍ୟ ଶେଷ କରିବା ପାଇଁ ତାଗିଦ କରୁଥିବା ବେଳେ ଦେଖିବା ପାଇଁ ବାକି ରହିଲା କେବେ ସରିବ କୟାଁ-୨ ଅଙ୍ଗନବାଡି କେନ୍ଦ୍ରର ନିର୍ମାଣ କାର୍ଯ୍ୟ ନାଁ ଅଧାପନ୍ତରୀୟ ହୋଇ ପଡିରହିବ କୟାଁ-୨ ଅଙ୍ଗନବାଡି କେନ୍ଦ୍ରର ଘର କାର୍ଯ୍ୟ ତାହା ଦେଖିବା ପାଇଁ ଗ୍ରାମବାସୀଙ୍କ ଅପେକ୍ଷା। ପୋଲିସ କର୍ମଚାରୀଙ୍କୁ ଜବର ଦଖଲ କାରୀଙ୍କ ଦୁର୍ବ୍ୟବହାର ଘଟଣା ଉପରେ ଯାଜପୁର ଏସପି ଦୃଷ୍ଟି ଦେବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଗ୍ରାମବାସୀ ମାନଙ୍କ ପକ୍ଷରୁ ଦାବି ହୋଇଛି।

# ଆଇ କାନ୍ଧରେ ନାତୁଣୀ ଙ୍କ ଜଞ୍ଜାଳ ଭାର



ପାତ୍ରପୁର,(ମହାଭାରତ) : କେନ୍ଦ୍ର ସରକାର ଓଡିଶା କୁ ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା ରେ ଗରିବ ଓ ଅସହାୟ ପରିବାର କୁ ଆବାସ ଯୋଜନା ରେ ଗୃହ ଯୋଗାଇ ଦେଉଥିବା ବେଳେ କିଛି କିଛି ଗ୍ରାମରେ ପ୍ରକୃତ ହିତାଧିକାରୀ ମାନେ ଆବାସ ଯୋଜନା ରେ ଘର ଟିଏ ପାଇପାରୁନାହାନ୍ତି । ଭଙ୍ଗା ଦଦରା ଘରେ ରହୁଛନ୍ତି ଭାଗ୍ୟ କୁ ଆଦରି , ଘରଟିଏ ପାଇଁ ପଞ୍ଚାୟତ ରୁ ବ୍ଲକ କୁ ଦଉଡି ଦଉଡି ନିରାଶ ହୋଇପଡୁଥିବା ଦେଖିବାକୁ ମିଳିଛି । ବିଭିନ୍ନ ଆଳ ଦେଖାଇ ଏହି ମାସ ଆସିବ ଆଉ ମାସ ଆସିବ କହି ହିତାଧିକାରୀ ଙ୍କୁ ଠକା ଯାଉଛି । ଏଭଳି ଏକ ଦୃଶ୍ୟ ଦେଖିବାକୁ ମିଳିଛି। ଗଞ୍ଜାମ ଜିଲ୍ଲା ପାତ୍ରପୁର ବ୍ଲକ ସାମନ୍ତରାପୁର ପଞ୍ଚାୟତ ଗୋପୀନାଥପୁର ଗାଁ ର ବୃଦ୍ଧ ବୃଦ୍ଧା ଦମ୍ପତି ଙ୍କ ଅସୁମାରୀ ଦୁଃଖ ।ଭଙ୍ଗା ଦଦରା ଘରେ ବିତୁଛି ଜୀବନ। ପରିଣତ ବୟସ ରେ ବନ୍ଧା ହୋଇଛି ସାତ ବର୍ଷ ନାତୁଣୀ।ବୃଦ୍ଧ ଦମ୍ପତି ଙ୍କ ମୃତୁ ପରେ କୁନି ଝିଅ ର ଭବିଷ୍ୟତ ଅନିଶ୍ଚିତତା ଆଡକୁ ଗତି କରିବା ନେଇ ଆଶଙ୍କା ରେ। ସରକାର ଙ୍କ ମାଳ ମାଳ ଯୋଜନା କାହା ସ୍ୱାର୍ଥ ରେ ତାକୁ ନେଇ ଉଠିଛି ପ୍ରଶ୍ନ। ଏ ହେଉଛନ୍ତି ପାତ୍ରପୁର ବ୍ଲକ ଗୋପୀନାଥପୁର ଗାଁ ର ବୃଦ୍ଧ ଖେଳ ବଡ଼ମୁଣ୍ଡି ଆଉ ବୃଦ୍ଧା ସୁନି ବଡ଼ ମୁଣ୍ଡି ଙ୍କ କାହାଣୀ। ଗୋପୀନାଥପୁର ଗାଁ ସ୍ଥାପନ ହେଲା ସେହି ଦିନ ଠାରୁ ଏହି ବୃଦ୍ଧ ବୃଦ୍ଧା ଦମ୍ପତି ବହୁ କଷ୍ଟ ରେ ଜଙ୍ଗଲ ରୁ କାଠ କୁଟା ଆଣି ପର ପାଖରେ ମୁଲ ଲାଗି ନିଜ ପରିବାର ଚଳାଇ ଆସିଛନ୍ତି ।ସେମାନେ ଅନେକ ସପ୍ନ ଦେଖି ଝାଟି ମାଟି ଘର ଟେକି ଥିଲେ ।ଏବେ ସେ ଘର ଅଛି ସତ କିନ୍ତୁ ଭଙ୍ଗା ଦଦରା ଅବସ୍ଥାରେ ଅ ସଜଡା କୋଉଠି ମାଟି କାନ୍ଥଭାଙ୍ଗି ଆଁ ତ ଆଉ କଉଠି ଘର ପଛ ପଟେ ନାହିଁ ମାଟିକାନ୍ଥ ଆଉ କୋଠି ଗଛ ଉଠିଲାଣି ।ଯେଉଁଠି ରହନ୍ତି ସେଇଠି ଖାନ୍ତି ସେଇଠି ହିଁ ନିଜ ଜୀବନ କୁ ବାଜି ଲଗାଇ ଶୁଅନ୍ତି ।ମନରେ ସାପ ବେଙ୍ଗ ଶରୀସୃପ ଜନ୍ତୁ ଭୟ ।ଏହି ଭଳି ସ୍ଥିତି ଦିନେ କି ଦୁଇ ଦିନ ନୁହେଁ ବର୍ଷ ବର୍ଷ ଧରି ଭୋଗୁଛନ୍ତି ଯନ୍ତ୍ରଣା। ଯାହାକୁ ନେଇ ଦେହ ସୁହା ହୋଇ ଗଲାଣି କିନ୍ତୁ ସାଙ୍ଗ ରେ ରହୁଥିବା ସାତ ବର୍ଷ ର ନାତୁଣୀ ଙ୍କୁ ନେଇ ଚିନ୍ତିତ ଥିବା ଅଜା ଆଇ କହିଛନ୍ତି। ପଞ୍ଚାୟତ ସରପଞ୍ଚ ଙ୍କ ଠାରୁ ଆରମ୍ଭ କରି ବ୍ଲକ ବିଡିଓ ଏହି ଭଳି କି ସମସ୍ତ ଙ୍କ ପାଖକୁ ଯାଇଛୁ କିନ୍ତୁ ନା ୭୦ ବର୍ଷ ବୃଦ୍ଧ ଙ୍କୁ ଭତ୍ତା ନା ଆବାସ ଘର କେବଳ ରାସନ କାର୍ଡ ଖଣ୍ଡିଏ ଦେଇ ଦାଇତ୍ୱ ସାରି ଦେଇଛି ପ୍ରଶାସନ। ଘର ଆଗରେ ଯେଉଁ ମାଟି ଘର ତୋଳା ଯାଇଛି ସେ ଘର ଖେଳ ଘର ? ଯାହାକୁ ନିଜ ହାତ ରେ ତୋଳିଛି ଖେଳ ବଡ଼ ମୁଣ୍ଡି ଙ୍କ ସାତ ବର୍ଷ ର ନାତୁଣୀ ପାୟଲ ଦାସ ।କାରଣ ଏବେ ପାୟଲ ର ଭବିଷ୍ୟତ ଅଜା ଆଇ ଙ୍କ ହାତରେ ସେ ଭି ଚାହୁଁଛି ଆମ ଘର ପକ୍କା ଘର ହେଉ ଲୋକ ଙ୍କ ଘର ଭଳି ସବୁ ସୁବିଧା ମିଳୁ ତାକୁ ମନରେ ଭାବି ଗଢିଛି ମାଟିର ଘର ।ସପ୍ନ ସିନା ଦେଖିଛି ସେ ସାକାର କରିବ କିଏ ତାକୁ ନେଇ ଉଠିଛି ପ୍ରଶ୍ନ। ଆଉ ଅଜା ଆଇ ର ଦେହ ରେ ବଳ ନାହିଁ ମୁଲ ଲାଗି କଷ୍ଟ ପଡିଲେ ଖାଇବାକୁ ସିନା ମିଳିବ କିନ୍ତୁ ଘର ତୋଳିବା ସମ୍ଭବ ନୁହେଁ କ୍ଷ ସରକାର ଙ୍କ ତ ଦୃଷ୍ଟି ପଡିନି ଏପଟେ ପାୟଲ ବାପା ମା ଫେରାର ହୋଇ ପାୟଲ କୁ ବୃଦ୍ଧ ଅଜା ଆଇ ଙ୍କ ବେକ ରେ ବାନ୍ଧି ଦେଇ ଅନ୍ୟତ୍ର ବିବାହ କରି ନିଜ ସଂସାର ଗଢି ଲେଣି ।ଭଗବାନ କଣ ଏତେ ନିଷ୍ଠୁର କୁନି ଶିଶୁ ଟାର ଦୁଃଖ କୁ ମଧ ଦେଖି ସହି ନିର୍ଦ୍ଦୟ ହୋଇଯାଇଛନ୍ତି ।ଭବିଷ୍ୟତ ଗଢିବା ବଦଳ ରେ ଅନ୍ଧକାର ଆଡକୁ ଠେଲି ଦେଇଛନ୍ତି ।ଏ ନେଇ ପାତ୍ରପୁର ବିଡିଓ ଙ୍କ କୌଣସି ପ୍ରତିକ୍ରିୟା ମିଳି ପାରି ନାହିଁ ।ସେ କେମେରା ସମ୍ମୁଖ ରେ ପ୍ରତିକ୍ରିୟା ଦେବାକୁ ମନା କରିଥିବା ବେଳେ ଆପଣ ଙ୍କ ଠାରୁ ଜାଣି ବାକୁ ପାଇଲୁ ପଞ୍ଚାୟତ ନିର୍ବାହୀ ଅଧିକାରୀ ଙ୍କ ଜରି ଆରେ ଆମେ ସର୍ଭେ କରି ସମସ୍ତ ସରକାରୀ ସୁବିଧା ଯୋଗାଇ ଦେବୁ ବୋଲି ଆମ ମାଧମ ରେ ପ୍ରତିଶୃତି ଦେଇ ଛନ୍ତି। ଦାରିଦ୍ର୍ୟ ଦୂରୀକରଣ ପାଇଁ ସରକାର ଯୋଜନା ଉପରେ ଯୋଜନା ପ୍ରସ୍ତୁତ କରୁଛନ୍ତି , କିନ୍ତୁ ପ୍ରକୃତ ହିତାଧିକାରୀ ଙ୍କୁ ମିଳିପାରୁ ନାହିଁ ସରକାରୀ ସୁବିଧା ଦେଖିବାକୁ ବାକି ରହିଲା ଦମ୍ପତ୍ତି ଙ୍କ ପାଇଁ ପ୍ରଶାସନର ଆଖି କେବେ ଖୋଲିବ।

## ଟଙ୍କା ପାଇଁ ସ୍ତ୍ରୀଙ୍କୁ ହତ୍ୟା

ଜୁନାଗଡ଼, (ମହାଭାରତ): କଳାହାଣ୍ଡି ଜିଲା ଜୁନାଗଡ଼ ଥାନା ଅନ୍ତର୍ଗତ ସନ୍ୟାସୀ କୁଣ୍ଡାମାଲ ଗ୍ରାମରେ ସାମାନ୍ୟ ଟଙ୍କା ପାଇଁ ନିଜ ସ୍ତ୍ରୀକୁ ହତ୍ୟା କରି ସ୍ୱାମୀ ଆତ୍ମହତ୍ୟା ଉଦ୍ୟମ ଭଳି ଘଟଣା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି। ପ୍ରକାଶ ଯେ,ସନ୍ୟାସୀ କୁଣ୍ଡାମାଲ ଗ୍ରାମର ପ୍ରମୋଦ ଚନ୍ଦନ (୫୭) ଓ ତାଙ୍କ ସ୍ତ୍ରୀ କସ୍ତୁରୀ (୫୪) ମଧ୍ୟରେ ଧାନ ଟଙ୍କାକୁ ନେଇଁ ବିଭିନ୍ନ ସମୟରେ ଝଗଡା ହେଉଥିଲା। ସୋମବାର ଘାସ ବାଛିବାକୁ ଉଭୟେ ନିଜ ଚାଷ ଜମିକୁ ଯାଇଥିଲେ। ସେଠାରେ ପୁଣି ଥରେ ଧାନ ଟଙ୍କା ପାଇଁ ସ୍ତ୍ରୀ ସହିତ ଝଗଡା କରିଥିଲେ। ସ୍ତ୍ରୀ ଟଙ୍କା ନାହିଁ ବୋଲି କହିବାରୁ ସ୍ୱାମୀ ପ୍ରମୋଦ ଉତ୍ୟକ୍ତ ହୋଇ ରାଗରେ ଫାଉଡାରେ ମାରି ସ୍ତ୍ରୀ କସ୍ତୁରୀଙ୍କୁ ହତ୍ୟା କରିଥିବା ଅଭିଯୋଗ ହୋଇଛି ।ହତ୍ୟା ପରେ ସ୍ତ୍ରୀର ମୃତ ଦେହକୁ ନିଜ ଚାଷ ଜମିରେ ପୋତି ଦେଇ ଘରକୁ ଚାଲି ଆସିଥିଲେ। ତେବେ ରାତିରେ ସେ ଭାବୁକ ହୋଇ ବିଷ ପିଇ ଦେଇଥିଲେ। ଏହାସହ ପୁଅ ଯୁବରାଜକୁ ସବୁ କଥା କହିଦେଇ ଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଜୁନାଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ ଭବାନୀପାଟଣା ଡାକ୍ତରଖାନାକୁ ନିଆଯାଇଥିଲା । ସେଠାରେ ସେ ତାଙ୍କ ସ୍ତ୍ରୀଙ୍କୁ ହତ୍ୟା କରି ପ୍ରଥମେ କେନାଲରେ ଓ ପରେ ଜମିରେ ପୋତି ଦେଇଥିବା କହିଥିଲେ।

## ଆଜିଠାରୁ ଆସିକାର ମାଆ ଦଣ୍ଡକାଳୀଙ୍କ ପ୍ରସିଦ୍ଧ ଦଣ୍ଡଯାତ୍ରା ଆରମ୍ଭ



ଆସିକା,(ମହାଭାରତ):ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ଆସିକା ପୌର ପରିଷଦ ଅଧୀନ ସୁନାମ୍ବ ସାହି ବିଜେ ମା ଦଣ୍ଡକାଳୀଙ୍କ ପ୍ରସିଦ୍ଧ ଦଣ୍ଡଯାତ୍ରା ଆରମ୍ଭ ହୋଇଯାଇଛି । ଦୀର୍ଘ ୧ ୨ ଦିନ ଧରି ଚାଲିବାକୁ ଥିବା ଏହି ଦଣ୍ଡଯାତ୍ରାରେ ମାନସିକଧାରୀ ଶତାଧିକ ଦଣ୍ଡୁଆ ସାମିଲ ହୋଇଥିବା ଜଣାପଡିଛି ।ବୁଧୁବାର ଭୋର ସମୟରୁ ଆସିକା ଦଣ୍ଡକାଳୀ ମନ୍ଦିରରେ ମାନସିକଧାରୀ ଦଣ୍ଡୁଆମାନେ ଏକତ୍ରିତ ହୋଇ ସଂକଳ୍ପ, ପୂଜାର୍ଚ୍ଚନା ଓ ଅଗ୍ନିପୂଜା ସାରି ପବିତ୍ର ଋଷିକୂଲ୍ୟା ନଦୀରେ ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରି ଶରୀରରେ ପଇତା ପକାଇ ଦଣ୍ଡକାଳୀଙ୍କୁ ସାଙ୍ଗରେ ଧରି ଢୋଲ ମୃଦଙ୍ଗର ତାଳେ ତାଳେ ଗ୍ରାମ୍ୟ ପରିକ୍ରମା କରିଥିଲେ। ଦଣ୍ଡଯାତ୍ରା ଶୁଭାରମ୍ଭ ଅବସରରେ ମନ୍ଦିର ପରିସରରେ ଶ୍ରଦ୍ଧାଳୁ ଭକ୍ତଙ୍କ ପ୍ରବଳ ଭିଡ ଜମିଥିବା ବେଳେ ପ୍ରଥମ ଦିବସରେ ବଜ଼ାରସାହି ସ୍ଥିତ ଦଣ୍ଡ ରେଙ୍ଗୀ ମାନସିକଧାରୀ ବାସଭବନ ନିକଟରେ ଦଣ୍ଡଦଳ ଦଣ୍ଡ ଭାଙ୍ଗିଥିଲେୟ ଶ୍ରଦ୍ଧାଳୁ ଭକ୍ତଙ୍କ ଭିଡ ଜମିଥିବା ବେଳେ ଅପରାହ୍ନରେ ଧୂଳିଦଣ୍ଡ, ପାଣିଦଣ୍ଡ ଓ ଅଗ୍ନିଦଣ୍ଡ ଭାଙ୍ଗିବା ପରେ ରାତ୍ରରେ ଯାତ୍ରା ଜଗତର ସୁପରିଚିତ ନାଟ୍ୟ ନିର୍ଦ୍ଦେଶକ ନିରଞ୍ଜନ ପୋଲାଇଙ୍କ ନିର୍ଦ୍ଦେଶନାରେ ମହାନ ପୌରାଣିକ ନାଟକ ମିଛୁଆ ଚଢେୟା ଗପ ସରିଲା ପରିବେଷଣ କରାଯାଇଥିଲା। ଏହି ସାମାଜିକ ନାଟକକୁ ଦେଖୁବା ଲାଗି ଆସିକା ସହର ତଥା ଏହାର ଆଖପାଖ ଅଞ୍ଚଳର ଯୁବଗୋଷ୍ଠୀ ଉତ୍ସାହିତ ହୋଇପଡିଥିଲା ବେଳେ ଦଣ୍ଡଯାତ୍ରା ପାଇଁ ଆସିକା ସହର ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିବା ବେଳେ ଦଣ୍ଡଦଳରେ ସାମିଲ ହୋଇଥିବା ଶହଶହ ମାନସିକଧାରୀ ଭୁକ୍ତା ସାମିଲ ହୋଇଥିଲା ବେଳେ ସେମାନେ ନିଷ୍ଠାର ସହ ରହିବା ସାଙ୍ଗକୁ ଆମ୍ବପତ୍ରରେ ଦାନ୍ତ ଘଷିବା ସହ ରାତ୍ରରେ ପୂଜାର୍ଚ୍ଚନା ପରେ ଅକଟା, ଅବଟା ଖାଦ୍ୟ ଖାଉଥିବା ଦେଖିବାକୁ ମିଳୁଛି ସହର ବାସୀ ମାନେ ନିଜନିଜ ଘର ସମ୍ମୁଖରେ ପୁର୍ଣ କୁମ୍ଭ ବାଢି ଭୋଗ ଲଗାଇ ମହାମାୟୀ ମା କାଳୀ ଓ ଦେବଦେବ ମହାଦେବଙ୍କୁ ପୂଜାର୍ଚ୍ଚନା କରିବା ସାଙ୍ଗକୁ ଦଣ୍ଡଯାତ୍ରାରେ ସାମିଲ ହୋଇଥିବା ମାନସିକଧାରୀ ଦଣ୍ଡୁଆଙ୍କୁ ସାଷ୍ଟାଙ୍ଗ ପ୍ରଣିପାତ କରି ଆର୍ଶୀବାଦ କାମନା କରିବା ସହ ନିଜର ଓ ନିଜ ପରିବାରର ଏବଂ ଅଞ୍ଚଳବାସୀଙ୍କ ଶୁଭମନାସୀ ଥିଲେ ପୂର୍ବ ପ୍ରଚଳିତ ପରମ୍ପରା ଅନୁସାରେ ମାନସିକଧାରୀ ଦଣ୍ଡୁଆ ମାନେ ଢୋଲ, ଗିନି ଓ ମହୁରୀର ତାଳେତାଳେ ଗ୍ରାମର କୁମ୍ଭକାର ସମ୍ପ୍ରଦାୟର ଭକ୍ତଙ୍କ ନିକଟରୁ ଅଗ୍ନିଦଣ୍ଡ ଓ ରୂପକାର ମହାରଣାଙ୍କ ପରିବାର ରୁ କାଳିପରଭାକୁ ଆଣି ଯଜ୍ଞ ପୀଠରେ ପ୍ରାଣ ପ୍ରତିଷ୍ଠା କରିବା ପରେ ଶ୍ରୀ ଶ୍ରୀ ଦାଣ୍ଡେଶ୍ୱର ମହାଦେବଙ୍କୁ ଆବାହନ କରି ଦଣ୍ଡଯାତ୍ରା ଆରମ୍ଭ କରିଥିବା ବେଳେ ଏହି ଯାତ୍ରା ଆସନ୍ତା ୧୪ ତାରିଖ ମହାବିଷୁବ ସଂକ୍ରାନ୍ତି ପର୍ଯ୍ୟନ୍ତ ଚାଲିବ ବୋଲି ଜଣାପଡିଛି। ଦଣ୍ଡଯାତ୍ରା ଶନିବାର ଠାରୁ ଆରମ୍ଭ ହୋଇଥିଲା ବେଳେ କଳା ରୁଦ୍ରମଣିକୁ ଭଜ ହେ ଏବଂ ମା ଦଣ୍ଡକାଳୀଙ୍କୁ ଭଜ ହେ ଧ୍ୱନୀରେ ଗ୍ରାମ୍ୟ ଠାରୁ ସହର ପରିବେଶ ପ୍ରକମ୍ପିତ ହୋଇପଡିଥିବା ଦେଖିବାକୁ ମିଳିଥିଲା ।

## ମାଁ ଠାକୁରାଣୀଙ୍କ ଝାମୁଯାତ୍ରା ସମ୍ପନ୍ନ

ଲାଞ୍ଜିଗଡ଼ :(ମହାଭାରତ ) ପ୍ରାଚୀନ ଧର୍ମଧାରାର ପ୍ରତୀକ ମାଁ ଠାକୁରାଣୀ ଙ୍କ ଝାମୁଯାତ୍ରା ପାରମ୍ପରିକ ରୀତିନୀତି ଅନୁସାରେ ଅନୁଷ୍ଠିତ ହୋଇଯାଇଛି। ଲାଞ୍ଜିଗଡ଼ ବ୍ଲକ ଲାଖବାହାଲି ପଞ୍ଚାୟତ ସ୍ଥିତ ଲାଖବହାଲି ମାଁ ଠାକୁରାଣୀଙ୍କ ପୀଠ ଏନେଇ ଉତ୍ସବ ମୁଖର ହୋଇଉଠିଛି। ପ୍ରଥମେ ଗାଁରୁ ବିଭିନ୍ନ ପ୍ରକାର ଶସ୍ୟ ଧାନ, ବିରି,ମୁଗ, କୋଲଥ, ମକା, ସଂଗ୍ରହ କରି ନୂଆଁ ବାଉଁଶରେ ସାତଟି ଚାଙ୍ଗୁଡ଼ି ତିଆରି କରି ଚାଙ୍ଗୁଡ଼ିରେ ନିକଟସ୍ଥ ଖଣ୍ଡାଧୁଆ ନଦୀରୁ ବାଲି କଢାଯାଇଥିଲା। ପରେ ୭ଟି ନୂଆଁ ଚାଙ୍ଗଡିରେ ଗାଁରୁ ସଂଗୃହିତ ବିଭିନ୍ନ ପ୍ରକାର ବିହନକୁ ଗଜା ହେବାପାଇଁ ବାଲି ଚାଙ୍ଗୁଡ଼ିରେ ପକାଯାଇଥିଲା। ସେହି ବାଲି ଗଜାକୁ ସାତଦିନ ପର୍ଯ୍ୟନ୍ତ ରିନିନୀତି ଅନୁସାରେ ମନ୍ଦିର ପୂଜକ ପୂଜାର୍ଚ୍ଚନା କରିଥିଲେ ଓ ନିକଟସ୍ଥ ଶୁଣେଶରୁ ଜଙ୍ଗଲକୁ ଯାଇ ବେଲକଣ୍ଟା ଆଣି ପୂଜକ ମାନେ ବେଲ କଣ୍ଟାରେ ଝାମେର ଦୋଲି ପ୍ରସ୍ତୁତ କରିଥିଲେ । ଯାତ୍ରା ଦିନ ବେଲକଣ୍ଟା ଦୋଳିରେ ବସି ଭକ୍ତଙ୍କୁ ଦର୍ଶନ ଦେଇଥିବା ବେଳେ ଡହଡ଼ହ ତତଲା କାଳିସୀ ନିଆଁରେ ଚାଲିବା ସହ ନିଜର ଶକ୍ତିର ପରିଚୟ ଦେଇଥିଲେ। ଏହାପରେ ମାନସିକ କରିଥିବା ଭକ୍ତ ମାନେ ମାନସିକ ଅନୁଯାୟୀ ଛେଳି,କୁକୁଡ଼ା ଓ ପାରା ବଳି ଦେଇଥିଲେ । ମାଁ ଠାକୁରାଣୀଙ୍କ ମୁଖ୍ୟ ପୂଜକ ରାମ ଚନ୍ଦ୍ର ନାଏକ,ବାହୁକ ଅଭିରାମ ନାଏକ,ରୋଶନ ମାଝୀ,ମାଁ ଠାକୁରାଣୀ ସାଂସ୍କୃତିକ ଅନୁଷ୍ଠାନର ସଦସ୍ୟ ସୁରେଶ ନାଏକ, ଶିବରାମ କରକରିଆ, ଜମା ମାଝୀ ଲକ୍ଷ୍ମଣ ମାଝୀ,ସମେତ ଗ୍ରାମବାସି ସହଯୋଗ କରିଥିବା ବେଳେ ମାଁ ଠାକୁରାଣୀଙ୍କ ଝାମୁ ଯାତ୍ରା ଶାନ୍ତିଶୃଙ୍ଖଳାର ସହିତ ସମ୍ପନ୍ନ ହୋଇଥିଲା ।

## ଶାଶୁ କୁ ହାଣିଲା ବୋହୂ

କପ୍ତିପଦା -(ମହାଭାରତ ): ବୋହୂ ସାଜିଲା ରାକ୍ଷସୀ। ଗୁଣି ସନ୍ଦେହରେ ଶାଶୁ କୁ ଅତି ନିର୍ଦୟ ଭାବେ ଘର ଭିତରେ ପନିକିରେ ହାଣିଲା ବୋହୂ। ଆଉ ଏ ସବୁର ଦେଖଣାହାରି ସାଜିଥିଲା ପୁଅ। ଉଦଳା ଥାନା ଏନଏସି ୬ ନମ୍ବର ୱାର୍ଡରେ ଘଟିଛି ଏଭଳି ଘଟଣା। ଗ୍ରାମର ସାବିତ୍ରୀ ଦତ୍ତ ସନ୍ଧ୍ୟା ସମୟରେ ଘର ବାହାରେ ବସିଥିବା ବେଳେ ଅଚାନକ ବୋହୂ ମାମି ଦତ୍ତ ଘର ଭିତରୁ ବାହାରି ଆସି ସାବିତ୍ରୀ ଙ୍କୁ ଘର ଭିତରକୁ ଘୋଷାରି ନେଇ ବେତବାଡ଼ିରେ ନିର୍ଘାତ ମାଡ଼ ମାରିବା ପରେ ପନିକିରେ ଅନ୍ଧା ଦୁନିଆ ହାଣି ଚାଲିଲା। ଶାଶୁ ସାବିତ୍ରୀଙ୍କ ମୁଣ୍ଡ ଦେହକୁ ପନିକିରେ ହାଣି ଜୀବନରୁ ମାରିଦେବାକୁ ବୋହୂ ମାମି ଉଦ୍ୟମ କରୁଥିବା ବେଳେ ସେଠାରେ ଛିଡା ହୋଇ ଏ ସବୁ ଦେଖୁଥିଲା ପୁଅ କୁଲୁ ଦତ୍ତ। ହେଲେ ସେ ଏହାକୁ ବାରଣ କରି ନ ଥିଲା। ତେବେ ଆକ୍ରମଣରେ ଗୁରୁତର ହୋଇ ସାବିତ୍ରୀ ଚିତ୍କାର କରିବାରୁ ପଡିଶା ଲୋକେ ଆସି ତାଙ୍କୁ ଉଦ୍ଧାର କରିବା ସହିତ ପୋଲିସ କୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଅବସ୍ଥାରେ ଶାଶୁ କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଥିବା ବେଳେ ହାଣିଥିବା ବୋହୂ କୁ ନିଜ ହେପାଜତ କୁ ନେଇଛିୟ ସେପଟେ ଗୁଣି ଗାରେଡି ସନ୍ଦେହରେ ବୋହୂ ହାଣିଥିବା କହିଛନ୍ତି ସାବିତ୍ରୀ। ଅନ୍ୟପଟେ ଦେହରେ ଠାକୁରାଣୀ ଆସିଥିବାରୁ ସେ ଏପରି କରିଥିବା କହୁଛି ବୋହ।

# ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି ଜିଲ୍ଲା ବାସୀ

## ଅନିଶ୍ଚିତତା ଘେରରେ ୧୬ ଶହ କୋଟିର ୬ ମେଗା ପ୍ରକଳ୍ପ



ନୟାଗଡ, ( ମହାଭାରତ ) : ଗ୍ରୀଷ୍ମ ହେଉ କି ବର୍ଷା, ବର୍ଷତମାମ୍ ନୟାଗଡ଼ ଜିଲ୍ଲା ପାନୀୟ ଜଳ ସଙ୍କଟରେ ଘାଣ୍ଟି ହେବା ସହ କଲବଲ ହେଉଛିୟ ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ବସୁଧା ଓ ଜଳ ଜୀବନ ମିଶନ ଜରିଆରେ ଛଅ ଟି ବୃହ୍ତ ପାନୀୟ ଜଳ ପ୍ରକଳ୍ପକୁ ମଞ୍ଜୁର କରିଛନ୍ତି। ଏଥିପାଇଁ ପ୍ରାୟ ୧୬୦୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ମାତ୍ର ଏହି ପ୍ରକଳ୍ପ ଗୁଡ଼ିକ କେବେ ଶେଷ ହୋଇ କାର୍ଯ୍ୟକ୍ଷମ ହେବ, ସେଥି ନେଇ ସମସ୍ତେ ଏବେ ଦ୍ୱ-ରେ ଅଛନ୍ତି। ଅବଧି ପରେ ଅବଧି ଗଡ଼ି ଚାଲୁଥିଲେ ମଧ ଏହି ପ୍ରକଳ୍ପ ଗୁଡ଼ିକ ଶେଷ ହୋଇପାରୁନାହିଁ। ଚଳିତ ବର୍ଷ ଶେଷ ସୁଦ୍ଧା ୫ଟା ପ୍ରକଳ୍ପ ଓ ବାକି ୧ଟା ଆସନ୍ତା ୨୦୨୭ରେ ଶେଷ ହେବ ବୋଲି ପାନୀୟ ଜଳ ଓ ପରିମଳ ବିଭାଗ ( ଆରଡବ୍ଲୁଏସ୍ଏସ୍ ) ପକ୍ଷରୁ କୁହାଯାଉଥିଲେ ମଧ ଏହାକୁ ନେଇ ଏବେ ବି ଆଶଙ୍କା ରହିଛି। ଜିଲ୍ଲାର ସବୁଠାରୁ ବୃହ୍ତ ମେଗା ପାନୀୟ ଜଳ ପ୍ରକଳ୍ପ ଖଣ୍ଡପଡ଼ା ବ୍ଲକ୍ ରେ ନିର୍ମାଣ କରାଯାଉଛି। ଏଥିପାଇଁ ୬୦୩.୪୪ କୋଟି ଟଙ୍କାର ବ୍ୟୟ ଅଟକଳ ଧାର୍ଯ୍ୟ କରାଯାଇଛି । ବସୁଧା ଯୋଜନାରେ ନିର୍ମାଣ ହେଉଥିବା ଏହି ପ୍ରକଳ୍ପ ଯୋଗୁଁ ନୟାଗଡ଼, ଖଣ୍ଡପଡ଼ା, ନୂଆଗାଁ ଓ ଭାପୁର ବ୍ଲକ୍ ର ୭୯ ପଞ୍ଚାୟତର ୪୯୮ଟି ଗାଁ ଉପକୃତ ହୋଇପାରିବ। ୨୦୧୯ ରେ ଏହି ପ୍ରକଳ୍ପ ପାଇଁ ଶୁଭ ଦିଆଯାଇଥିବା ବେଳେ ୨୦୨୧ ଡିସେମ୍ବର ୫ ତାରିଖରେ ଏହା ଶେଷ ହେବ ବୋଲି ଲକ୍ଷ୍ୟଧାର୍ଯ୍ୟ କରାଯାଇଥିଲା। ମାତ୍ର ଇତି ମଧ୍ୟରେ ଦୁଇଟି ଅବଧି ଶେଷ ହୋଇଥିଲେ ସୁଦ୍ଧା ପ୍ରକଳ୍ପଟି ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇପାରୁନାହିଁ। ବିଭିନ୍ନ ସମସ୍ୟାରେ ଏହି ପ୍ରକଳ୍ପଟି ରହିଥିଲେ ମଧ ଚଳିତ ବର୍ଷ ଶେଷ ସୁଦ୍ଧା ଏହା କାର୍ଯ୍ୟକ୍ଷମ ହେବ ବୋଲି କୁହାଯାଉଛି। ସେହିପରି ଜଳ ହିଁ ଜୀବନ ମିସନ ଅଧୀନରେ ଓଡ଼ଗାଁରେ ଆଉ ଏକ ପ୍ରକଳ୍ପ ତିଆରି ଚାଲିଛି। ଏହାଦ୍ୱାରା ଓଡ଼ଗାଁର ୩୬ ଓ ରଣପୁର ବ୍ଲକ୍ର ୬ଟି କୁ ମିଶାଇ ମୋଟ୍ ୪୨ଟି ପ□ାୟତ ଉପକୃତ ହେବା ସେଥିପାଇଁ ୨୩୬.୬୭କୋଟି ବ୍ୟୟ ଅଟକଳ ଧାର୍ଯ୍ୟ କରାଯାଇଛି। ସେହିପରି ୨୫୧.୮୭ କୋଟି ଟଙ୍କା ବ୍ୟୟରେ ରଣପୁର ବ୍ଲକ୍ର ୩୧ଟି ପଞ୍ଚାୟତକୁ ପିଇବା ପାଣି ଯୋଗାଇ ଦିଆଯିବ। ଏହି ପ୍ରକଳ୍ପ ଦୁଇଟିକୁ ଆସନ୍ତା ୨୦୨୬ ଜୁନ ସୁଦ୍ଧା ଶେଷ କରିବାକୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ୯୭.୬୬ କୋଟି ଟଙ୍କାରେ ଗଣିଆ ବ୍ଲକ୍ରେ ୮ଟି ପଞ୍ଚାୟତକୁ ପିଇବା ପାଣି ଯୋଗାଇ ଦେବା ପାଇଁ ଆଉ ଏକ ପ୍ରକଳ୍ପ ନିର୍ମାଣ କରାଯାଉଛି। ଦଶପଲ୍ଲା ବ୍ଲକ୍ର ୨୦ଟି ପଞ୍ଚାୟତକୁ ପାଣି ଯୋଗାଇ ଦେବା ପାଇଁ ୨୪୨.୭୨ କୋଟି ଟଙ୍କା ବ୍ୟୟରେ ପ୍ରକଳ୍ପ ତିଆରି କରାଯାଉଛି। ସେହିପରି ନୂଆଗାଁ ବ୍ଲକ୍ରେ ୧୪୪.୩୩ କୋଟି ଟଙ୍କା ବ୍ୟୟରେ ନିର୍ମାଣ କରାଯାଉଥିବା ମେଗା ପାନୀୟ ଜଳ ପ୍ରକଳ୍ପରୁ ୧୪ଟି ପଞ୍ଚାୟତକୁ ପାଣି ଯୋଗାଇ ଦିଆଯିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏହି ତିନି ପ୍ରକଳ୍ପ ୨୦୨୩ ମାର୍ଚ୍ଚ ୧୫ ତାରିଖରେ ଆରମ୍ଭ ହୋଇଥିବା ବେଳେ ୨୦୨୫ ମାର୍ଚ୍ଚ ସୁଦ୍ଧା ଶେଷ କରାଯିବ ବୋଲି କୁହାଯାଇଥିଲା। ମାତ୍ର ବିଭିନ୍ନ କାରଣ ପାଇଁ ଏହା ଘୁଞ୍ଚି ଘୁଞ୍ଚି ଆସନ୍ତା ବର୍ଷ ଶେଷ ହେବ ବୋଲି ଗତ ଦିଶା ବୈଠକରେ ବିଭାଗୀୟ ନିର୍ବାହୀ ଅଧିକାରୀ ଆଲୋକ ପଣ୍ଡା ସୂଚନା ପ୍ରଦାନ କରିଛନ୍ତି। ବିଶେଷ କରି ଜଙ୍ଗଲ ଜମିରେ ଇନ୍ଟେକ୍ ୱେଲ୍ ନିର୍ମାଣରେ ସମସ୍ୟା ହେଉଥିବାରୁ ଏ ନେଇ ସେ ସମସ୍ତ ଜନପ୍ରତିନିଧି ଓ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

## ପାରାଦ୍ୱୀପରେ ବିଜେପିର ମିଶ୍ରଣ ପର୍ବ



ପାରାଦୀପ (ମହାଭାରତ):ଭାରତୀୟ ଜନତା ପାର୍ଟି (ବିଜେପି) ପାରାଦୀପ ମଣ୍ଡଳ ପକ୍ଷରୁ ଗତ ରବିବାର ଦିନ ୧୧ ନମ୍ବର ୱାର୍ଡ ଅନ୍ତର୍ଗତ ଗୋପାଳଜୀଉ କଲୋନୀ ଠାରେ ଏକ ମହା ମିଶ୍ରଣ ପର୍ବ ଓ କର୍ମୀ ସମ୍ମିଳନୀ ଆୟୋଜିତ ହୋଇଯାଇଛି। ଏହି ମିଶ୍ରଣ ପର୍ବରେ ପାରାଦୀପ ବିଧାୟକ ତଥା ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗ ଦେଇଥିଲେ। ଜନ ସାଧାରଣ, ଦଳୀୟ କର୍ମକର୍ତ୍ତା ଉତ୍ସାହ ସହିତ ଏକ ବିରାଟ ଶୋଭାଯାତ୍ରା ମାଧ୍ୟମରେ ସ୍ଥାନୀୟ ଶ୍ରମିକ ଭବନରୁ ଗୋପାଳଜୀଉ କଲୋନୀ ପର୍ଯ୍ୟନ୍ତ ମନ୍ତ୍ରୀ ଶ୍ରୀ ସ୍ୱାଇଁକୁ ପାଛୋଟି ଆଣିଥିଲେ। ଭାରତୀୟ ଜନତା ପାର୍ଟିର ନୀତି ଆଦର୍ଶ, ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ବଳିଷ୍ଠ ନେତୃତ୍ୱ ଓ ଦକ୍ଷ କାର୍ଯ୍ୟଶୈଳୀ, ଲୋକଙ୍କ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କାର୍ଯ୍ୟଦକ୍ଷତା, ବିକାଶମୂଳକ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ୧୧ ନମ୍ବର ୱାର୍ଡ ଗୋପାଳଜୀଉ କଲୋନୀର ଶତାଧିକ କାର୍ଯ୍ୟକର୍ତ୍ତା ନିଜର ସମର୍ଥକଙ୍କ ସହିତ ବିଜେଡି ଓ କଂଗ୍ରେସ ଦଳ ପରିତ୍ୟାଗ କରି ବିଧିବଦ୍ଧ ଭାବେ ଭାରତୀୟ ଜନତା ପାର୍ଟିରେ ସାମିଲ ହୋଇଥିଲେ । ଏହି ମିଶ୍ରଣ ପର୍ବ, ରାଜ୍ୟରେ ବିଜେପି ପ୍ରତି ଜନସାଧାରଣଙ୍କ ଆସ୍ଥା, ବିଶ୍ୱାସ ଓ ଭରସା, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲୋକପ୍ରିୟତା ବୃଦ୍ଧି ପାଇବାରେ ଲାଗିଛି ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଥିଲେ । ମନ୍ତ୍ରୀ ଶ୍ରୀ ସ୍ୱାଇଁ ସମସ୍ତଙ୍କୁ ଦଳୀୟ ଉତ୍ତରୀୟ, ଟୋପି ପିନ୍ଧାଇ ଦଳକୁ ସ୍ୱାଗତ କରିବା ସହ ସମସ୍ତ ନୂତନ ସଦସ୍ୟଙ୍କୁ କୃତଜ୍ଞତା ଜଣାଇଲେୟ ସେମାନଙ୍କ ଯୋଗଦାନ ତୃଣମୂଳସ୍ତରରେ ଦଳର ସଂଗଠନକୁ ଆହୁରି ମଜବୁତ କରିବ। ନୂତନ କରି ଦଳରେ ସାମିଲ ହୋଇଥିବା ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ବିଜେପି ପରିବାରକୁ ସ୍ୱାଗତ କରାଯାଇଥିଲା । ଶେଷରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ମିଶ୍ରଣ ପର୍ବ ଦ୍ୱାରା ନିଶ୍ଚିତ ଭାବେ ଦଳ ତୃଣମୂଳ ସ୍ତରରେ ଶକ୍ତିଶାଳୀ ହେବା ସହିତ ସମସ୍ତେ ଏକ ହୋଇ ପାରାଦ୍ୱୀପ ନିର୍ବାଚନ ମଣ୍ଡଳୀକୁ ସର୍ବାଙ୍ଗୀନ ବିକାଶ ଦିଗରେ ଆଗକୁ ନେବା ନିମନ୍ତେ କାର୍ଯ୍ୟ କରିବା, ସରକାରଙ୍କର ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ଏବଂ ସମାଜର ଶେଷ ଭାଗରେ ବାସ କରୁଥିବା ଲୋକର ବିକାଶ ନିମନ୍ତେ ସରକାର ସବୁବେଳେ ପ୍ରଚେଷ୍ଟା ଜାରି ରଖିବା, ପାରାଦ୍ୱୀପ ନିର୍ବାଚନ ମଣ୍ଡଳୀରେ ଚାଲୁ ରହିଥିବା ବିଭିନ୍ନ ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ମତ ରଖିଥିଲେ। ସେବା, ସୁଶାସନ ଓ ଗରିବ କଲ୍ୟାଣ ନିମନ୍ତେ ଡବଲ ଇଞ୍ଜିନ ସରକାର ସବୁବେଳେ ସମର୍ପିତୟ ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଜୀଙ୍କ ମାର୍ଗଦର୍ଶନ ଏବଂ ଲୋକଙ୍କ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱରେ ଲୋକଙ୍କ ସରକାର ସବକା ସାଥ, ସବକା ବିକାଶ ମନ୍ତ୍ରକୁ ପାଥେ। କରି ଗତ ଏକ ବର୍ଷ ମଧ୍ୟରେ କୃଷକ, ମହିଳା, ଜନଜାତି, ଯୁବଶକ୍ତି, ଭିନ୍ନକ୍ଷମ, ଗରିବ, ପଛୁଆବର୍ଗ, ଦଳିତ ଆଦି ସମସ୍ତ ବର୍ଗର ଜନସାଧାରଣଙ୍କର ସର୍ବାଙ୍ଗୀନ ଉନ୍ନତି ପାଇଁ କାର୍ଯ୍ୟ କରିବା ସହ ଓଡ଼ିଆ ଅସ୍ମିତାର ସୁରକ୍ଷା କରିପାରିଛନ୍ତି । ଗତ ଏକ ବର୍ଷ ମଧ୍ୟରେ ଓଡ଼ିଶା ସେବା, ସୁଶାସନ ଓ ବିକାଶ କ୍ଷେତ୍ରରେ ଏକ ନୂଆ ମାନଦଣ୍ଡ ସ୍ଥାପନ କରିଛି । ରାଜ୍ୟବାସୀଙ୍କୁ ଦେଇଥିବା ପ୍ରତିଶ୍ରୁତି ଗୁଡ଼ିକୁ ବାସ୍ତବତାରେ ପରିଣତ ହୋଇପାରିଛି ।୨୦୩୬ ମସିହା ସୁଦ୍ଧା ଓଡିଶାକୁ ଏକ ସମୃଦ୍ଧ ରାଜ୍ୟରେ ପରିଣତ କରିବା ଏବଂ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ କରିବା ପାଇଁ ଲୋକ ଙ୍କ ସରକାର ଦୃଢ଼ ସଂକଳ୍ପ ନେଇଛନ୍ତି । ଏହି ମିଶ୍ରଣ ପର୍ବରେ ଶତାଧିକ ଲୋକଙ୍କ ସହିତ ଜନ ପ୍ରତିନିଧି, ସମାଜସେବୀ, ଯୁବ ବର୍ଗ, ମହିଳା, ବୃଦ୍ଧିଜୀବିମାନେ ଉପସ୍ଥିତ ଥିଲେ। ଏହି ମିଶ୍ରଣ ପର୍ବରେ ବିଜେପି ପାରାଦୀପ ନଗର ସଭାପତି ତଥା ପାରିଷଦ ସୁବ୍ରତ ପ୍ରଧାନ,ମନ୍ତ୍ରୀଙ୍କ ସ୍ଥାନୀୟ ପ୍ରତିନିଧି ସର୍ବେଶ୍ୱର ବଳିୟାରସିଂ,ବିଜେପି ନେତା ତପନ କୁମାର ତ୍ରିପାଠୀ, ରଞ୍ଜନ ବେହେରା, ବଜରଙ୍ଗ ପ୍ରସାଦ ସ୍ୱାଇଁ, ଦିଲ୍ଲୀପ କିଶୋର ବେହେରା, ଦିଲ୍ଲୀପ ବଳିୟାରସିଂ, ଅର୍ଜିଲ ଶିବା, ଜିତେନ୍ଦ୍ର ସାହୁ, ସର୍ବେଶ୍ୱର ଜେନା, ବିଷ୍ଣୁପ୍ରିୟା ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।

## ବାରମ୍ବାର ଅଭିଯୋଗ ହେବା ପରେ ଗ୍ୟାସ କଳା ବଜାରୀ ଉପରେ ଚଢ଼ାଉ କରିଛି ଯୋଗାଣ ବିଭାଗ



ଉମରକୋଟ (ମହାଭାରତ) କଳାବଜାରୀ ଓ ସଙ୍କଟ କୁ ନେଇ ଉମରକୋଟ ରେ ବାରମ୍ବାର ଅଭିଯୋଗ ହେଇଆସୁଥିବା ବେଳେ ଆଜି ଜିଲ୍ଲା ପ୍ରଶାସନ ପୋଲିସ ଏକ ସ୍ୱତନ୍ତ୍ର ମିଳିତ ଟିମ କରି ଅଚାନକ ଚଢ଼ାଉ କରିଛି। ଯେଉଁଥିରେ ୩୮ଟି ଖାଲି ହାଣ୍ଡି ଜବତ କରିଥୁବା ବେଳେ ସନ୍ତୋଷୀ ନଗର ର ଜଣେ ବ୍ୟକ୍ତି ଙ୍କ ଘରୁ ଗ୍ୟାସ ଥିବା ସୂଚନା ପାଇ ଘରକୁ ପୋଲିସ ତାଲା ମାରିଥିବା ବେଳେ ଆସନ୍ତା କାଲି ଗଣତି କରି କେତେ ହାଣ୍ଡି ରହିଛି ତାହା ସ୍ପଷ୍ଟ କରିବ ବୋଲି ସୂଚନା ଦେଇଛି। ସେହିପରି ଚଢ଼ାଉ ମଧ୍ୟରେ ଦୀପକ ଶର୍ମା ନାମକ ଗ୍ୟାସ ବେପାରୀ ପୁରୁଣା ବସ ଷ୍ଟାଣ୍ଡ ସ୍ଥିତ ଶୌଚାଳୟ ରେ ପା□ ଟି ଖାଲି ହାଣ୍ଡି ରଖିଥିବା ବେଳେ ପୋଲିସ ଓ ଯୋଗାଣ ବିଭାଗ ଜବତ କରିଥିଲା.ଆଶ୍ଚର୍ଯ୍ୟ ର କଥା ବସ ଷ୍ଟାଣ୍ଡ ପରି ଜନ ଗହଳି ସ୍ଥାନରେ କିପରି ବେପାରୁଆ ଗ୍ୟାସ ହାଣ୍ଡି ରଖୁଛନ୍ତି ବୋଲି ସାଧାରଣ ରେ ଚର୍ଚ୍ଚା ଜୋର ଧରିଥିଲା ।ସେହିପରି ଝରୀଗାଁ ରୋଡ ର ମନୋଜ ଅଗ୍ରୱାଲ ଙ୍କ ପାଖରୁ ୩୩ଟି ଖାଲି ହାଣ୍ଡି ଜବତ କରା ଯାଇଥିଲା। ହେଲେ ମନୋଜ ଏହା ତାଙ୍କର ବ୍ୟକ୍ତି ଗତ ନୁହେଁ ବରଂ ଲୋକ ଙ୍କ ଖାତା ର ଥିବା ଗ୍ୟାସ ବୋଲି ସଫେଇ ଦେଇଥିଲେ ମଧ୍ୟ ବିଭାଗ ହାଣ୍ଡି ଗୁଡିକ ଜବତ କରି ଘର କୁ ତାଲା ପକେଇ ଥିବା ଦେଖୁବାକୁ ମିଳିଛି ।ଅନ୍ୟପଟେ ନୂଆ ବସ ଷ୍ଟାଣ୍ଡ ରୁ ଉଠା ଦୋକାନୀ ଙ୍କ ପାଖରୁ କିଛି ଘରୋଇ ହାଣ୍ଡି ଜବତ କରି ଆଣିଥିଲା.ଏମିତି ଅଚାନକ ଚଢ଼ାଉ ରେ ଉମରକୋଟ ରେ କଳା ବଜ଼ାରୀ କରୁଥିବା ଲୋକ ଙ୍କ ମନରେ ଛାନିଆ ପଶିଥିବା ଜଣା ପଡିଛି ।ଆଜିର ଏହି ମିଳିତ ଚଢ଼ାଉ ରେ ଉପଜିଲ୍ଲାପାଳ ପ୍ରକାଶ ମିଶ୍ର, ଉପ ଆରକ୍ଷୀ ଅଧିକାରୀ ଆଦିତ୍ୟ ସେନ, ଏସ ଡ଼ି ପିଓ ଶୁଭେନ୍ଦୁ ଶବର, ତହସିଲଦାର ମଘବାନ ବାଗ,ଉମରକୋଟ ଆ ଆଇ ସି ବିପିନ କୁମାର ବାଘ, ଏ, ଏସ,ଆଇ ତପନ ମିଶ୍ର,ଯୋଗାଣ ଅଧିକାରୀ ସୁନୀଲ ଜେନା ଓ ସମସ୍ତ ଥାନା ଷ୍ଟାଫ ଏହି ଚଢ଼ାଉ ରେ ସାମିଲ ହେଇଥିଲେ।

## ପିଏମଶ୍ରୀ କିଶୋର ଚନ୍ଦ୍ର ନୋଡାଲ ବିଦ୍ୟାପୀଠରେ ବାର୍ଷିକ ଉତ୍ସବ

ଗଣିଆ, (ମହାଭାରତ):ନୟାଗଡ଼ ଜିଲ୍ଲା ଅନ୍ତର୍ଗତ ଗଣିଆ ପିଏମଶ୍ରୀ କିଶୋର ଚନ୍ଦ୍ର ନୋଡାଲ ବିଦ୍ୟାପୀଠର ବାର୍ଷିକ ଉତ୍ସବ ସୋମବାର ଦିନ ଆଡ଼ମ୍ବରରେ ପାଳିତ ହୋଇଥିଲା। ଆୟୋଜିତ ସମାରୋହରେ ମୁଖ୍ୟ ଅତିଥି ଭାବେ ମାନ୍ୟବର କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉତ୍ସବର ଶୁଭାରମ୍ଭ କରିଥିଲେ ।ଶିକ୍ଷା ହିଁ ଜଣେ ଶିଶୁର ପ୍ରକୃତ ସମ୍ପଦ ଏବଂ ପିଏମଶ୍ରୀ ଯୋଜନା ମାଧ୍ୟମରେ ବିଦ୍ୟାଳୟଗୁଡ଼ିକର ବିକାଶ ଛାତ୍ରଛାତ୍ରୀଙ୍କ ପାଇଁ ନୂତନ ସୁଯୋଗ ସୃଷ୍ଟି କରିଛି ବୋଲି ସାଂସଦ ବକ୍ତବ୍ୟ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଝୁନା ଜେନା, ପ୍ରଧାନୀ ବୃନ୍ଦାବନ ମହାପାତ୍ର, ଗଣିଆ ସରପଞ୍ଚ ଗିରିଧାରୀ ସେଠି, ସମିତି ସଭ୍ୟ ଫକିରମୋହନ ଡାକୁଆ,ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସମୀର କୁମାର ସାହୁ ଏବଂ ବିଦ୍ୟାଳୟ ର ପଞ୍ଚସଖା ଶିକ୍ଷା ସେତୁ ସଭାପତି ଦେବାନନ୍ଦ ମିଶ୍ର ଯୋଗଦେଇଥିଲେ।

## ଗୋ' ଶାଳା ପାଇଁ ପୌର ପରିଷଦର ଚିନ୍ତା

# ପଡ଼ିରହିଛି ୭୦ଲକ୍ଷ ଅନୁଦାନ, ମିଳୁନି ଜାଗା




ନୟାଗଡ, ( ମହାଭାରତ ) : ନୟାଗଡ଼ ସହରର ମୁଖ୍ୟ ରାସ୍ତାରେ କିମ୍ବା ଗଳିକନ୍ଦି ରେ ବୁଲୁଥିବା ଗାଈ ଗୋରୁ ମାନଙ୍କୁ କାବୁ କରି ରଖିବା ପାଇଁ ଗୋ' ଶାଳାର ଆବଶ୍ୟକତା ରହିଛି। ଏନେଇ ଅନେକ ଦିନ ପୂର୍ବରୁ ଜିଲ୍ଲା ପଶୁ ଚିକିତ୍ସା ବିଭାଗ ଓ ପୌର ପରିଷଦକୁ ଅନୁଦାନ ମଧ ପ୍ରଦାନ କରାଯାଇଛି। ଯେହେତୁ ପ୍ରକଳ୍ପ ନେଇ ପର୍ଯ୍ୟାପ୍ତ ଓ ଉପଯୁକ୍ତ ଜାଗା ମିଳିପାରୁ ନାହିଁ, ସେଥିପାଇଁ ଗୋ' ଶାଳା ଯୋଜନାକୁ ପୌର ପରିଷଦ କାର୍ଯ୍ୟକାରୀ କରିପାରୁ ନାହିଁ। ମିଳିଥିବା ସୂଚନା ମୁତାବକ, ଗୋ' ଶାଳା ପାଇଁ ୩ ଏକର କିମ୍ବା ଏହା ଠାରୁ ଊର୍ଦ୍ଧ୍ୱ ଜାଗା ଚିହ୍ନଟ କରାଗଲେ ଜିଲ୍ଲା ପଶୁ ଚିକିତ୍ସା ବିଭାଗ ପକ୍ଷରୁ ୫୧ ଲକ୍ଷ ପ୍ରଦାନ କରାଯିବ। ଏହାସହ ପୌର ପରିଷଦ ପକ୍ଷରୁ ମଧ ୧୯ ଲକ୍ଷ ପ୍ରଦାନ କରାଯିବ। ତେବେ ଏହା ଠାରୁ କମ୍ ଜାଗା ହେଲେ ଏତେ ପରିମାଣର ଅନୁଦାନ ମିଳିପାରିବ ନାହିଁ। ଫଳରେ ଗୋ' ଶାଳା ନିର୍ମାଣ ଦିଗରେ ନାନା ସମସ୍ୟା ସୃଷ୍ଟି ହେବ। ଏଣୁ ନୟାଗଡ଼ ସହରର ଉପକଣ୍ଠରେ ଏକ ବଡ଼ ଜାଗା ଖୋଜା ପଡ଼ିଥିଲା। ଅଧିକାଂଶ ଜାଗା ପାହାଡ଼ ପାଖାପାଖି କିମ୍ବା ଅସମତଳ ଅ□ଳରେ ମିଳିଥିଲା। ଉକ୍ତ ସ୍ଥାନରେ ଗୋ' ଶାଳା ନିର୍ମାଣ କରାଗଲେ, ସେଠାରେ ଗାଈ ଗୋରୁଙ୍କୁ ସ୍ଥାନାନ୍ତର କରିବା ମୁସ୍କିଲ। ଏହାସହ ପାହାଡ଼ ପାଖାପାଖି ଅଞ୍ଚଳରେ ପାଣିର ବହୁ ସମସ୍ୟା ଦେଖା ଦେବ ଏଣୁ ଏହି ଅଭିଯାନ ଥମିଯାଇଛି। ଏ ନେଇ ପୌର ନିର୍ବାହୀ ଅଧିକାରୀ ସ୍ନେହଲତା ଆଚାର୍ଯ୍ୟ କହିଛନ୍ତି, ଜାଗା ଚିହ୍ନଟ ହୋଇପାରୁ ନଥିବାରୁ ଗୋ' ଶାଳା ନିର୍ମାଣ ଯୋଜନା ବିଳମ୍ବିତ ହୋଇଛି। ବର୍ତ୍ତମାନ ପୁରୁଣା ସହର ଶ୍ମଶାନ ନିକଟରେ ଜାଗା ଚିହ୍ନଟ କରାଯାଇ ତହସିଲକୁ ଚିଠି ଲେଖାଯାଇଛି। ଗୋ' ଶାଳା ନିର୍ମାଣ ପାଇଁ ସରକାରଙ୍କ ସମସ୍ତ ନିର୍ଦ୍ଦେଶନାମା କୁ ଦୃଷ୍ଟିରେ ରଖି ନିଷ୍ପତ୍ତି ନିଆଯାଇଛି। ତହସିଲ ରୁ ଅନୁମତି ମିଳିବା ପରେ ପରବର୍ତ୍ତୀ ପ୍ରକ୍ରିୟା ଆରମ୍ଭ କରାଯିବ। ଏହାସହ ଗାଈ ଗୋରୁଙ୍କୁ ରାସ୍ତା ଉପରୁ ନଛାଡ଼ିବା ପାଇଁ ବିଭିନ୍ନ ପ୍ରକାର ସଚେତନତା କାର୍ଯ୍ୟକ୍ରମ କରାଯାଉଛି। ରାସ୍ତାରେ ବୁଲୁଥିବା ଗାଈ ଗୋରୁଙ୍କ ପାଇଁ ସଡ଼କ ଦୁର୍ଘଟଣା ଘଟୁଥିବାରୁ ସେମାନଙ୍କୁ ଧରି ଗୋ' ଶାଳାରେ ରଖାଯିବା ପାଇଁ ନିୟମ ରହିଛି। ନୟାଗଡ଼ ପୌର ପରିଷଦ ଅଧୀନରେ ଗୋଶାଳା ନଥିବାରୁ ରାସ୍ତାରୁ ଜବତ କରାଯାଉଥିବା ଗାଈ ଗୋରୁଙ୍କୁ ଖଣ୍ଡପଡ଼ା ସ୍ଥିତ ଏକ ଘରୋଇ ଗୋ' ଶାଳାରେ ରଖାଯାଉଛି। ଏହାକୁ ନେଇ ପୌର ପରିଷଦ ବହୁ ସମୟରେ ହରଡ଼ଘଣାରେ ପଡ଼ିଛି କିଛି ଦିନ ପୂର୍ବରୁ ଜବତ କରାଯାଇଥିବା ଏକ ଗାଈକୁ ଛାଡ଼ିବା ପାଇଁ ଜଣେ ବ୍ୟକ୍ତି ସ୍ଥାନୀୟ ଜନ ପ୍ରତିନିଧି ଙ୍କ ଠାରୁ ଆରମ୍ଭ କରି ଜିଲ୍ଲାପାଳଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ଭେଟି ପୌର ପରିଷଦ ବିରୋଧରେ ଅଭିଯୋଗ କରିଥିଲେ। ଏହି ଘଟଣା ପରେ ପୌର ପରିଷଦ ରାସ୍ତାରେ ଖୁଲମଖୁଲା ବୁଲିଥିବା ଗୋରୁ ମାନଙ୍କୁ ଆଉ ଉଠାଇ ନେଇ ଗୋ' ଶାଳା ରେ ରଖୁ ନାହିଁ। ଏଣୁ ନୟାଗଡ଼ରେ ସରକାରୀ ଗୋଶାଳା ନିର୍ମାଣ କରାଯିବା ପରେ ସମସ୍ତ ସମସ୍ୟାର ସମାଧାନ ହୋଇପାରିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

# ଇରାନ ଉପରେ ଆମେରିକାର ଭୟଙ୍କର ଆକ୍ରମଣ




ଆମେରିକା : ଇରାନ ଉପରେ ଆମେରିକାର ଭୟଙ୍କର ଆକ୍ରମଣ । ବଙ୍କର-ବଷ୍ଟର ବୋମା ମାଡ଼େର ଥରିଲା ଇସଫାହାନ । ଭୟଙ୍କର ବିସ୍ଫୋରଣର ଭିଡିଓ ସେୟାର କଲେ ଟ୍ରମ୍ପ୍ । ୯୦୦ କିଲୋର ବୋମାମାଡ଼େର ଜଳିଉଠିଲା ଆକାଶ । ସୋମବାର ବିଳମ୍ବିତ ରାତିରେ ଆମେରିକା ପକ୍ଷରୁ ଇରାନର ଇସଫାହାନ ସହରରେ ଥିବା ଏକ ବଡ଼ ଅସ୍ତ୍ରଶସ୍ତ୍ର ଠିକଣା ଉପରେ ଶକ୍ତିଶାଳୀ ଆକ୍ରମଣ କରାଯାଇଛି । ଏଥିରେ ପ୍ରାୟ ୯୦୦ରୁ ୧୦୦୦ କିଲୋ ଓଜନର "ବଙ୍କର-ବଷ୍ଟର" ବୋମା ବ୍ୟବହାର କରାଯାଇଛି । ଯାହା ମାଟି ତଳେ ଥିବା ଶକ୍ତିଶାଳୀ କଂକ୍ରିଟ୍ ଘରକୁ ମଧ୍ୟ ଧ୍ୱଂସ କରିଦେଇପାରେ । ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିଜର ସୋସିଆଲ ମିଡିଆ ପ୍ଲାଟଫର୍ମ 'ଟ୍ରୁଥ୍ ସୋସିଆଲ'ରେ ଏହି ବିସ୍ଫୋରଣର ଏକ ଭିଡିଓ ସେୟାର କରିଛନ୍ତି । ଭିଡିଓରେ ଦେଖିବାକୁ ମିଳିଛି ଯେ, ବଡ଼ ବଡ଼ ବିସ୍ଫୋରଣ ଘଟି ପୂରା ଆକାଶ ନିଆଁର ପେଣ୍ଡୁ ଭଳି ଲାଲ୍ ହୋଇଯାଉଛି ଏବଂ କଳା ଧୂଆଁ ଦେଖାଯାଉଛି । ୨୩ ଲକ୍ଷ ଜନସଂଖ୍ୟା ବିଶିଷ୍ଟ ଇସଫାହାନ ସହରର ଲୋକମାନେ ଏହି ବିସ୍ଫୋରଣରେ ଭୟଭୀତ ହୋଇପଡ଼ିଛନ୍ତି । ଆମେରିକା ଅଧିକାରୀଙ୍କ ଅନୁଯାୟୀ, ସେଠାରେ ମାଟି ତଳେ ଇରାନର ବହୁତ ବଡ଼ ମିସାଇଲ୍ ଏବଂ ଅସ୍ତ୍ରଶସ୍ତ୍ର ସାଇତି ରଖାଯାଇଥିଲା । ଟ୍ରମ୍ପ ବାରମ୍ବାର ଚେତାବନୀ ଦେଇଛନ୍ତି ଯେ, ଯଦି ଇରାନ ସମସ୍ତ ସର୍ତ୍ତ ମାନି ଆଲୋଚନାକୁ ନ ଆସେ, ତେବେ ସେମାନଙ୍କର ତୈଳ ରପ୍ତାନି କେନ୍ଦ୍ର ଏବଂ ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ର ଗୁଡ଼ିକ ଉପରେ ଆଗକୁ ଆହୁରି ବଡ଼ ଆକ୍ରମଣ କରାଯିବ । ବର୍ତ୍ତମାନ ସୁଦ୍ଧା ଇରାନ ପକ୍ଷରୁ ଏହି ଘଟଣାରେ କେତେ ଜଣଙ୍କର ମୃତ୍ୟୁ ହୋଇଛି, ସେ ନେଇ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ ।

# ପ୍ରେମିକ ସହ ମିଶି ସ୍ୱାମୀଙ୍କୁ ମାରିଲେ, ଦୁଇ ଛୁଆଙ୍କ ଧରି ଶବ ସହ ରାତି କାଟିଲେ




ଉତ୍ତର ପ୍ରଦେଶ : ପ୍ରେମ ମଣିଷକୁ କିଛି ବି କରାଇ ଦେଇପାରେ । ପ୍ରେମ ପାଇଁ ସ୍ୱାମୀଙ୍କୁ ମାରିବାକୁ ମଧ୍ୟ ଅନେକ ପଛାଉ ନାହାନ୍ତି । ଏବେ ପୁଣି ସେମିତି ଏକ ଘଟଣାର ପୁନରାବୃତ୍ତି ଘଟିଛି । ପ୍ରେମ ପାଇଁ ଜଣେ ମହିଳା ନିଜ ସ୍ୱାମୀଙ୍କୁ ଅତ୍ୟନ୍ତ ନିର୍ମମ ଭାବେ ହତ୍ୟା କରିଛନ୍ତି । ସ୍ୱାମୀଙ୍କୁ ମାରି ରାତି ସାରା ଦୁଇ ପିଲାଙ୍କୁ ଧରି ସେ ଶବ ନିକଟରେ ହିଁ ଶୋଇ ରହିଥିଲେ । ହତ୍ୟାକୁ ଲୁଟର ରୂପ ଦେବାକୁ ମଧ୍ୟ ପଛାଇ ନଥିଲେ । ହେଲେ ମହିଳାଙ୍କ ଖେଳ ଏବେ ପର୍ଦ୍ଦାଫାସ ହୋଇ ଯାଇଛି । ପୁଲିସ୍ ହତ୍ୟା ଉପରୁ ପରଦା ହଟାଇ ମହିଳା, ତାଙ୍କ ପ୍ରେମିକ ଓ ପ୍ରେମିକଙ୍କ ଜଣେ ସାଙ୍ଗଙ୍କୁ ଗିରଫ କରିଛି । ଉତ୍ତର ପ୍ରଦେଶର ଅମରୋହା ଅଞ୍ଚଳରୁ ଏପରି ଏକ ଘଟଣା ସାମ୍ନାକୁ ଆସିଛି । ମୃତକ ଜଣଙ୍କ ହେଲେ ମେହରାଜ । ଅମରୋହାର ପିପଲାକୋଟି କାଲା ଗାଁରେ ତାଙ୍କର ଗୋଟିଏ ପଥର ଖାଦାନ ଓ ଘର ରହିଛି । ତାଙ୍କ ପତ୍ନୀ ହେଉଛନ୍ତି ରୁହି । ସେମାନଙ୍କର ୨ ଜଣ ପିଲା ରହିଛନ୍ତି । ୨ ପିଲାଙ୍କ ମା' ହେବା ସତ୍ତ୍ୱେ ରୁହି ପରକୀୟା ପ୍ରୀତିରେ ମାତିଥିଲେ । ସେ ନିଜ ଭଉଣୀଙ୍କ ଦିଅର ଫରମାନଙ୍କ ସହ ରଖିଥିଲେ ଅନୈତିକ ସମ୍ପର୍କ । ଦୁଇ ଜଣ ଏମିତି ପ୍ରେମ କରୁଥିଲେ ଯେ ରୁହି ସ୍ୱାମୀଙ୍କୁ ଛାଡ଼ି ଫରହାନଙ୍କ ସହ ରହିବାକୁ ଚାହୁଁଥିଲେ । ରୁହି ଓ ଫରମାନଙ୍କ ଅନୈତିକ ସମ୍ପର୍କରେ ବିଷୟରେ ମେହରାଜ ଜାଣିବା ପରେ ଜୋରଦାର ବିରୋଧ କରିଥିଲେ ।

ବିରୋଧ ଯୋଗୁ ରୁହି ଆଉ ଠିକ ଭାବେ ଫରମାନଙ୍କ ସହ ମିଶି ପାରି ନଥିଲେ । ତେଣୁ ସେ ନିଜ ରାସ୍ତାରୁ ମେହରାଜଙ୍କୁ ହଟାଇ ଦେବାକୁ ନିଷ୍ପତ୍ତି ନେଇଥିଲେ । ଯୋଜନା ଅନୁସାରେ ସେ ପ୍ରଥମେ ମେହରାଜଙ୍କ ରାତି ଖାଇବାରେ ନିଶା ମିଶାଇ ଦେଇଥିଲେ । ଏହାକୁ ଖାଇ ମେହରାଜ ଅଚିନ୍ତା ନିଜରେ ଶୋଇ ପଡ଼ିଥିଲେ । ଏହାର ସୁଯୋଗ ନେଇ ରୁହି ନିଜ ପ୍ରେମିକ ଫରମାନ ଓ ତାଙ୍କର ଜଣେ ବନ୍ଧୁ ଆଦନାନଙ୍କୁ ଡାକିଥିଲେ । ସେମାନେ ମେହରାଜଙ୍କ ହାତ ଓ ଗୋଡ଼କୁ ଦଉଡ଼ିରେ ବାନ୍ଧି ଦେଇଥିଲେ । ଏହାପରେ ୩ ଜଣ ଯାକ ମିଶି ଗୋଟିଏ ଧାରୁଆ ଛୁରୀରେ ତାଙ୍କ ତଣ୍ଟି କାଟି ମାରି ଦେଇଥିଲେ । ଏପରି ଏକ ଭୟଙ୍କର ଘଟଣାରେ ରୁହି ଆଦୌ ବିଚଳିତ ହୋଇ ନଥିଲେ । ସେ ଦୁଇ ଛୁଆଙ୍କୁ ଧରି ସ୍ୱାମୀଙ୍କ ଶବ ନିକଟରେ ଶୋଇ ରହିଥିଲେ । ସକାଳୁ ମେହରାଜଙ୍କ ବାପା ଘରକୁ ଆସିବା ପରେ ପୁଅକୁ ବାରଣ୍ଡାରେ ଥିବା ଖଟିଆରେ ପୁଅର ମୃତଦେହ ରହିଥିବା ଦେଖିବାକୁ ପାଇଥିଲେ । ସେତେବେଳେ ମଧ୍ୟ ତାଙ୍କ ହାତ ଓ ଗୋଡ଼ ବନ୍ଧା ହୋଇ ରହିଥିଲା ।

ନିଜକୁ ବଞ୍ଚାଇବା ପାଇଁ ରୁହି ଲୁଟର ନାଟକ କରିଥିଲେ । ଚୋରମାନେ ତାଙ୍କୁ ମାଡ଼ ମାରି ଲୁଟ କରିବା ସହ ମେହରାଜଙ୍କ ଏପରି ଅବସ୍ଥା କରିଥିବା ସେ କହିଥିଲେ । କିନ୍ତୁ ମେହରାଜଙ୍କ ବାପା ଏଥିରେ ସନ୍ଦେହ କରିଥିଲେ । ସେ ରୁହଙ୍କ ଉପରେ ସନ୍ଦେହ କରୁଥିବା ପୁଲିସ୍‌କୁ କହିଥିଲେ । ପୁଲିସ୍ ତାଙ୍କୁ ହେପାଜତକୁ ନେଇ ଜେରା ଆରମ୍ଭ କରିଥିଲା । ବାସ୍ ଜେରା ବେଳେ ରୁହି ସବୁ ସତ ମାନି ଯାଇଛନ୍ତି । ପୁଲିସ୍ ୩ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ୨ଟି ଛୁରୀ ଓ ୨ଟି ମୋବାଇଲ ଜବତ କରିଛି । ଏବେ ୩ ଜଣ ଯାକ ଜେଲରେ ଥିବା ବେଳେ ପୁଲିସ୍ ଘଟଣାର ଅଧିକ ତଦନ୍ତ କରୁଛି ।

# ଇରାନର ଯୁଦ୍ଧାସ୍ତ୍ର ଡିପୋରେ ୯୦୦ କେଜି ବଙ୍କର ବିଧ୍ୱଂସକାରୀ ବୋମା ମାଡ଼ କଲା ଆମେରିକା



ଇରାନ : ଇରାନ ବିରୋଧରେ ଆଉ ଗୋଟିଏ ବଡ଼ ଆକ୍ରମଣ କରିଛି ଆମେରିକା । ଆଜି ଭୋର ସମୟରେ ଆମେରିକା ଓ ଇସ୍ରାଏଲ ମିଳିତ ଭାବେ ଇରାନର ଇସଫାହାନ ସ୍ଥିତ ଯୁଦ୍ଧାସ୍ତ୍ର ଡିପୋରେ କରାଯାଇଛି ଏୟାର ଷ୍ଟ୍ରାଇକ । ଏଠାରେ ଥିବା ଇରାନର ପ୍ରମୁଖ ଯୁଦ୍ଧାସ୍ତ୍ର ଡିପୋ ଉପରେ ଆମେରିକା ମାଡ଼ କରିଛି ୯୦୦ କେଜି ଓଜନର ବଙ୍କର ବିଧ୍ୱଂସକାରୀ ବୋମା ।

ଏଥିଯୋଗୁ ପୂରା ଅଞ୍ଚଳରେ ଭୟଙ୍କର ବିସ୍ଫୋରଣ ହେବା ସହ ସବୁ କିଛି ମାଟିରେ ମିଶି ଯାଇଛି । ହମଲା ପରେ ହୋଇଥିବା ବିସ୍ଫୋରଣ ଓ ଅଗ୍ନିକାଣ୍ଡର ଭିଡିଓକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିଜେ ଶେୟାର କରିଛନ୍ତି । ସିରିଜ ବିସ୍ଫୋରଣ ପରେ କେମିତି ପୂରା ଆକାଶକୁ ନିଆଁ ପିଣ୍ଡୁଳା ଉଠୁଛି, ତା'କୁ ଦେଖିବାକୁ ମିଳୁଛି । ଟ୍ରମ୍ପ କେବଳ ଭିଡିଓ ଶେୟାର କରିଥିବା ବେଳେ ଆଉ କିଛି କହି ନାହାନ୍ତି । କିନ୍ତୁ ମିଡିଆ ରିପୋର୍ଟରେ ଦାବି କରାଯାଇଛି ଯେ ଆମେରିକା ଓ ଇସ୍ରାଏଲ ମିଳିତ ଭାବେ ଇସଫାହାନରେ ଥିବା ପ୍ରମୁଖ ଗୁଳିଗୋଳା ଡିପୋ ଉପରେ ହମଲା କରିଛନ୍ତି । ଏହା ଇରାନର ଅନ୍ୟତମ ପ୍ରମୁଖ ସହର । ଏଠାକାର ଜନସଂଖ୍ୟା ୨.୩ ମିଲିୟନ ଓ ଏହା ବାଦ୍ର ମିଲିଟାରୀ ଏୟାର ବେସ୍‌ର ଗଡ଼ ଭାବେ ମଧ୍ୟ ପରିଚିତ ।

ଦି ୱାଲ୍ ଷ୍ଟ୍ରିଟ୍ ଜର୍ଣ୍ଣାଲକୁ ଆମେରିକାର ଜଣେ ଅଧିକାରୀ କହିଛନ୍ତି ଯେ ଆମେରିକା ସେନା ବାହିନୀ ଇସଫାହାନର ଗୋଳାବାରୁଦ ଡିପୋକୁ ୨,୦୦୦ ପାଉଣ୍ଡ (ପ୍ରାୟ ୯୦୭ କେଜି) ଓଜନର ବଙ୍କର ବିଧ୍ୱଂସକାରୀ ବୋମା ଦ୍ୱାରା ଆକ୍ରମଣ କରିଛି । ଆକ୍ରମଣରେ ବଙ୍କର ବସ୍‌ଟର ବୋମା ବ୍ୟତୀତ ପିନିଟ୍ରେଟର ମ୍ୟୁନିସନ୍ ବ୍ୟବହାର କରାଯାଇଛି । ଆକ୍ରମଣରେ ଆମେରିକାକୁ ବେଶ ସଫଳତା ମିଳିଥିବା ଅଧିକାରୀ ଜଣଙ୍କ ଦାବି କରିଛନ୍ତି । ଯୁଦ୍ଧ ଦ୍ୱିତୀୟ ମାସରେ ପ୍ରବେଶ କରିଥିବା ବେଳେ ଏପରି ବଡ଼ ଆକ୍ରମଣ ମଧ୍ୟପ୍ରାଚ୍ୟରେ ଉତ୍ତେଜନାକୁ ଆହୁରି ତୀବ୍ର କରିଛି । ପାକିସ୍ତାନ, ଇଜିପ୍ଟ, ସାଉଦି ଆରବ ଓ ତୁର୍କୀ କୂଟନୀତିକ ଉପାୟରେ ଯୁଦ୍ଧ ବନ୍ଦ କରିବାକୁ ଚେଷ୍ଟା କରୁଥିବା ବେଳେ ଆମେରିକା ଓ ଇସ୍ରାଏଲ ମିଳିତ ଭାବେ ଇରାନର ଯୁଦ୍ଧାସ୍ତ୍ର ଡିପୋ ଉପରେ ହମଲା କରିଛନ୍ତି । ଗୋଟିଏ ରିପୋର୍ଟରେ ଦାବି କରାଯାଇଛି ଯେ ଇରାନ ପକ୍ଷରୁ କିଛି ଦିନ ତଳେ ପ୍ରାୟ ୫୪୦ କେଜିର ୟୁରାନିୟମକୁ ଇସଫାହାନରେ ଥିବା ଗୋଟିଏ ସୁରକ୍ଷିତ ବଙ୍କରକୁ ସ୍ଥାନାନ୍ତରିତ କରିଥିଲା । ଗତବର୍ଷ ଅପରେସନ୍ ମିଡନାଇଟ୍ ହାମର୍ ପରେ ଇରାନ ଏପରି ପଦକ୍ଷେପ ନେଇଥିଲା । ଏବେ ସମ୍ଭବତଃ ଏହାକୁ ଟାର୍ଗେଟ କରି ଆମେରିକା ଓ ଇସ୍ରାଏଲ ସେଠାରେ ବଙ୍କର ବିଧ୍ୱଂସସକାରୀ ବୋମା ମାଡ଼ କରିଛନ୍ତି । ଆକ୍ରମଣର ଖବରର ଗୋଟିଏ ଦିନ ପୂର୍ବରୁ ଟ୍ରମ୍ପ ଇରାନର ଶକ୍ତି ସମ୍ପଦ ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନ ଉପରେ ହମଲା କରିବାର ଧମକ ଦେଇଥିଲେ ।।

# ସ୍ତ୍ରୀଙ୍କୁ ୧୨୦ ଜଣ ପୁରୁଷଙ୍କୁ ବିକ୍ରି କରିଥିଲେ ସ୍ୱାମୀ ଅନଲାଇନ୍ ବିଜ୍ଞାପନରେ କରିଥିଲେ କାରବାର

ଷ୍ଟକହୋମ୍: ୟୁରୋପୀୟ ଦେଶ ସ୍ୱିଡେନ୍‌ରୁ ଏକ ଆଶ୍ଚର୍ଯ୍ୟଜନକ ଘଟଣା ସାମ୍ନାକୁ ଆସିଛି, ଯେଉଁଠାରେ ଜଣେ ସ୍ୱାମୀ ତାଙ୍କ ସ୍ତ୍ରୀଙ୍କୁ ନିର୍ଯାତନା ଦେବାର ଅଭିଯୋଗ ଆସିଛି । ପବ୍ଲିକ୍ ପ୍ରସିକ୍ୟୁସନ୍ ଅନୁଯାୟୀ, ଅଭିଯୁକ୍ତ ତାଙ୍କ ସ୍ତ୍ରୀଙ୍କୁ ଦୀର୍ଘ ଦିନ ଧରି ଯୌନ କାର୍ଯ୍ୟକଳାପ କରିବାକୁ ବାଧ କରିଥିଲେ । ୧୨୦ ପୁରୁଷଙ୍କ ସହିତ ସମ୍ପର୍କ ରଖିବାକୁ ସ୍ୱମୀ ବାଧ କରିଥିଲେ ।

ଏହି ଘଟଣା ସ୍ୱିଡେନରେ ଆଲୋଡ଼ନ ସୃଷ୍ଟି କରିଛି । ଏହି ମାମଲାକୁ ଫରାସୀ ମହିଳା ଗିସେଲ୍ ପେଲିକୋଟଙ୍କ ସହିତ ତୁଳନା କରାଯାଉଛି, ଯାହାଙ୍କ ସ୍ୱାମୀ ଡୋମିନିକ୍ ପେଲିକୋଟଙ୍କୁ ୨୦୨୪ ମସିହାରେ ୨୦ ବର୍ଷ ଜେଲଦଣ୍ଡାଦେଶ ହୋଇଥିଲା । ସେହି ମାମଲାରେ, ଅଭିଯୁକ୍ତ ତାଙ୍କ ସ୍ତ୍ରୀଙ୍କୁ ନିଶା ଦେଇ ଅନ୍ୟମାନଙ୍କ ସହିତ ଶାରୀରିକ ସମ୍ପର୍କ ରଖିବାକୁ ବାଧ କରୁଥିଲେ ।

ଏହି ସ୍ୱିଡିସ୍ ମାମଲାରେ, ମହିଳା ଜଣକ ୨୦୨୫ ଅକ୍ଟୋବରରେ ତାଙ୍କ




୬୨ ବର୍ଷୀୟ ସ୍ୱାମୀଙ୍କ ବିରୋଧରେ ଏକ ଅଭିଯୋଗ ଦାୟର କରିଥିଲେ । ପରେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା । ପବ୍ଲିକ ପ୍ରସିକ୍ୟୁଟରମାନେ ଅଭିଯୋଗ କରିଛନ୍ତି ଯେ ସେ ତାଙ୍କ ସ୍ତ୍ରୀଙ୍କୁ ବର୍ଷ ବର୍ଷ ଧରି ଏଭଳି କରିବାକୁ ବାଧ କରିଥିଲେ ଏବଂ ଅନ୍ୟମାନଙ୍କୁ ସ୍ତ୍ରୀଙ୍କର ବିବାହ ପ୍ରସ୍ତାବ ଦେଇ ଆର୍ଥିକ ଲାଭ ହାସଲ କରିଥିଲେ । ଅଭିଯୁକ୍ତଙ୍କ ବିରୋଧରେ ଅନଲାଇନରେ ବିଜ୍ଞାପନ ଦେବା , ଗ୍ରାହକଙ୍କ ସହିତ ଯୋଗାଯୋଗ କରିବା ଆଦି ବିଭିନ୍ନ ଅଭିଯୋଗ ରହିଛି । ତାଙ୍କ ବିରୋଧରେ ହିଂସା, ଧମକ ଏବଂ ମହିଳାଙ୍କ ନିଶା ଦେଇ ଶୋଷଣ କରିବାର ମଧ୍ୟ ଅଭିଯୋଗ ଅଛି । ପବ୍ଲିକ ପ୍ରସିକ୍ୟୁଟରର ଇଡା ଆନର୍ଷ୍ଟେଡ୍‌ଟଙ୍କ ଅନୁଯାୟୀ, ମହିଳା ଜଣକ ଏପରି କାର୍ଯ୍ୟକଳାପରେ ଲିପ୍ତ ହେବାକୁ ଇଚ୍ଛୁକ ଥିଲେ । ଯେତେବେଳେ ସେ ମନା କରିଥିଲେ, ସେତେବେଳେ ମଧ୍ୟ ତାଙ୍କ ଉପରେ ଚାପ ପକାଯାଇଥିଲା । ସ୍ୱିଡିସ୍ ଆଇନ ଅନୁଯାୟୀ, ଯୌନ ସେବା ଏକ ଅପରାଧ ।ଏହି ପ୍ରକ୍ରିୟାରେ ସହାୟତା କରିବା ବେଆଇନ । ଏହି ମାମଲାରେ ଅଭିଯୁକ୍ତଙ୍କ ବିରୋଧରେ ଗୁରୁତର ଅଭିଯୋଗ ଆସିଛି । ତେବେ ଅଭିଯୁକ୍ତ ସ୍ୱାମୀ ଏହାକୁ ଅସ୍ୱୀକାର କରିଛନ୍ତି । ଏହି ମାମଲାରେ ୧୨୦ ଜଣ ସନ୍ଦିଗ୍ଧ ଗ୍ରାହକଙ୍କୁ ଚିହ୍ନଟ କରାଯାଇଛି । ସେମାନଙ୍କ ମଧ୍ୟରୁ ୨୬ ଜଣଙ୍କ ବିରୋଧରେ ଯୌନ ସେବା କ୍ରୟ କରିବା ଅଭିଯୋଗ ଆସିଛି । ଅନ୍ୟମାନଙ୍କ ବିଷୟରେ ତଦନ୍ତ ଚାଲିଛି । ଏପ୍ରିଲ ୧୩ ରେ ଏହି ମାମଲାର ବିଚାର ଆରମ୍ଭ ହେବା ପାଇଁ ଧାର୍ଯ୍ୟ କରାଯାଇଛି ।

# ଆମେରିକା ଖୁବ୍ ଶୀଘ୍ର ନିଜ ଲକ୍ଷ୍ୟ ହାସଲ କରିବ୍, ଇରାନର ହର୍ମୁଜ୍ ଦଖଲକୁ ବରଦାସ୍ତ କରାଯିବ ନାହିଁ...



ୱାସିଂଟନ : ମଧ୍ୟପ୍ରାଚ୍ୟରେ ଚାଲିଥିବା ଉତ୍ତେଜନା ମଧ୍ୟରେ, ଆମେରିକାର ବୈଦେଶିକ ମନ୍ତ୍ରୀ ମାର୍କୋ ରୁବିଓ ସ୍ପଷ୍ଟ କରିଛନ୍ତି ଯେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନକୁ କେବେବି ହର୍ମୁଜ୍ ପ୍ରଣାଳୀର ସ୍ଥାୟୀ ନିୟନ୍ତ୍ରଣ ହାସଲ କରିବାକୁ କିମ୍ବା ସେଠାରେ ଟୋଲିଂ ସିଷ୍ଟମ ପରିଚାଳନା କରିବାକୁ ଦେବେ ନାହିଁ । ରୁବିଓ ଦାବି କରିଛନ୍ତି, ଆମେରିକା ଆଗାମୀ କିଛି ସପ୍ତାହ ମଧ୍ୟରେ ନିଜର ସାମରିକ ଏବଂ ରଣନୈତିକ ଲକ୍ଷ୍ୟ ହାସଲ କରିବ ।

ଏକ ନ୍ୟୁଜ୍ ଚ୍ୟାନେଲକୁ ସାକ୍ଷାତକାର ଦେଇ ରୁବିଓ କହିଛନ୍ତି, ଆମେରିକାର କାର୍ଯ୍ୟକଳାପ ଇରାନର ନୌସେନା ଏବଂ ପ୍ରତିରକ୍ଷା ଶିଳ୍ପ ଘାଟିକୁ ଗୁରୁତର ଭାବରେ କ୍ଷତିଗ୍ରସ୍ତ କରିଛି । ଆମେରିକା ଇରାନର କ୍ଷେପଣାସ୍ତ୍ର ଲଞ୍ଚର ଏବଂ ନୌସେନାକୁ ବଡ଼ ପରିମାଣରେ ନଷ୍ଟ କରୁଛି, ଯାହା ଫଳରେ ଇରାନ ଭବିଷ୍ୟତରେ ଡ୍ରୋନ୍ କିମ୍ବା କ୍ଷେପଣାସ୍ତ୍ର ବିକଶିତ କରିବାରେ ବାଧା ସୃଷ୍ଟି ହୋଇଛି । ହର୍ମୁଜ୍ ସାମୁଦ୍ରିକ ପଥକୁ କବଜା କରିବା ପାଇଁ ଇରାନର ଧମକ ସମ୍ପର୍କରେ ରୁବିଓ କହିଛନ୍ତି, ଏହାକୁ ଅନୁମତି ଦିଆଯିବ ନାହିଁ । ଏହାକୁ ରୋକିବା ପାଇଁ ରାଷ୍ଟ୍ରପତିଙ୍କ ପାଖରେ ଅନେକ ବିକଳ୍ପ ଅଛି । ସେ ଆତ୍ମବିଶ୍ୱାସ ପ୍ରକାଶ କରି କହିଛନ୍ତି, ଆମେରିକା ମାସ ନୁହେଁ, ମାତ୍ର କିଛି ସପ୍ତାହ ମଧ୍ୟରେ ନିଜ ଲକ୍ଷ୍ୟ ହାସଲ କରିବ ।

ଯଦି ଇରାନକୁ ଆଗାମୀ ଦୁଇ ବର୍ଷ ପାଇଁ ନିଜର ସାମରିକ ଶକ୍ତି ବୃଦ୍ଧି କରିବାକୁ ଅନୁମତି ଦିଆଯାଇଥାନ୍ତା, ତେବେ ବିଶ୍ୱ ପାଇଁ ଏକ ଅଗ୍ରାହ୍ୟ ବିପଦ ସୃଷ୍ଟି ହୋଇଥାନ୍ତା । ଏହାର ସମାଧାନ କରାଯିବାର ଆବଶ୍ୟକତା ଥିଲା । ରାଷ୍ଟ୍ରପତି ଟ୍ରମ୍ପ ଏହାର ସମାଧାନ କରୁଛନ୍ତି ।

ରୁବିଓ ଇରାନୀ ଜନତାଙ୍କୁ ପ୍ରଶଂସା କରି ନେତୃତ୍ୱକୁ ସମସ୍ୟା ବୋଲି କହିଛନ୍ତି । ଇରାନୀ ଲୋକମାନେ ଚମତ୍କାର । ସମସ୍ୟା ହେଉଛନ୍ତି ସେମାନଙ୍କର ନେତା । ଯଦି ନୂତନ ଲୋକମାନେ ଭବିଷ୍ୟତ ପାଇଁ ଅଧିକ ଯୁକ୍ତିଯୁକ୍ତ ଦୃଷ୍ଟିକୋଣ ସହିତ ଏବେ କ୍ଷମତା ଗ୍ରହଣ କରନ୍ତି, ତେବେ ତାହା ସମଗ୍ର ବିଶ୍ୱ ପାଇଁ ଭଲ ଖବର ହେବ । କିନ୍ତୁ ଆମକୁ ବିପରୀତ ସ୍ଥିତି ପାଇଁ ମଧ୍ୟ ପ୍ରସ୍ତୁତ ରହିବାକୁ ପଡିବ ବୋଲି ସେ କହିଛନ୍ତି ।

## ଟ୍ରମ୍ପଙ୍କ ବିମାନ ନିକଟରେ ହଙ୍ଗାମା

ନୂଆଦିଲ୍ଲୀ: ଟ୍ରମ୍ପଙ୍କ ବିମାନ ନିକଟରେ ହଙ୍ଗାମା, ଡ୍ରୋନ୍ ନା ଆଉ କିଛି ? ଫ୍ଲୋରିଡାର ପାମ୍ ବିଚ୍ ଆନ୍ତର୍ଜାତୀୟ ବିମାନବନ୍ଦରରେ ବଡ଼ ଧରଣର ସୁରକ୍ଷା ଆଲର୍ଟ ଜାରି । ସେହି ସମୟରେ ରାଷ୍ଟ୍ରପତି ଟ୍ରମ୍ପଙ୍କ 'ଏୟାର ଫୋର୍ସ ୱାନ' ବିମାନ ସେଠାରେ ପାର୍କିଂ ହୋଇ ରହିଥିଲା । ପ୍ରଥମେ ନିଷିଦ୍ଧ ଆକାଶ ମାର୍ଗରେ ଗୋଟିଏ 'ଡ୍ରୋନ୍' ପ୍ରବେଶ କରିଥିବାର ଖବର ଆସିଥିଲା । ପରେ ସଙ୍ଗେ ସଙ୍ଗେ ସମସ୍ତ ବିମାନ ଚଳାଚଳ ବନ୍ଦ କରିଦିଆଗଲା । ସୁରକ୍ଷା ପାଇଁ ହେଲିକପ୍ଟର ଓ ଏଫ-୧୬ ଫାଇଟର ଜେଟ୍ ଆକାଶକୁ ପଠାଗଲା । ଅଜଣା ବିମାନକୁ ଚେତାବନୀ ଦେବା ପାଇଁ ଫାଇଟର ଜେଟ୍ ରୁ ବାୟୁମଣ୍ଡଳକୁ ଗୁଳି ଛଡ଼ାଯାଇଥିଲା । ତଦନ୍ତ ପରେ ଜଣାପଡ଼ିଲା ଏହା କୌଣସି ଡ୍ରୋନ୍ ନଥିଲା । ଏକ ଛୋଟ ନାଗରିକ ବିମାନ ଭୁଲ୍ ବଶତଃ ସେହି ନିଷିଦ୍ଧ ଅଞ୍ଚଳ ଭିତରକୁ ପଶି ଆସିଥିଲା । ଏଫ-୧୬ ଜେଟ୍ ଗୁଡ଼ିକ ସେହି ବିମାନକୁ ଅଟକାଇ ସୁରକ୍ଷିତ ଭାବେ ବାହାରକୁ ବାହାର କରି ଆଣିଥିଲେ । ଘଟଣା ବେଳେ ଟ୍ରମ୍ପ ନିଜର ଗଲ୍ଫ କ୍ଲବରେ ଥିଲେ । ସେ ସମ୍ପୂର୍ଣ୍ଣ ସୁରକ୍ଷିତ ଅଛନ୍ତି ଓ ତାଙ୍କ ପ୍ରତି କୌଣସି ବିପଦ ନଥିବା କଥା ଆମେରିକା ସିକ୍ରେଟ୍ ସର୍ଭିସ୍ ସ୍ପଷ୍ଟ କରିଛି । ଘଟଣା ପରେ ରାଷ୍ଟ୍ରପତିଙ୍କ ସୁରକ୍ଷା ଓ ଆକାଶ ମାର୍ଗର ସୁରକ୍ଷା ବ୍ୟବସ୍ଥାକୁ ନେଇ ପୁଣି ଚର୍ଚ୍ଚା ଆରମ୍ଭ ହୋଇଛି ।

# ହର୍ମୁଜ ଟୋଲ ପ୍ଲାନକୁ ଇରାନର ଅନୁମୋଦନ, ଆମେରିକା-ଇସ୍ରାଏଲ ଜାହାଜ ବ୍ୟାନ୍



ହର୍ମୁଜ : ବିଶ୍ୱର ପ୍ରମୁଖ ବାଣିଜ୍ୟକ ଜଳମାର୍ଗ ଷ୍ଟ୍ରେଟ ଅଫ ହର୍ମୁଜ ଉପରେ ନିଜର ନିୟନ୍ତ୍ରଣକୁ ଆହୁରି ମଜବୁତ କରିବା ପାଇଁ ବଡ଼ ପଦକ୍ଷେପ ନେଇଛି ଇରାନ । ପଶ୍ଚିମ ଏସିଆ ଯୁଦ୍ଧ ମଧ୍ୟରେ ଇରାନର ସଂସଦୀୟ ସୁରକ୍ଷା କମିଟି ହର୍ମୁଜ ପାଇଁ ନୂଆ ପରିଚାଳନା ଯୋଜନା ଉପରେ ମୋହର ଲଗାଇଛି । ଏଣିକି ଇରାନ ସରକାର ହର୍ମୁଜ ଅତିକ୍ରମ କରୁଥିବା ମାଲ ବୋଝେଇ ଜାହାଜଗୁଡ଼ିକ ଉପରେ ଟୋଲ ଫି' ଲଗାଇ ପାରିବ । ସେହିପରି ନୂଆ ଯୋଜନାରେ ଆମେରିକା ଓ ଇସ୍ରାଏଲର ସମସ୍ତ ଜାହାଜ ଉପରେ ସବୁଦିନ ପାଇଁ ବ୍ୟାନ ଲଗା ଯାଇଛି । ଅର୍ଥାତ ଆମେରିକା କିମ୍ବା ଇସ୍ରାଏଲର କୌଣସି ଜାହାଜ ହର୍ମୁଜ ପ୍ରଣାଳୀ ଅତିକ୍ରମ କରିପାରିବେ ନାହିଁ । ଜାତୀୟ ସୁରକ୍ଷା କମିଶନରେ ଥିବା ଜଣେ ସଦସ୍ୟ ବିଧିବଦ୍ଧ ଭାବେ ନୂଆ ଯୋଜନା ସମ୍ପର୍କରେ ଘୋଷଣା କରିଛନ୍ତି । ନୂଆ ଯୋଜନାରେ ହର୍ମୁଜ ପ୍ରଣାଳୀରେ ଉନ୍ନତ ସୁରକ୍ଷା ବ୍ୟବସ୍ଥା, ଜାହାଜ ସୁରକ୍ଷା ପ୍ରୋଟୋକଲ୍, ପରିବେଶ ସୁରକ୍ଷା ଉପାୟ ଓ ଗୋଟିଏ ଟୋଲ୍ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବାକୁ ଅନୁମତି ମିଳିଛି । ଆମେରିକା ଓ ଇସ୍ରାଏଲ ଜାହାଜ ବ୍ୟତୀତ ଏହି ନୂତନ ଯୋଜନାରେ ଇରାନ ଉପରେ ଏକପାଖିଆ କଟକଣା ଲଗାଇଥିବା ସମସ୍ତ ଦେଶର ଜାହାଜଗୁଡ଼ିକୁ ମଧ୍ୟ ହର୍ମୁଜ୍ ପ୍ରଣାଳୀ ଦେଇ ଯାତାୟାତ କରିବାରୁ ଅନୁମତି ମିଳିବ ନାହିଁ । ହର୍ମୁଜ୍ ପ୍ରଣାଳୀ ଉପରେ ଇରାନର ସାର୍ବଭୌମ ନିୟନ୍ତ୍ରଣକୁ ଏହି ନୂଆ ଯୋଜନା ଆହୁରି ମଜବୁତ କରିଛି । ଏହାବାଦ ଓମାନ ସହିତ ଏହି ଜଳପଥ ପାଇଁ ଗୋଟିଏ ଆଇନଗତ କାର୍ଯ୍ୟକ୍ରମ ପ୍ରତିଷ୍ଠା କରିବାକୁ ମଧ୍ୟ ଇରାନ ଲକ୍ଷ୍ୟ ରଖିଛି ।

ଆମେରିକା ଓ ଇସ୍ରାଏଲର ମିଳିତ ସାମରିକ କାର୍ଯ୍ୟାନୁଷ୍ଠାନର କିଛି ଦିନ ପରେ ଇରାନ ଓଜଏଉର ଜଣେ ବରିଷ୍ଠ ଅଧିକାରୀ ହର୍ମୁଜ୍ ପ୍ରଣାଳୀର ଆଂଶିକ ବନ୍ଦ ଘୋଷଣା କରିଥିଲେ ।ଏହି ବନ୍ଦ ବିଶ୍ୱବ୍ୟାପୀ ଶକ୍ତି ସଙ୍କଟକୁ ଜନ୍ମ ଦେଇଥିଲା । କାରଣ ଏହି ଜଳପଥ ବିଶ୍ୱର ସବୁଠାରୁ ବ୍ୟସ୍ତ ତୈଳ ପରିବହନ ମାର୍ଗ ମଧ୍ୟରୁ ଅନ୍ୟତମ । ହର୍ମୁଜରେ ଯାତାୟାତ ସ୍ୱାଭାବିକ ହୋଇ ନଥିବାରୁ ଭାରତରେ ମଧ୍ୟ ଏଲପିଜି ଯୋଗାଣରେ ବ୍ୟାଘାତ ସୃଷ୍ଟି ହୋଇଛି । ଭାରତ ତା'ର ମୋଟ୍ ଖଚଏ ଆମଦାନୀର ପ୍ରାୟ ୯୦% ଏହି ପ୍ରଣାଳୀ ଦେଇ କରେ । ଭାରତରେ ସଙ୍କଟ ଦେଖା ଯିବାରୁ ଯୁଦ୍ଧ ଭିତରେ ମଧ୍ୟ ଇରାନ ନିଜର ବଡ଼ପଣ ଦେଖାଇଥିଲା । ଭାରତର ପ୍ରାୟ ୬ଟି ଏଲପିଜି ବୋଝେଇ ଜାହାଜକୁ ହର୍ମୁଜ ଅତିକ୍ରମ କରିବାକୁ ଅନୁମତି ଦେଇଛି ।

## ନାଳନ୍ଦାର ଶୀତଳା ମାତା ମନ୍ଦିରରେ ଭୟଙ୍କର ଦଳାଚକଟା: ୮ ମୃତ

ନାଳନ୍ଦା: ବିହାରର ନାଳନ୍ଦା ଜିଲ୍ଲା ଦୀପନଗର ଥାନା ଅନ୍ତର୍ଗତ ମାଘରା ଗ୍ରାମରେ ଥିବା ପ୍ରସିଦ୍ଧ ଶୀତଳା ମାତା ମନ୍ଦିରରେ ଚୈତ୍ର ମାସର ଶେଷ ମଙ୍ଗଳବାର ଅବସରରେ ଭୟଙ୍କର ଦଳାଚକଟା ଘଟି ୮ ଜଣ ମହିଳା ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଘଟିଥିବା ବେଳେ ୧୨ରୁ



ଅଧିକ ଲୋକ ଗୁରୁତର ଭାବେ ଆହତ ହୋଇଛନ୍ତି । ଚୈତ୍ର ଅଷ୍ଟମୀ ଯୋଗୁଁ ମନ୍ଦିରରେ ହଜାର ହଜାର ଭକ୍ତଙ୍କ ଅସମ୍ଭାଳ ଭିଡ଼ ଜମିଥିବା ବେଳେ ବାରିକେଡ୍ ଭାଙ୍ଗିଯିବାରୁ ଏହି ଦୁର୍ଘଟଣା ଘଟିଥିଲା । ପ୍ରଶାସନ ପକ୍ଷରୁ ତୁରନ୍ତ ମନ୍ଦିର ପରିସରକୁ ଖାଲି କରାଯିବା ସହ ମେଳାକୁ ବନ୍ଦ କରିଦିଆଯାଇଛି ଏବଂ ଆହତମାନଙ୍କୁ ସଦର ଡାକ୍ତରଖାନା ଓ ମଡେଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି ।

ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁଯାୟୀ, ଶ୍ରଦ୍ଧାଳୁମାନେ ଧାଡ଼ିରେ ନରହି ଆଗକୁ ଯିବା ପାଇଁ ପ୍ରତିଯୋଗିତା କରିବା ଫଳରେ ସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲିଯାଇଥିଲା । ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ରାଷ୍ଟ୍ରପତିଙ୍କ ସୁରକ୍ଷା ପାଇଁ ପୁଲିସ ଫୋର୍ସ ମୁତୟନ ଥିବାରୁ ମନ୍ଦିରରେ ସୁରକ୍ଷା ବ୍ୟବସ୍ଥା ଅତ୍ୟନ୍ତ ଦୁର୍ବଳ ଥିଲା, ଯାହା ଏହି ଦୁର୍ଘଟଣାର ମୁଖ୍ୟ କାରଣ ସାଜିଛି । ମୃତକଙ୍କ ମଧ୍ୟରୁ ବିହାର ବାସିନ୍ଦା ରୀତା ଦେବୀ (୫୦) ଓ ନୂରସରାଇର ରେଖା ଦେବୀ (୪୫)ଙ୍କୁ ଚିହ୍ନଟ କରାଯାଇଛି । ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ ଏହି ଘଟଣାରେ ଗଭୀର ଶୋକ ପ୍ରକାଶ କରିବା ସହ ପୀଡ଼ିତ ପରିବାରକୁ ସମସ୍ତ ପ୍ରକାର ସରକାରୀ ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି । ଏସଡିପିଓଙ୍କ ସମେତ ଜିଲ୍ଲାର ବରିଷ୍ଠ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରୁଛନ୍ତି ।

## ବୈଭବଙ୍କ ବିସ୍ଫୋରକ ଅର୍ଦ୍ଧଶତକ

# ସିଏସ୍‌କେକୁ ୮ ୱିକେଟରେ ହରାଇଲା ରାଜସ୍ଥାନ

ଗୌହାଟୀ,୩୧।୩: ବେଙ୍ଗାଲୁରୁ, ମୁମ୍ବାଇ ପରେ ବିଜୟ ଖାତାରେ ନାଁ ଲେଖିଲା ରାଜସ୍ଥାନ ରୟାଲ୍ସ । ଆଇପିଏଲ ୨୦୨୬ର ତୃତୀୟ ମ୍ୟାଚ୍‌ରେ ଚେନ୍ନାଇକୁ ୮ ୱିକେଟରେ ହରାଇଲା ରାଜସ୍ଥାନ । ଯୁବ ବ୍ୟାଟ୍ସମ୍ୟାନ୍ ବେଭବ ସୂର୍ଯ୍ୟବଂଶୀଙ୍କ ଦମଦାର ଅର୍ଦ୍ଧଶତକୀୟ ପାଳି । ୧୨୮ ରନର ବିଜୟ ଲକ୍ଷ୍ୟକୁ ସହଜରେ ଜିତି ନେଇଛି ରାଜସ୍ଥାନ । ୧୨ ଓଭର ଗୋଟିଏ ବଲରେ ବିଜୟ ଲକ୍ଷ୍ୟ ପୂରଣ କରିବାରେ ସଫଳ ହୋଇଛି । ଦଳର ଦୁଇ ଓପନର ବେଭବ ସୂର୍ଯ୍ୟବଂଶୀ ଏବଂ ଜୟସ୍ୱାଲ ଦମଦାର ପାଳି ଆରମ୍ଭ କରିଥିଲେ । ସୂର୍ଯ୍ୟବଂଶୀ ୧୭ ବଲରୁ ୫୨ ରନ କରି ଆଉଟ୍ ହୋଇଥିବାବେଳେ ଜୟସ୍ୱାଲ ୩୮ ରନ କରି ଅପରାଜିତ ରହିଥିଲେ।

୨ ୱିକେଟ୍ ହରାଇ ରାଜସ୍ଥାନ ୧୨୮ ରନକୁ ଅତି ସହଜରେ କରି ନେଇଛି । ଦଳର ଅନ୍ୟ ଖେଳାଳିଙ୍କ ମଧ୍ୟରେ ଧ୍ରୁବ ଜୁରେଲ ୯ ବଲରୁ ୧୮ ରନ କରିଥିବାବେଳେ ପରାଗ ୧୧ ବଲରୁ ୧୪ ରନ୍ କରିଛନ୍ତି । ସେପଟେ ସିଏସକେ ପକ୍ଷରୁ କେବଳ କମ୍ବୁଜ ୨ ୱିକେଟ୍ ନେବାରେ ସକ୍ଷମ ହୋଇଥିଲେ । ବାକି କେଣସି ବୋଲର ୱିକେଟ୍ ନେଇପାରିନଥିଲେ । ପ୍ରଥମରୁ ଦୁଇ ଓପନର ଆକ୍ରମଣାତ୍ମକ ଢ଼ଙ୍ଗରେ ଖେଳ ଆରମ୍ଭ କରିଥିଲେ । ଲୋସ୍କୋରି ମ୍ୟାଚ୍ ହୋଇଥିବାବେଳେ ରାଜସ୍ଥାନ ଉପରେ କୌଣସି ପ୍ରଭାବ ପଡ଼ିନଥିଲା । ଟସ୍ ଜିତି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା ରାଜସ୍ଥାନ ରୟାଲ୍ସ । ସିଏସକେ ବିଶାଳ ସ୍କୋର କରିବ ବୋଲି ଆଶା ରଖିଥିଲେ ଫ୍ୟାନ୍ସ ।ମାତ୍ର ସିଏସକେ ୧୨୭ ରନରେ



ଅଲଆଉଟ୍ ହୋଇଥିଲା । ରାଜସ୍ଥାନକୁ ଦେଲା ୧୨୮ ରନର ବିଜୟ ଲକ୍ଷ୍ୟ ଦେଇଥିଲା । ଉଝକର ୮ ଜଣ ଖେଳାଳି ୨ ଅଙ୍କ ଛୁଇଁ ପାରିନଥିଲେ । ମାତ୍ର ଦଳ ପକ୍ଷରୁ ଜେମି ଓଭରଟନ୍ ସର୍ବାଧିକ ୪୩ ରନ କରିବାରେ ସକ୍ଷମ ହୋଇଥିଲେ । ବାକି ଖେଳାଳିଙ୍କ ମଧ୍ୟରେ କାର୍ତ୍ତିକ ଶର୍ମା ୧୮ ଏବଂ ସର୍ଫରାଜ ଖାନ ୧୭ ରନ୍ କରିଛନ୍ତି । ବାକି ଷ୍ଟାର ଖେଳାଳି ଫ୍ଲପ୍ ହୋଇଛନ୍ତି । ସଞ୍ଜୁ ସାମସନଙ୍କ ଉପରେ ଦଳ ବହୁ ଭରସା ରଖିଥିଲା ମାତ୍ର ସେ ୭ ବଲରୁ ୬ ରନ୍ କରିପାରିଥିଲେ ।

ସେପଟେ ରାଜସ୍ଥାନ ପକ୍ଷରୁ ଜୋଫ୍ରା ଆର୍ଚ୍ଚର, ବର୍ଗର ଏବଂ ରବିନ୍ଦ୍ର ଜାଡେଜା ୨ଟି ଲେଖାଏଁ ୱିକେଟ୍ ନେବାରେ ସଫଳ ହୋଇଛନ୍ତି । ବାକି ବୋଲରଙ୍କ ମଧ୍ୟରେ ବ୍ରିଜେସ୍ ଶର୍ମା, ସନ୍ଦିପ ଶର୍ମା ଏବଂ ରବି ବିଷ୍ଣୋଇ ଗୋଟିଏ ଲେଖାଏଁ ୱିକେଟ୍ ନେବାରେ ସଫଳ ହୋଇଛନ୍ତି ।

ସେପଟେ ସିଏସକେ ପ୍ରଥମରୁ ବ୍ୟାଟିଂ ବିପର୍ଯ୍ୟୟର ସାମ୍ନା କରିଥିଲା । ଅଧିନାୟକ ଋତୁରାଜ ଗାଏକ୍ୱାଡ ୬ ରନ୍ କରିଥିବାବେଳେ ଯୁବ ତାରକା ଆୟୁଷ ମାତ୍ରେ ଖାତା ଖୋଲିପାରିନଥିଲେ ।

# ହୋଟେଲରୁ ମିଳିଲା ବିସିସିଆଇ ବ୍ରଡକାଷ୍ଟ ଇଞ୍ଜିନିୟରଙ୍କ ମୃତଦେହ



ନୂଆଦିଲ୍ଲୀ,୩୧।୩: ଆଇପିଏଲ୍ ୨୦୨୬ର ରୋମାଞ୍ଚ ଜାରି ରହିଛି। କିନ୍ତୁ ଏହା ଭିତରେ ଏକ ଖରାପ ଖବର ସାମନାକୁ ଆସିଛି। ଆଇପିଏଲ୍ ମ୍ୟାଚ୍ ପାଇଁ ବିସିସିଆଇ ସହିତ ବ୍ରଡକାଷ୍ଟ ଇଞ୍ଜିନିୟର ରୂପରେ କାମ କରୁଥିବା ବ୍ରିଟିସ୍ ନାଗରିକ ମୁମ୍ବାଇ ଟ୍ରାଇଡେଣ୍ଟ ହୋଟେଲର ଏକ ରୁମରୁ ମୃତ ଅବସ୍ଥାରେ ମିଳିଛନ୍ତି। ମୃତକଙ୍କ ପରିଚୟ ଇୟାନ ୱିଲିୟମ୍ସ ଲେଗଫୋର୍ଡ ରୂପରେ ହୋଇଛି। ସେ ଆଇପିଏଲ୍ ମ୍ୟାଚ୍‌ର ଲାଇଭ କଭରେଜ୍ ଦାୟିତ୍ୱରେ ଥିଲେ।

ରିପୋର୍ଟ ଅନୁଯାୟୀ, ଇଆନ୍ ୨୪ ମାର୍ଚ୍ଚରୁ ମୁମ୍ବାଇର ଟ୍ରାଇଡେଣ୍ଟ ହୋଟେଲରେ ରହି ଆଇପିଏଲ୍ ମ୍ୟାଚ୍ କଭରେଜ୍ ଉପରେ କାମ କରୁଥିଲେ। ୨୯ ମାର୍ଚ୍ଚରେ ମ୍ୟାଚ୍ ଶେଷ ହେବା ପରେ ସେ ତାଙ୍କ ରୁମକୁ ଫେରି ଆସିଥିଲେ। ପରଦିନ, ୩୦ ମାର୍ଚ୍ଚରେ, ହୋଟେଲ ରିସେପ୍ସନରୁ ତାଙ୍କୁ ଫୋନ୍ କରିଥିଲେ, କିନ୍ତୁ କୌଣସି ଉତ୍ତର ମିଳିନଥିଲା। ତା'ପରେ ହୋଟେଲ କର୍ମଚାରୀମାନେ ତାଙ୍କ ରୁମକୁ ଯାଇଥିଲେ। ଯେତେବେଳେ କୌଣସି ଉତ୍ତର ମିଳିନଥିଲା, ଏକ ମାଷ୍ଟର କୀ ବ୍ୟବହାର କରି ରୁମଟି ଖୋଲାଯାଇଥିଲା।

ଇଆନଙ୍କୁ ରୁମ୍ ଭିତରେ ଚଟାଣରେ ପଡ଼ିଥିବାର ଦେଖିବାକୁ ମିଳିଥିଲା। ତୁରନ୍ତ ଇନ୍-ହାଉସ୍ ଡାକ୍ତରଙ୍କୁ ତୁରନ୍ତ ଡକାଯାଇଥିଲା, ଯିଏ ତାଙ୍କୁ ପରୀକ୍ଷା କରି ମୃତ ଘୋଷଣା କରିଥିଲେ। ଘଟଣା ସମ୍ପର୍କରେ ସୂଚନା ପାଇବା ପରେ ମେରାଇନ୍ ଡ୍ରାଇଭ୍ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ଏକ ମାମଲା ରୁଜୁ କରାଯାଇଛି ଏବଂ ମୃତ୍ୟୁର କାରଣ ତଦନ୍ତ କରାଯାଉଛି। ପୋଲିସ ବର୍ତ୍ତମାନ ପୋଷ୍ଟମର୍ଟମ ରିପୋର୍ଟକୁ ଅପେକ୍ଷା କରିଛି, ଯାହା ମୃତ୍ୟୁର ସଠିକ୍ କାରଣ ପ୍ରକାଶ କରିବ।ଏହା ଉଲ୍ଲେଖନୀୟ ଯେ ୨୯ ମାର୍ଚ୍ଚରେ ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମରେ ମୁମ୍ବାଇ ଇଣ୍ଡିଆନ୍ସ ଏବଂ କୋଲକାତା ନାଇଟ୍ ରାଇଡର୍ସ ମଧ୍ୟରେ ଏକ ମ୍ୟାଚ୍ ଖେଳାଯାଇଥିଲା। ମୁମ୍ବାଇ ଇଣ୍ଡିଆନ୍ସ ଏହି ମ୍ୟାଚ୍ ରେ ବିଜୟୀ ହୋଇଥିଲା। ଏହି ଗ୍ରାଉଣ୍ଡରେ ଏହା ସିଜିନର ପ୍ରଥମ ଓଟଖ ମ୍ୟାଚ୍‌ଥିଲା, ଏବଂ ଏଥିରେ ବହୁ ସଂଖ୍ୟାରେ ଦର୍ଶକ ଉପସ୍ଥିତ ଥିଲେ।

# ସଞ୍ଜୁ ଫ୍ଲପ୍, ଜାଡେଜା ହିଟ୍; ସିଏସ୍‌କେକୁ ଲାଗିଲା ବଡ଼ ଝଟକା

ମୁମ୍ବାଇ, ୩୧/୦୩: ଆଇପିଏଲ୍ ମାହାସମର ସିଜିନ-୧୯ । ଆରମ୍ଭ ଦେଖିବାକୁ ମିଳିଲାଣି ରୋମାଞ୍ଚ । ପ୍ରଥମ ମ୍ୟାଚ୍‌ରେ ରୟାଲ୍ ଚ୍ୟାଲେଞ୍ଜର ବେଙ୍ଗାଲୁରୁ ସନରାଇଜର୍ସ ହାଇଦ୍ରାବାଦକୁ ପରାସ୍ତ କରିଥିବା ବେଳେ ଦ୍ୱିତୀୟ ମ୍ୟାଚ୍‌ରେ କୋକାତା ନାଇଟ ରାଇଡର୍ସକୁ ମାତ୍ ଦେଇଛି ମୁମ୍ବାଇ ଇଣ୍ଡିଆନ୍ସ । ସେହିପରି ତୃତୀୟ ମ୍ୟାଚ୍‌ରେ ଚେନ୍ନାଇ ସୁପର କିଙ୍ଗ୍ସକୁ ଶୋଚନୀୟ ଭାବେ ହରାଇ ରାଜସ୍ଥାନ ରୟାଲ୍ସ ବିଜୟ ଯାତ୍ରାରେ ରୟାଲ ଏଣ୍ଟ୍ରି ମାରିଛି । ମାତ୍ର ୧୫ଟି ବଲରୁ ୫୦ ରନର ବିସ୍ଫୋରକ ଇନିଂସ ଖେଳିଛନ୍ତି ବୈଭବ ସୂର୍ଯ୍ୟବଂଶୀ । ଗୌହାଟୀରେ ଛକା-ଚୌକା ବର୍ଷା କରି ସିଏସକେକୁ ଜବରଦସ୍ତ ଜଖମ ଦେଇଛନ୍ତି । ୟେଲୋ ଆର୍ମିକୁ ଏକତରଫା ହରାଇଛି ଟିମ୍ ପିଙ୍କ୍ । ମ୍ୟାଚ୍‌ରେ ସୁପର ଫ୍ଲପ୍ ହୋଇଛନ୍ତି ଟି-ଟ୍ୱେଣ୍ଟି ବିଶ୍ୱକପର ହିରୋ ସଞ୍ଜୁ ସାମସନ ଏବଂ ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା । ଫଳରେ ଗୋଟିଏ ମ୍ୟାଚ୍‌ରେ ସିଏସକେର ୨.୫୮ କୋଟି ଟଙ୍କା କ୍ଷତି ହୋଇଛି ।



ଜାତୀୟ ଗଣମାଧ୍ୟମ ହିନ୍ଦୁସ୍ତାନ ଟାଇମ୍ସ ରିପୋର୍ଟ ମୁତାବକ, ସଞ୍ଜୁ ସମାସନ ମ୍ୟାଚ୍‌ରେ ଫ୍ଲପ୍ ହେବା ଯୋଗୁ ଚେନ୍ନାଇ ସୁପର କିଙ୍ଗ୍ସର ୧.୮୧ କୋଟି ଟଙ୍କା କ୍ଷତି ହୋଇଛି । ସେହିପରି ରବୀନ୍ଦ୍ର ଜାଡେଜାଙ୍କ ପାଇଁ ରାଜସ୍ଥାନ ରୟାଲ୍ସର ୭୭ ଲକ୍ଷ ଟଙ୍କା ଲାଭ ହୋଇଛି । ଏହାର ଅର୍ଥ ହେଉଛି ସିଏସକେ ଏହି ଦୁଇ ଖେଳାଳିଙ୍କ ପାଇଁ ସିଏସକେ ମୋଟ୍ ୨.୫୮ କୋଟି ଟଙ୍କା କ୍ଷତି ସହିବାକୁ ପଡ଼ିଛି । ଆଇପିଏଲ୍ ସିଜିନ-୧୯ ପୂର୍ବରୁ ସଞ୍ଜୁ ସାମସନ ରାଜସ୍ଥାନ ରୟାଲ୍ସ ଏବଂ ରବୀନ୍ଦ୍ର ଜାଡେଜା ଚେନ୍ନାଇ ସୁପର କିଙ୍ଗସ ଟିମରେ ସାମିଲ୍ ଥିଲେ । ମାତ୍ର ଚଳିତ ସିଜନରେ ଉଭୟ ଟିମ୍ ମ୍ୟାନେଜମେଣ୍ଟର ଆଲୋଚ଼ନା କ୍ରମେ ସଞ୍ଜୁ ସାମସନ ଏବଂ ରବୀନ୍ଦ୍ର ଜାଡେଜା ଟ୍ରେଡ୍ ହୋଇଛନ୍ତି । ଆଇପିଏଲରେ ଟ୍ରେଡିଂର ଅର୍ଥ ହେଉଛି ଖେଳାଳିମାନେ କେବଳ କାଗଜ କଲମରେ ନୁହେଁ ପଡ଼ିଆରେ ଖେଳାଳିଙ୍କ ପ୍ରଦର୍ଶନକୁ ବି ହିସାବ କରାଯାଏ । ଗତବର୍ଷ ଚେନ୍ନାଇ ସୁପର କିଙ୍ଗସ ଏବଂ ରାଜସ୍ଥାନ ରୟାଲ୍ସ ମଧ୍ୟରେ ଟ୍ରେଡ୍ ଡିଲ୍ ହୋଇଥିଲା । ବିସ୍ଫୋରକ ବ୍ୟାଟର ସଞ୍ଜୁ ସାମସନ ୧୮ କୋଟି ଟଙ୍କାରେ ସିଏସକେର ସାମିଲ୍ ହୋଇଥିଲେ । ସେହିପରି ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜାଙ୍କୁ ୧୪ କୋଟି ଟଙ୍କାରେ ଡିଲ୍ ଫାଇନାଲ କରି ନିଜ ଦଳରେ ସାମିଲ୍ କରିଥିଲା ଆରଆର୍ ।

ଆଇପିଏଲ୍ -୨୦୨୬ର ତୃତୀୟ ମ୍ୟାଚ୍‌ରେ ମୁହାଁମୁହିଁ ହୋଇଥିଲେ ଦୁଇ ଖେଳାଳି । ଏହି ମ୍ୟାଚ୍‌ରେ ସଞ୍ଜୁ ସାମସନ ମାତ୍ର ୬ରନ କରିବାରେ ସକ୍ଷମ ହୋଇଥିଲେ । ସେ ନାନ୍ଦ୍ରେ ବର୍ଗରଙ୍କ ବଲ୍ ଆଉଟ୍ ହୋଇ ପାଭେଲିୟନକୁ ଫେରିଥିଲେ । ସେପଟେ ରବୀନ୍ଦ୍ର ଜାଡେଜା ୩ ଓଭର ବୋଲିଂ କରି ୧୮ ରନ ଖର୍ଚ୍ଚ କରି ୨ ୱିକେଟ୍ ନେଇଛନ୍ତି । ଯାହା ଚେନ୍ନାଇ ସୁପର କିଙ୍ଗସକୁ ବଡ଼ ଝଟକା ଲାଗିଛି । ଦୁଇ ଖେଳାଳିଙ୍କ ପ୍ରଦର୍ଶନକୁ ଆକଳନ କଲେ ସଞ୍ଜୁ ସାମସନ ଏବଂ ରବୀନ୍ଦ୍ର ଜାଡେଜାଙ୍କ ପାଇଁ ସିଏସକେକୁ କ୍ଷତି ସହିବାକୁ ପଡ଼ିଛି । ଗୋଟିଏ ମ୍ୟାଚ୍‌ରେ ୨.୫୮ କୋଟି ଟଙ୍କା ଘାଟା ହୋଇଛି ।.

# ବିଜେପିରେ ଲିଆଣ୍ଡର ପେସ୍

ନୂଆଦିଲ୍ଲୀ,୩୧/୦୩; ରାଜନୈତିକ ମହଲରୁ ଏବେ ବଡ଼ ଖବର ସାମ୍ନାକୁ ଆସୁଛି । ପ୍ରସିଦ୍ଧ ପୂର୍ବତନ ଟେନିସ୍ ଖେଳାଳି ଲିଆଣ୍ଡର ପେସ୍ ବିଜେପିରେ ଯୋଗ ଦେଇଛନ୍ତି । କେନ୍ଦ୍ର ମନ୍ତ୍ରୀ କିରେନ ରିଜିଜୁ ଏବଂ ସୁକାନ୍ତ ମଜୁମଦାରଙ୍କ ଉପସ୍ଥିତିରେ ଦଳରେ ସାମିଲ ହୋଇଛନ୍ତି । ପଶ୍ଚିମବଙ୍ଗ ରାଜନୀତି ପୂର୍ବରୁ ବିଜେପି ଶିବିରରେ ସାମିଲ ହୋଇଛନ୍ତି ପୂର୍ବତନ ଟେନିସ ଖେଳାଳି । ଦିଲ୍ଲୀ ବିଜେପି ମୁଖ୍ୟାଳୟରେ ଦଳରେ ସାମିଲ ହୋଇଛନ୍ତି ଲିଆଣ୍ଡର ପେସ୍ । ଲିଆଣ୍ଡର ନିକଟରେ ପଶ୍ଚିମବଙ୍ଗ ଗସ୍ତ ସମୟରେ ବିଜେପି ଅଧକ୍ଷ ନୀତିନ ନବୀନଙ୍କୁ ଭେଟିଥିଲେ । ଏହି ସାକ୍ଷାତ ସମୟରେ ସୌମିକ ଭଟ୍ଟାଚାର୍ଯ୍ୟ ମଧ୍ୟ ଉପସ୍ଥିତ ଥିଲେ। ୧୯୯୬ରେ ଆଣ୍ଟ୍ଲାଟିକା ଅଲମ୍ପିକ୍ସରେ ୪୪ ବର୍ଷ ପରେ ଭାରତ ପାଇଁ ଟେନିସରେ ପ୍ରଥମ ପଦକ ଜିତିଥିଲେ । ଐତିହାସିକ ବ୍ରୋଞ୍ଜ ପଦକ ଜିତି ଦେଶ ପାଇଁ ଗର୍ବ ଓ ଗୌରବ ଆଣିଥିଲେ ।



ଲିଆଣ୍ଡର ପେସ ବିଜେପିରେ ଯୋଗ ଦେବାକୁ ନେଇ କେନ୍ଦ୍ର ମନ୍ତ୍ରୀ କିରେନ ରିଜିଜୁ କହିଛନ୍ତି, ଲିଜେଣ୍ଡ ଲିଆଣ୍ଡର ପେସଙ୍କ ପରିଚ଼ୟ ଦେବାର କୌଣସି ଆବଶ୍ୟକତା ନାହିଁ । ଲିଆଣ୍ଡର ପେସ୍ ବିଜେପିରେ ଯୋଗଦେବାରୁ ଏହା ଉତ୍ସବ ପାଳନ କରିବାର ଏକ ମୁହୂର୍ତ୍ତ । ମୁଁ ସ୍ପଷ୍ଟ ଭାବରେ ଅନୁମାନ କରୁଛି ଯେ ଆପଣ ବିଜେପି ପ୍ଲାଟଫର୍ମରେ ଏକ ବଡ଼ ଇନିଂସ ଖେଳିବେ । ଆପଣଙ୍କ ବିଜେପିରେ ଯୋଗଦାନ ଖେଲୋ ଇଣ୍ଡିଆ ଆନ୍‌ଦୋଳନକୁ ଆହୁରି ଗତି ଦେବ । ଭାରତୀୟ ଜନତା ପାର୍ଟି ପରିବାରରେ ଲିଆଣ୍ଡର ପେସଙ୍କ ଏଣ୍ଟ୍ରୀ ଐତିହାସିକ । ପ୍ରଧାନମନ୍ତ୍ରୀ ଖେଳ ଏବଂ ଖେଳାଳିଙ୍କ ପାଇଁ ୧୨ ହେବ ଯାହା କରିଛନ୍ତି ସେଥିରୁ ଅନୁପ୍ରାଣିତ ହୋଇ ଆଜି ଲିଆଣ୍ଡର ପେସ୍ ଆମ ଗହଣରେ ଅଛନ୍ତି । ଭାରତୀୟ ଜନତା ପାର୍ଟିର ସଦସ୍ୟ ହୋଇଛନ୍ତି । '

ଲିଆଣ୍ଡର ପେସ୍ ବିଜେପିରେ ଯୋଗଦେବା ଦ୍ୱାରା କ'ଣ ଲାଭ ମିଳିବ ଲିଆଣ୍ଡର ପେସଙ୍କ ବିଜେପିରେ ଯୋଗଦାନ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚ଼ନରେ ବିଜେପିକୁ ଲାଭ ଦେଇପାରେ, କାରଣ ସେ କୋଲକାତା ସହିତ ଜଡିତ ଏବଂ ସେଠାରେ ତାଙ୍କର ପ୍ରବଳ ପ୍ରଶଂସକ ଅଛନ୍ତି । ଏହାର ଅର୍ଥ ହେଉଛି ସେ ଏକ ବଡ଼ ଭୋଟ ବ୍ୟାଙ୍କକୁ ଆକର୍ଷିତ କରିପାରିବେ । ଏହା ବ୍ୟତୀତ, ଯଦି ପେସଙ୍କୁ ପ୍ରାର୍ଥୀ ଭାବରେ ମନୋନୀତ କରାଯାଏ, ତେବେ ଏହା ଉଚ୍ଚ-ମଧ୍ୟବିତ୍ତ ବର୍ଗ ଏବଂ ସହରାଞ୍ଚଳ ଭୋଟ ବ୍ୟାଙ୍କକୁ ପ୍ରଭାବିତ କରିପାରେ । ପେସଙ୍କୁ ବିଜେପିରେ ଆଣିବା ଦ୍ୱାରା ଯୁବପିଢ଼ି

# ଏଲଏଲସିସି କପ୍ ଜିତିଲା ରେଡ ଷ୍ଟାର୍

ଭୁବନେଶ୍ୱର,୩୧।୩: ମ୍ୟାନ ଅଫ ଦି ମ୍ୟାଚ୍ ସହ ପୂରା ଟୁର୍ଣ୍ଣାମେଣ୍ଟର ଦମଦାର ପ୍ରଦର୍ଶନ ପାଇଁ ଓମଙ୍କୁ ପ୍ଲେୟାର ଅଫ ଦି ସିରିଜ ପୁରସ୍କାର ମିଳିଛି । ସେହିପରି ବିଜୟୀ ରେଡ ଷ୍ଟାରକୁ ଟ୍ରଫି ସହ ୨୦ ହଜାର ଟଙ୍କା ଓ ରନର୍ସ ଅପ ଦଳକୁ ଟ୍ରଫି ସହ ୧୦ ହଜାର ଟଙ୍କା ମିଳିଛି। ସ୍ଥାନୀୟ ଆଇଆରସିରେ ଚାଲିଥିବା ୧୪ ବର୍ଷରୁ କମ ୫ମ ଏଲଏଲସିସି କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଚାମ୍ପିୟନ ହୋଇଛି ଭୁବନେଶ୍ୱରର ରେଡ୍ ଷ୍ଟାର୍। ରବିବାର ଖେଳା ଯାଇଥିବା ଫାଇନାଲରେ ଦଳ ଆୟୋଜକ ଏଲଏଲସିସିକୁ ୭ ୱିକେଟରେ ହରାଇ ଟ୍ରଫି କବଜା କରିଛି।



ଟସ୍ ଜିତି ପ୍ରଥମେ ବ୍ୟାଟିଂ କରୁଥିବା ଏଲଏଲସିସି ଜୟଦୀପ ରାଜ ନାୟକଙ୍କ ଅପରାଜିତ ୬୮, ଆର୍ଯ୍ୟ ପାଟ୍ଟଶାଣୀଙ୍କ ୪୧ ଓ ଅଧିନାୟକ ତେଜସ୍ୱର ପଣ୍ଡାଙ୍କ ୨୮ ରନ ବଳରେ ନିର୍ଦ୍ଧାରିତ ୩୫ ଓଭରରେ ୫ ୱିକେଟ ହରାଇ ୧୯୬ ରନ କରିଥିଲା। ରେଡ ଷ୍ଟାର ପକ୍ଷରୁ ଅଧିନାୟକ ଓମ ଶ୍ରୀ ସାହୁ ୩ଟି ଓ ମହମ୍ମଦ ଶହବାଜ ସଲାମ ୨ଟି ୱିକେଟ ନେଇଥିଲେ।

ଫାଇନାଲରେ ୧୯୭ ରନର ଟାର୍ଗେଟ ପାଇଥିବା ରେଡ ଷ୍ଟାର ଦମଦାର ଆରମ୍ଭ କରିଥିଲା। ପ୍ରଥମ ୱିକେଟ ପାଇଁ ଆର୍ଯ୍ୟ ଷଡଙ୍ଗୀ ଓ ଅମିତ କୁମାର ସାହୁ ୮୬ ରନ ଯୋଡିଥିଲେ। କିନ୍ତୁ ସୁନିଲ ନାୟକ ପ୍ରଥମେ ୪୪ ରନ କରିଥିବା ଆର୍ଯ୍ୟ ଓ ପରବର୍ତ୍ତୀ ବଲରେ ବାମହାତୀ ଓମକାର ତ୍ରିପାଠୀଙ୍କୁ ଆଉ କରିବାରୁ ଏଲଏଲସିସିର କମବ୍ୟାକ ସମ୍ଭାବନା ସୃଷ୍ଟି ହୋଇଥିଲା। କିନ୍ତୁ ଇନଫର୍ମ ଓମ ଶ୍ରୀ ସାହୁ ଦଳର ସବୁ ଆଶାରେ ପାଣି ପକାଇ ଦେଇଥିଲେ।

ସେ ପ୍ରଥମେ ଅମିତଙ୍କ ସହ ମିଶି ଦଳୀୟ ସ୍କରକୁ ୧୦୦ରେ ପହଞ୍ଚାଇଥିଲେ। ଦଳୀୟ ସ୍କର ୧୦୦ ଥିବା ବେଳେ ସୁନିଲ ୪୪ ରନ କରିଥିବା ଅମିତଙ୍କ ୱିକେଟ ମଧ୍ୟ ନେଇଥିଲେ। ବାସ୍ ଏହାପରେ ଓମ ଓ ଧନରାଜ ରାୟ ରେଡ ଷ୍ଟାରକୁ ଆଉ କୌଣସି କ୍ଷତି ଘଟାଇବାକୁ ଦେଇ ନଥିଲେ। ଉଭୟ ଶେଷ ଯାଏ ଅପରାଜିତ ରହିବା ସହ ଦଳ ପାଇଁ ୨୩ତମ ଓଭରରେ ବିଜୟ ମୁଣ୍ଡି ପାରିଥିଲେ। ଓମ ଶ୍ରୀ ସାହୁ ୩୯ ବଲରେ ୫୬ ଓ ଧନରାଜ ୩୨ ବଲରେ ୩୩ ରନର ଇନିଂସ ଖେଳିଛନ୍ତି। ମ୍ୟାନ ଅଫ ଦି ମ୍ୟାଚ୍ ସହ ପୂରା ଟୁର୍ଣ୍ଣାମେଣ୍ଟର ଦମଦାର ପ୍ରଦର୍ଶନ ପାଇଁ ଓମଙ୍କୁ ପ୍ଲେୟାର ଅଫ ଦି ସିରିଜ ପୁରସ୍କାର ମିଳିଛି। ସେହିପରି ବିଜୟୀ ରେଡ ଷ୍ଟାରକୁ ଟ୍ରଫି ସହ ୨୦ ହଜାର ଟଙ୍କା ଓ ରନର୍ସ ଅପ ଦଳକୁ ଟ୍ରଫି ସହ ୧୦ ହଜାର ଟଙ୍କା ମିଳିଛି।

ଏହାବାଦ ବିଭିନ୍ନ ଖେଳାଳିଙ୍କୁ ବ୍ୟକ୍ତିଗତ ପୁରସ୍କାର ବି ମିଳିଛି। ଶ୍ରେଷ୍ଠ ଏମର୍ଜି ଖେଳାଳି ପୁରସ୍କାର ସହିଦ ସେଣ୍ଟରର ଆର୍ଯ୍ୟ ମୋରେ ଜିତିଥିବା ବେଳେ ଶ୍ରେଷ୍ଠ କ୍ୟାଚ୍ ପୁରସ୍କାର ଏଲଏଲସିସିର ପ୍ରଥମ ବେହେରା ଜିତିଛନ୍ତି। ଏଲଏଲସିସିର ରୋହିତ ବିଭାର ଶ୍ରେଷ୍ଠ ଫିଲ୍ଡର, ଶ୍ରେଷ୍ଠ ୱିକେଟ କିପର ରେଡ ଷ୍ଟାରର ଆର୍ଯ୍ୟ ଷଡଙ୍ଗୀ, ଶ୍ରେଷ୍ଠ ବୋଲର ଏଲଏଲସିସିର ମୋହିତ ପଙ୍କଜ ସାହୁ, ଶ୍ରେଷ୍ଠ ବ୍ୟାଟର୍ ରେଡ ଷ୍ଟାରର ଅମିତ କୁମାର ସାହୁ, ଗେମ ଚେଞ୍ଜର ରେଡ ଷ୍ଟାରର ଓମ ଶ୍ରୀ ସାହୁ ଓ ଶୃଙ୍ଖଳିତ ଟିମର ପୁରସ୍କାର ପ୍ରଗତି ସ୍ପର୍ଟକୁ ମିଳିଛି। ୧୪ ବର୍ଷରୁ କମ ଡ୍ୟୁଜ ବଲ ବ୍ୟତୀତ ସମାନ୍ତରଳ ଭାବେ ଏଲଏଲସିସି ପକ୍ଷରୁ ସିନିୟର ବାଳିକା କ୍ରିକେଟ ଟୁର୍ଣ୍ଣାମେଣ୍ଟ ମଧ୍ୟ ଆୟୋଜନ ହୋଇଥିଲା। ବାଳିକା ବିଭାଗରେ ପିପିଲି ବିଡିସିସି ରନର୍ସ ଅପ ହୋଇଥିବା ବେଳେ ଭୁବନେଶ୍ୱର କ୍ୟାପ୍ ଚାମ୍ପିୟନ ହୋଇଛି। ଚାମ୍ପିୟନ ଦଳକୁ ୧୦ ହଜାର ଓ ରନର୍ସ ଅପକୁ ଟ୍ରଫି ସହ ୫ ହଜାର ଟଙ୍କା ମିଳିଛି। ୧୨ ବର୍ଷରୁ କମ ବାଳକ ବିଭାଗରେ ଏଲଏଲସିସି ଚାମ୍ପିୟନ ଓ ଭୁବନେଶ୍ୱର କ୍ୟାପ୍ ରନର୍ସ ଅପ ହୋଇଛି। ଅତିଥି ଭାବେ ପୁରସ୍କାର ବିତରଣ ଉତ୍ସବରେ ଓଡିଶା କ୍ରିକେଟ ଆସୋସିଏସନର ସଭାପତି ପଙ୍କଜ ଲୋଚ଼ନ ମହାନ୍ତି, କୋଷାଧକ୍ଷ ବିକାଶ ପ୍ରଧାନ, ପୂର୍ବତନ ରଣଜୀ ଟ୍ରଫି ଖେଳାଳି ତଥା ପୂର୍ବତନ ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ ଓ ଭୁବନେଶ୍ୱର ୱାର୍ଡ ନମ୍ବର ୨୫ର କର୍ପୋରେଟର ମାନସୀ ରାଣୀ ସୁନ୍ଦରାୟ ଯୋଗ ଦେଇଥିଲେ।

## ଅବସରକୁ ନେଇ ମୁହଁଖୋଲିଲେ ଶାମି

ନୂଆଦିଲ୍ଲୀ,୩୧।୩: ଭେଟେରାନ ଭାରତୀୟ ପେସର ମହମ୍ମଦ ଶାମି ଏବେ ଅବସର ସମ୍ପର୍କରେ ଚିନ୍ତା କରୁ ନ ଥିବା କହିଛନ୍ତି। ସେ ତାଙ୍କର ବୟସ, ଆହତ ସମସ୍ୟା କିମ୍ବା ଭାରତୀୟ ଦଳରୁ ଅଣଦେଖା କାରଣରୁ ନୁହେଁ, ବରଂ ବୋର ଅନୁଭବ ହେଲେ ଅବସର ନେବେ ବୋଲି କହିଛନ୍ତି। ୩୫ ବର୍ଷୀୟ ଶାମି ଅନ୍ତିମ ଥର ୨୦୨୫ ମାର୍ଚ୍ଚରେ ଆଇସିସି ଚାମ୍ପିୟନ୍ସ ଟ୍ରଫିରେ ଭାରତ ପାଇଁ ଖେଳିଥିଲେ। ସମ୍ପୂର୍ଣ୍ଣ ଫିଟ୍‌ନେସ ହାସଲ କରିବା ସହ ଘରୋଇ କ୍ରିକେଟରେ ବେଙ୍ଗଲ ପାଇଁ ୬୭ ଉଇକେଟ ନେବା ସତ୍ତ୍ୱେ ତାଙ୍କୁ ଜାତୀୟ ଦଳରୁ ବାଦ୍ ଦିଆଯାଇଛି। ଯେତେବେଳେ ଥକି ପଡ଼ିବି, ଅବସର ଘୋଷଣା କରିବି। ବର୍ତ୍ତମାନ ମୁଁ ଅବସର ସମ୍ପର୍କରେ ଚିନ୍ତା କରୁ ନାହିଁ ବୋଲି ଶାମି ଏକ ପଡକାଷ୍ଟରେ କହିଛନ୍ତି।

# ପିଏସଏଲର ୨ ମ୍ୟାଚ୍‌ରୁ ଫଖର ନିଲମ୍ବିତ

ନୂଆଦିଲ୍ଲୀ : ଷ୍ଟାର ବ୍ୟାଟ୍ସମ୍ୟାନ ଫଖର ଜମାନଙ୍କ ଉପରେ ପାକିସ୍ତାନ କ୍ରିକେଟ୍ ବୋର୍ଡର କଡ଼ା କାର୍ଯ୍ୟାନୁଷ୍ଠାନ। ମଙ୍ଗଳବାର ଷ୍ଟାର ବ୍ୟାଟ୍ସମ୍ୟାନ ଫଖର ଜମାନଙ୍କୁ ପାକିସ୍ତାନ ସୁପର ଲିଗ୍‌ରେ, ଦୁଇଟି ମ୍ୟାଚ୍‌ରୁ ନିଲମ୍ବିତ କରି ଦିଆଯାଇଛି। ଫଖରଙ୍କୁ ଲାହୋର କଲନ୍ଦର୍ସ ଓ କରାଚ୍ଚୀ କିଙ୍ଗ୍ସ ମଧ୍ୟରେ ଗତ ରବିବାର ଖେଳା ଯାଇଥିବା ମ୍ୟାଚ୍ ବେଳେ ଆଚ଼ରଣ ସଂହିତାର ଅନୁଚ୍ଛେଦ ୨.୧୪ (ଲେବଲ ୩ ଅପରାଧ)ର ଦୋଷୀ ଜଣାପଡ଼ିଛି। ମ୍ୟାଚ୍ ବେଳେ ଫଖର ଜମାନଙ୍କ ଉପରେ ବଲ୍ ଟ୍ୟାମ୍ପରିଂର ଅଭିଯୋଗ ଲାଗିଥିଲା। ନିଲମ୍ବିତ ହେବା କାରଣରୁ ଫଖର ଜମାନ ଲାହୋର କଲନ୍ଦର୍ସର ଆଗାମୀ ଦୁଇଟି ମ୍ୟାଚ୍ ମୁତଲାନ ସୁଲତାନ୍ସ ଓ ଇସଲାମାବାଦ ୟୁନାଇଟେଡ୍ରୁ ବାହାର ହୋଇ ଯାଇଛନ୍ତି।



ଏହି ଅଭିଯୋଗ ଆର୍ଟିକଲ ୨.୧୪ର ଉଲ୍ଲଙ୍ଘନ ସହ ଜଡ଼ିତ ,ଯାହା ୨୯ ମାର୍ଚ୍ଚରେ ଗଦ୍ଦାଫି ଷ୍ଟାଡିୟମରେ କରାଚ୍ଚୀ କିଙ୍ଗସ୍ ବିରୋଧରେ ଲାହୋର କଲନ୍ଦର୍ସର ମ୍ୟାଚ୍ ବେଳେ ବଲର ସ୍ଥିତି ବଦଳାଇବା ସହ ଜଡ଼ିତ। ଏହି ଘଟଣା ମ୍ୟାଚ୍ର ଶେଷ ସମୟରେ ହୋଇଛି ,ଯେବେ ଅନ୍-ଫିଲ୍ଡ ଅମ୍ପାୟରମାନେ ଲାହୋର କଲନ୍ଦର୍ସରେ ପାଞ୍ଚ ରନ୍ର ପେନାଲ୍ଟି ଲଗାଇ ଥିଲେ ଏବଂ କରାଚ୍ଚୀ କିଙ୍ଗ୍ସର ଇନିଂସର ଶେଷ ଓଭର ପୂର୍ବରୁ ବଲ ବଦଳାଇବାର ନିର୍ଦ୍ଦେଶ ଦେଇଥିଲେ। ଫଖରଙ୍କ ଉପରେ ଅନ୍-ଫିଲ୍ଡ ଅମ୍ପାୟର ଶାହିଦ ସୈକତ ଓ ଫୈସଲ ଖାନ ଆଫ୍ରିଦୀଙ୍କ ସହ ଟିଭି ଅମ୍ପାୟର ଆସିଫ୍ ଯାକୁବ୍ ଓ ୪ର୍ଥ ଅମ୍ପାୟର ତାରିକ୍ ରଶିଦ ଅଭିଯୋଗ ଲଗାଇଥିଲେ। ସେ ଭୁଲକି ଅସ୍ୱୀକାର କରିଥିଲେ ଏବଂ ଅଭିଯୋଗର ବିରୋଧ କରିବାର ବିକଳ୍ପ ବାଛି ଥିଲେ , ଯେଉଁଥି ପାଇଁ ପୂରା ଡିସିପ୍ଲିନରୀ ଶୁଣାଣି ହୋଇଛି।

ଶୁଣାଣି କରୁଥିବା ମ୍ୟାଚ୍ ରେଫରୀ ରୋଶନ ମହାନାମା ପ୍ରମାଣର ସମୀକ୍ଷା କରିବା ଓ ଫଖରଙ୍କ ଦଲିଲ ଶୁଣିବା ପରେ ନିଷ୍ପତ୍ତି ଶୁଣାଇ ଥିଲେ। ଲାହୋର କଲନ୍ଦରର ଅଧିନାୟକ ଶାହିନ ଶାହ ଆଫ୍ରିଦୀ , ଟିମ୍ ଡାଇରେକ୍ଟର ସମୀନା ରାଣା ଓ ମ୍ୟାନେଜର ଫାରୁକ ଅନୱର କାର୍ଯ୍ୟାନୁଷ୍ଠାନ ବେଳେ ଉପସ୍ଥିତ ଥିଲେ। ଲେବଲ ୩ର ନିୟମ ଉଲଂଘନରେ ସର୍ବନିମ୍ନ ଗୋଟିଏ ମ୍ୟାଚ୍ ,ସର୍ବାଧିକ ଦୁଇଟି ମ୍ୟାଚ୍ ପାଇଁ ପ୍ରତିବନ୍ଧକ ଲାଗୁ ହେବ, ଯାହା ଫଖରଙ୍କ ଦଣ୍ଡର ସର୍ବୋଚ୍ଚ ସୀମା । ସେ ଏବେ ୩ ଏପ୍ରିଲରେ ଲାହୋରରେ ମୁଲତାନ ସୁଲତାନ ବିପକ୍ଷରେ ରାହୋର କଲନ୍ଦର୍ସର ଆଗାମୀ ମ୍ୟାଚ୍ ଏବଂ ଏପ୍ରିଲ ୯ ରେ କରାଚ୍ଚୀରେ ଇସଲାମାବାଦ ୟୁନାଇଟେଡ୍ ବିପକ୍ଷରେ ଖେଳି ପାରିବେ ନାହିଁ ।

ପିଏସଏଲ ଆଚ଼ରଣ ସଂହିତା ଅନୁଯାୟୀ, ଖେଳାଳିମାନେ ମ୍ୟାଚ୍ ରେଫରିଙ୍କ ଲିଖିତ ନିଷ୍ପତ୍ତି ପାଇବାର ୪୮ ଘଣ୍ଟା ଭିତରେ ଟୁର୍ଣ୍ଣାମେଣ୍ଟର ଟେକ୍ନିକାଲ୍ କମିଟି ନିକଟରେ ଏପରି ନିଷ୍ପତ୍ତି ବିରୁଦ୍ଧରେ ଆବେଦନ କରିବାର ଅଧିକାର ଅଛି।

# ଫ୍ଲାଇଟ୍ ଧରିବାକୁ ଅଧା ମ୍ୟାଚ୍‌ରୁ ପଡ଼ିଆ ଛାଡ଼ିଲେ ଖେଳାଳି

ଡର୍ବାନ,୩୧।୩: ଦକ୍ଷିଣ ଆଫ୍ରିକା ଘରୋଇ କ୍ରିକେଟ୍‌ରେ ଏକ ଅଜବ ଘଟଣା ଘଟିଛି। ମ୍ୟାଚ୍ ଚାଲିଥିବାବେଳେ ଫ୍ଲାଇଟ୍ ଧରିବାକୁ ଜଣେ ବୋଲର୍ ହଠାତ୍ ପଡ଼ିଆ ଛାଡ଼ି ଚାଲିଯାଇଛନ୍ତି। ଏହି ଖେଳାଳିଙ୍କ ନାମ ହେଉଛି ବେୟର୍ସ ସ୍ୱାନେପଏଲ୍। ତାଙ୍କ ଦଳ ଲାୟନ୍ସ ହାଇ ଓ ଟାଇଟନ୍ସ ମଧ୍ୟରେ ଏକ ଦିନିକିଆ ମ୍ୟାଚ୍ ଚାଲିଥିଲା। ଦ୍ୱିତୀୟ ଇନିଂସରେ ଲାୟନ୍ସ ଦଳ ବୋଲିଂ କରୁଥିବାବେଳେ ୪୩ତମ ଓଭରରେ ସେ ହଠାତ୍ ପଡ଼ିଆ ଛାଡ଼ି ସିଧା ଏୟାରପୋର୍ଟ ପଳାଇଥିଲେ। ଇଂଲଣ୍ଡର କାଉଣ୍ଟି ଦଳ ୱର୍ସେଷ୍ଟରସାୟାର୍‌ରେ ଯୋଗଦେବାକୁ ସେ ତରବରିଆ ଭାବେ ଫ୍ଲାଇଟ୍ ଧରିଥିଲେ। ସେପଟେ ତାଙ୍କ ଦଳ ୧୦ ଜଣ ଖେଳାଳିଙ୍କୁ ନେଇ ମ୍ୟାଚ୍ ସମ୍ପୂର୍ଣ୍ଣ କରିଥିଲା। କାରଣ ବେୟର୍ସଙ୍କ ବଦଳରେ ଅନ୍ୟ କୌଣସି ଫିଲ୍ଡରଙ୍କୁ ଅନୁମତି ଦେବାକୁ ଅମ୍ପାୟାର ମନା କରିଦେଇଥିଲେ। ସେ ଆହତ ହୋଇ ପଡ଼ିଆ ଛାଡ଼ିଥିବା ଅନ୍ୟ ଖେଳାଳିମାନେ ସଫେଇ ଦେଇଥିଲେ ବି ଅମ୍ପାୟାର ତାହାକୁ ଗ୍ରହଣ କରିନଥିଲେ। ଏହି ମ୍ୟାଚ୍‌ରେ ଟାଇଟାନ୍ସ ୩ ୱିକେଟ୍‌ରେ ବିଜୟୀ ହୋଇଥିଲା। ଏ ନେଇ ଦକ୍ଷିଣ ଆଫ୍ରିକା କ୍ରିକେଟ୍ ବୋର୍ଡ ଏକ ତଦନ୍ତ ନିର୍ଦ୍ଦେଶ ଦେଇଛି।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ